ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, April 3/2026 | Page 14 | ₹ 7.00 | BALASORE
୫୨ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 128 | ମୂଲ୍ୟ ₹୭/-



## କଙ୍ଗନାଙ୍କ କମ୍‌ବ୍ୟାକ୍

'କୁଇନ୍' ଚଳଚ୍ଚିତ୍ରର ୨ୟ ଭାଗ ମାଧ୍ୟମରେ କଙ୍ଗନା ରାଣାୱତ୍‌ଙ୍କର ଅଭିନୟ କ୍ଷେତ୍ରକୁ କମ୍‌ବ୍ୟାକ୍ ହେଉଥିବା ଚର୍ଚ୍ଚା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇଲାଣି।

୦୫

୧୪

## ରାହାନେଙ୍କ ୨୦୦ତମ ଆଇପିଏଲ୍ ମ୍ୟାଚ

କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଅଜିଙ୍କ୍ୟ ରାହାନେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ତାଙ୍କ କ୍ୟାରିୟରର ୨୦୦ତମ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି।





ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଆୟୋଜିତ ଯୁବକ୍ରାନ୍ତି ସମାବେଶ ଅବସରରେ ଲୋକସେବା ଭବନ ଘେରାଉବେଳେ ଲୋୟର ପିଏମ୍‌ଜି ନିକଟରେ କର୍ମୀମାନେ ବ୍ୟାରିକେଡ ଡେଇଁବା ସମୟରେ ପୋଲିସ ସହ ଧସ୍ତାଧସ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର) (ରିପୋର୍ଟ ପୃଷ୍ଠା: ୫)**

## ସରିଲା ମାଟ୍ରିକ୍ ଖାତାଦେଖା: ମେ' ୨ୟ ସପ୍ତାହରେ ପରୀକ୍ଷାଫଳ

**କଟକ,୨।୪(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷାର ଖାତାଦେଖା ଗୁରୁବାର ଶେଷ ହୋଇଛି। ମେ ୨ୟ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ତତ୍ପରତା ପ୍ରକାଶ ପାଉଥିବା ବୋର୍ଡ ସୂତ୍ରରୁ ଜଣାପଡ଼ିଛି। ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ଏକସଙ୍ଗେ ଅନୁଷ୍ଠିତ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ଲକ୍ଷ ୬୧ହଜାର ୯୭୯ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ମାଟ୍ରିକ ପରୀକ୍ଷାର୍ଥୀଙ୍କ ସବ୍‌ଜେକ୍ଟିଭ ପରୀକ୍ଷା ଖାତା ମୂଲ୍ୟାୟନ ମାର୍ଚ୍ଚ ୧୯ରୁ ☞ପୃଷ୍ଠା-୪

## ସକାଳୁଆ ସ୍କୁଲ ଆରମ୍ଭ

**ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)**

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଖରାତାତି ସହ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଏପରି ସ୍ଥିତିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ବେସରକାରୀ ସ୍କୁଲରେ ଏପ୍ରିଲ ୨ରୁ ଗ୍ରୀଷ୍ମ ଅବକାଶ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ଚାଲିବ। ଏନେଇ ବିଭାଗର କମିଶନର ତଥା ସଚିବ ଡ. ଏନ୍. ତିରୁମାଳା ନାଏକ ସମସ୍ତ ଜିଲାପାଳ ତଥା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ନିୟମାବଳୀ ଜାରି କରାଯାଇଛି। ସମସ୍ତ ସ୍କୁଲରେ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ହେବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଆଣବିକ ପ୍ରତିରୋଧ ଓ ମହାଶକ୍ତି

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଶତ୍ରୁ ଆତ୍ମସମର୍ପଣ ନ କରିବା ଯାଏ ଯୁଦ୍ଧ: ଇରାନ

**ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଉ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଉପରେ ଜୋରଦାର ଆକ୍ରମଣ ହେବ ଓ ଆଗାମୀ ଦୁଇ-ତିନି ସପ୍ତାହ ମଧ୍ୟରେ ଇରାନକୁ 'ପ୍ରସ୍ତର ଯୁଗ'କୁ ଫେରାଇ ଦେବାକୁ ଯୋଜନା କରାଯାଇଛି। ଇରାନର ନୌସେନା ଧ୍ୱଂସ ହୋଇସାରିଛି ଓ ବାୟୁସେନା ଧ୍ୱଂସ ପ୍ରାୟ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଏହାର ଜବାବ ଦେବାକୁ ଯାଇ ଏଣିକି ଧ୍ୱଂସାତ୍ମକ ଆକ୍ରମଣ କରାଯିବ କହି ଆମେରିକାକୁ ଚେତାବନୀ ଦେଇଛି। ଇରାନ ପୁଣି କହିଛି, ଯୁଦ୍ଧ ଆମେରିକା ଓ ଇସ୍ରାଏଲର ଆତ୍ମସମର୍ପଣ ପର୍ଯ୍ୟନ୍ତ ଚାଲିବ। ଉଭୟ ପଟ ଜିଦିରେ ଅଟଳ ଥିବାରୁ ଯୁଦ୍ଧ ବ୍ୟାପକ ରୂପ ଧାରଣ କରିବାର ଆଶଙ୍କା ବଢ଼ିଲାଣି।**

**ୱାଶିଂଟନ/ତେହରାନ୍,୨।୪**

ଇରାନର ସାମରିକ କ୍ଷମତାକୁ ଧ୍ୱଂସ କରିବା ଆମର ମୁଖ୍ୟ ରଣନୀତିକ ଲକ୍ଷ୍ୟ ଏବଂ ତାହା ସମ୍ପୂର୍ଣ୍ଣ ହେବାର ନିକଟତର ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ମଧ୍ୟପ୍ରାଚ୍ୟ ଯୋଜନା ସମ୍ପର୍କରେ ଗୁରୁବାର ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆଗାମୀ ୨ରୁ ୩ ସପ୍ତାହ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବା ସହ ଏହାର ଶକ୍ତି ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦିଆଯିବ। ଆମେ ଆମ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବୁ ଏବଂ ମଧ୍ୟପ୍ରାଚ୍ୟ ସହଯୋଗୀମାନଙ୍କୁ କ୍ଷତି ହେବାକୁ ଦେବୁନାହିଁ। ଆମେ ଇରାନକୁ ପ୍ରସ୍ତର ଯୁଗକୁ ଫେରାଇନେବୁ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

ଟ୍ରମ୍ପ୍‌ଙ୍କ ଚେତାବନୀର କଡ଼ା ଜବାବ ଦେଇଛି ଇରାନ। ଶତ୍ରୁପକ୍ଷ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇରାନ ସେନା ପକ୍ଷରୁ ଘୋଷଣା କରାଯାଇଛି। ଆମେରିକା ଏବଂ ଇସ୍ରାଏଲ୍‌କୁ କଡ଼ା ଚେତାବନୀ ଦେଇ ଇରାନ ସେନାର ଜଣେ ମୁଖପାତ୍ର ଅଧିକ ଧ୍ୱଂସାତ୍ମକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି। ଉଭୟ ପକ୍ଷଙ୍କ ପରସ୍ପର ପ୍ରତି କଠୋର ଆଭିମୁଖ୍ୟରୁ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେବାକୁ ଯାଉଥିବା ସୂଚନା ମିଳିଛି। ଏହାର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଏବଂ ଷ୍ଟକ୍ ମାର୍କେଟ ଉପରେ ପଡ଼ିଛି।

ଟ୍ରମ୍ପ୍ ଆମେରିକାର ସହଯୋଗୀ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ଦେଶଙ୍କୁ ସାହସ ଦେଖାଇବା ସହ ଇରାନ ନିୟନ୍ତ୍ରଣରେ ଥିବା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଆହ୍ୱାନ ☞ପୃଷ୍ଠା-୪

## ଇରାନକୁ ପ୍ରସ୍ତର ଯୁଗକୁ ନେଇଯିବୁ: ଟ୍ରମ୍ପ୍



ଡୋନାଲ୍ଡ ଟ୍ରମ୍ପ୍



ଖାତମ୍ ଅଲ୍-ଅନବ୍ୟା

15001/2/2627





ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)



ଗୁଡ୍ ଫ୍ରାଇଡେ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002



କାର୍‌ଗୁଡ଼ିକ ଟାଙ୍କିରେ ଗ୍ୟାସ୍ ଭରିବା ପାଇଁ ଲସ୍ ଏଞ୍ଜେଲ୍ସର କୋଷ୍ଟକୋ ଗ୍ୟାସ୍ ଷ୍ଟେଶନ ଆଗରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଲୋକ ସଭା ଆସନ ୮୧୬କୁ ବଢ଼ିବ

## ୧୬ରୁ ୩ ଦିନ ପାଇଁ ପୁଣି ବଜେଟ ଅଧିବେଶନ

ନୂଆଦିଲ୍ଲୀ,୨।୪(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପକାଳୀନ ଅବକାଶ ପରେ ଏପ୍ରିଲ ୧୬ରୁ ପୁଣି ଚାଲିବ। ବିଶେଷକରି ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ସଂକ୍ରାନ୍ତ ବିଧେୟକକୁ ଏହି ସମୟରେ ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ। ମହିଳା ସଂରକ୍ଷଣ ଆଇନକୁ ଯଥାଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଇବା ପାଇଁ ଆସନ ସଂଖ୍ୟା ବଢ଼ାଯାଉଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ୪ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇପାରନ୍ତି।



ସରକାର ମହିଳା ସଂରକ୍ଷଣ ବିଲ୍ ବା ନାରୀ ବନ୍ଦନ ଅଧିନିୟମ, ୨୦୨୩ରେ ସଂଶୋଧନ ସମେତ କେତେକ ବିଲ୍‌କୁ ଗୃହୀତ କରାଇବା ପାଇଁ ଆଗ୍ରହୀ। ତେବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ରାଜନୈତିକ ଫାଇଦା ହାସଲ ପାଇଁ ଅତି ତରବରିଆ ଭାବେ ସଂଶୋଧନଗୁଡ଼ିକୁ ପାରିତ କରାଇବାକୁ ଉଦ୍ୟମ ଚଳାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ ପ୍ରସ୍ତାବିତ ଆଇନଗୁଡ଼ିକ ପାଇଁ ଏହି ଅଧିବେଶନ ୩ ଦିନ ଚାଲିବ। ଏନେଇ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ଜଣାଇ ଦିଆଯାଇଛି। ପ୍ରଥମେ ମହିଳା ସଂରକ୍ଷଣ ବିଧେୟକ ଆଗତ କରାଯିବ। ରାଜ୍ୟ ସଭାରେ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମ୍ବୋଧନ ବେଳେ ଏ ସଂକ୍ରାନ୍ତରେ ସଙ୍କେତ ଦେଇଥିଲେ। ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ, ବିଧାନସଭା ନିର୍ବାଚନ ଶେଷ ହେବା ପରେ ଏପ୍ରିଲ ୨୯ରେ ଏକ ସର୍ବଦଳୀୟ ବୈଠକ କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁହେବା ସତ୍ତ୍ୱେ ସରକାର ଏହି ବିଲ୍‌ଗୁଡ଼ିକୁ ଆଣୁଥିବା ସେ ଅଭିଯୋଗ କରିଥିଲେ।

# ୭ ନ୍ୟାୟିକ ଅଧିକାରୀଙ୍କୁ ୯ ଘଣ୍ଟା ପଣବନ୍ଦୀ

## ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବିଭ୍ରାଟ

କୋଲକାତା,୨।୪

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଜାରି ରହିଥିବାବେଳେ ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଯିବା ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ଯୋଗୁ ମାଲଦା ଜିଲାରେ ଯେଉଁମାନଙ୍କ ନାମ କଟିଯାଇଛି, ସେମାନଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତି ବୁଧବାର ଅପରାହ୍ଣରେ କାଳିଆଚକରେ ୭ ନ୍ୟାୟିକ ଅଧିକାରୀଙ୍କୁ ଦୀର୍ଘ ୯ ଘଣ୍ଟା ଧରି ପଣବନ୍ଦୀ ରଖିଥିଲେ। ପଣବନ୍ଦୀ ଥିବା ଅଫିସରଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଗୁରୁବାର ରାତି ପ୍ରାୟ ୧ଟାରେ ପୋଲିସ ଓ ଅର୍ଦ୍ଧସାମରିକ ବଳର ଏକ ବଡ଼ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ହଟାଇବା ସହ ଜୁଡିସିଆଲ ଅଫିସରମାନଙ୍କୁ ଉଦ୍ଧାର କରିଥିଲେ। ଏଥିସହ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ।

ପଶ୍ଚିମବଙ୍ଗ ବିଧାନସଭାର ୨୯୪ ଆସନ ପାଇଁ ଏପ୍ରିଲ ୨୩ ଓ ୨୯ରେ ନିର୍ବାଚନ ହେବାକୁ ଥିବାରୁ ଜୁଡିସିଆଲ ଅଫିସରମାନେ ବର୍ତ୍ତମାନ ବିବାଦୀୟ ପ୍ରସଙ୍ଗର ସମାଧାନ କାର୍ଯ୍ୟ ଶେଷ ପାଇଁ ତତ୍ପରତା ଦେଖାଉଛନ୍ତି। ମାଲଦାରେ ଅନେକ ଭୋଟରଙ୍କ ନାମ କଟିଯାଇଥିବାରୁ ବୁଧବାର ଏକ ବଡ଼ ବିକ୍ଷୋଭ କରାଯାଇଥିଲା। ଭୋଟରଙ୍କ ଏକ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଚାରବିଭାଗୀୟ ଅଧିକାରୀମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ରିପୋର୍ଟ ଅନୁଯାୟୀ ନ୍ୟାୟିକ ଅଧିକାରୀମାନଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରି ଅନ୍ୟତ୍ର ନିଆଯାଉଥିବାବେଳେ ସେମାନଙ୍କ ଗାଡ଼ିକୁ ଆକ୍ରମଣ ଉଦ୍ୟମ ହୋଇଥିଲା। ଏପରି କି ଉତ୍ୟକ୍ତ ଲୋକଙ୍କ ଟେକାମାଡ଼ରେ ଏକ କାର୍‌ର କାଚ ଭାଙ୍ଗିଯାଇଥିବା ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି। ନିର୍ବାଚନ କମିଶନ (ଇସି) ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ଏହି ଅଭାବନୀୟ ଘଟଣା ପାଇଁ ବିରୋଧୀ ଭାଜପା ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ଭାଜପାର ପୂର୍ବତନ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି, ଏସ୍‌ଆଇଆର୍ ବିବାଦ ଉପରେ ଇସିଙ୍କ ବିରୋଧରେ ଟିଏମ୍‌ସି ନେତାମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବାରୁ ଏହାର ଫଳସ୍ୱରୂପ ନ୍ୟାୟିକ ଅଧିକାରୀମାନଙ୍କୁ ଏପରି ହଇରାଣ ହେବାକୁ ପଡ଼ିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସୁକାନ୍ତ ଆହୁରି କହିଛନ୍ତି, ଏସ୍‌ଆଇଆର୍ ଏକ ସର୍ବଭାରତୀୟ ପ୍ରକ୍ରିୟା। କିନ୍ତୁ ଅନ୍ୟ ରାଜ୍ୟରେ ଏପରି କି ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ମଧ୍ୟ ଏଭଳି ଅରାଜକତା ଦେଖିବାକୁ ମିଳୁନାହିଁ। ପଶ୍ଚିମବଙ୍ଗରେ ଶାସକ ଦଳ ଓ ରାଜ୍ୟ ପ୍ରଶାସନ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଆରମ୍ଭରୁ ବିରୋଧ କରିଆସିଥିବାରୁ ଏଠାରେ ଏପରି ବ୍ୟତିକ୍ରମ ଘଟୁଛି। ଏହାର ଜବାବରେ ଟିଏମ୍‌ସି କହିଛି, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ନ୍ୟାୟିକ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ଇସିଙ୍କ ଦାୟିତ୍ୱ। ଶାସକ ଦଳ ଆଇନ ହାତକୁ ନେବାରେ ବିଶ୍ୱାସ କରେନାହିଁ। ତେବେ ଭୋଟର ତାଲିକାରୁ ବହୁସଂଖ୍ୟକ ମତଦାତାଙ୍କ ନାମ ବାଦ୍ ଦିଆଯାଇଥିବାରୁ ଆମେ ଏହାର ବିରୋଧ କରୁଛୁ ବୋଲି ଟିଏମ୍‌ସି ସାଧାରଣ ସମ୍ପାଦକ ତଥା ବେଲେଘାଟା ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହୋଇଥିବା କୁନାଲ ଘୋଷ କହିଛନ୍ତି।



ମାଲଦାରେ ଲୋକେ ପଣବନ୍ଦୀ କରି ରଖିଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଅର୍ଦ୍ଧସାମରିକ ବଳ ଉଦ୍ଧାର କରି ନେଉଛି।

### ରାଷ୍ଟ୍ରପତି ଶାସନ ପାଇଁ ଷଡ଼ଯନ୍ତ୍ର କରୁଛି ଭାଜପା: ମମତା



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ମାଲଦା ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହ ଜୁଡିସିଆଲ ଅଫିସରଙ୍କୁ ଘେରାଉ ପାଇଁ ଭାଜପା ଏବଂ ନିର୍ବାଚନ କମିଶନଙ୍କୁ ଦାୟୀ କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ମୁର୍ଶିଦାବାଦର ସୁତି ଓ ସାଗରଡ଼ିହିରେ ପ୍ରଚାରବେଳେ କହିଛନ୍ତି, ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଅସମୟରେ ରାଷ୍ଟ୍ରପତି ଶାସନ ଜାରି କରାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଘଟଣାର ଷଡ଼ଯନ୍ତ୍ର ରଚିଥିଲେ। ତେବେ ଘଟଣା ଘଟିବାବେଳେ କେହି ତାଙ୍କୁ ଏନେଇ ଅବଗତ କରାଇ ନ ଥିବା ମମତା କହିଛନ୍ତି।

# ସିବିଆଇ/ଏନ୍‌ଆଇଏ ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୪(ପି.ଟି./ଲାଇଭ୍ ଲ)

ପଶ୍ଚିମବଙ୍ଗ ମାଲଦା ଜିଲାର ଏକ ସରକାରୀ ଅଫିସରେ ୭ ନ୍ୟାୟିକ ଅଧିକାରୀଙ୍କୁ ଅନେକ ଘଣ୍ଟା ଧରି ଘେରାଉ କରାଯିବା ଉପରେ ଗୁରୁବାର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା କେବଳ ଭୋଟର ତାଲିକାର ଏସ୍‌ଆଇଆର୍‌କୁ ଭଣ୍ଡୁର କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ସର୍ବୋଚ୍ଚ ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ସଦୃଶ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଆର୍ ସମ୍ପର୍କିତ ବିବାଦ ଏବଂ ଭୋଟରଙ୍କ ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରୂପେ ଅନେକ ଶହ ଜୁଡିସିଆଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ବିନା ଖାଦ୍ୟପେୟରେ ଏକ ସରକାରୀ ଅଫିସରେ ଅନେକ ଘଣ୍ଟା ଧରି ଅଟକ ରଖାଯିବା ଘଟଣା ପଶ୍ଚିମବଙ୍ଗରେ ପୋଲିସ ପ୍ରଶାସନର ସମ୍ପୂର୍ଣ୍ଣ ବିଫଳତାକୁ ପଦାରେ ପକାଇଛି ବୋଲି ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ଜୟମାଲା ବାଗଚୀ ଏବଂ ବିପୁଲ ଏମ୍. ପାଞ୍ଚୋଲି ସାମିଲ ଥିବା ଖଣ୍ଡପୀଠ ଉକ୍ତ ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବାକୁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି। ଏଥିସହ ରାଜ୍ୟ ଗୃହ ସଚିବ, ଡିଜିପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ସେମାନଙ୍କ ନିଷ୍କ୍ରିୟତା ଉପରେ ଜବାବ ମାଗିଛନ୍ତି। ଖଣ୍ଡପୀଠରେ ଅଧ୍ୟକ୍ଷତା କରୁଥିବା ସିଜେଆଇ ସୂର୍ଯ୍ୟ କାନ୍ତ ଏହା ଉପରେ ଜରୁରୀ ଶୁଣାଣି ବେଳେ କହିଛନ୍ତି, ନ୍ୟାୟିକ ଅଧିକାରୀମାନଙ୍କୁ ଦୀର୍ଘ ସମୟ ଧରି ପଣବନ୍ଦୀ ରଖାଯିବାବେଳେ ରାଜନେତାମାନେ କ'ଣ କରୁଥିଲେ। ସେମାନେ କ'ଣ ଘଟଣାସ୍ଥଳକୁ ଯାଇ ସ୍ଥିତି ଶାନ୍ତ କରାଇପାରି ନ ଥାଆନ୍ତେ?

ଏହି ଘଟଣାକୁ ନେଇ ଚକିତ ହୋଇଯାଇଥିବା ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ସୋମବାର ଅପରାହ୍ଣ ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅଟକ ଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଶେଷରେ ପୋଲିସ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଥିବାବେଳେ ସେମାନଙ୍କ ଉପରକୁ ଟେକାମାଡ଼ କରାଯାଇଥିଲା। ଏହା ଏକ ଯୋଜନାବଦ୍ଧ ଓ ପ୍ରାୟୋଜିତ ଘଟଣା, ଯାହାକି ଜୁଡିସିଆଲ ଅଫିସରମାନଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଉଦ୍ଦିଷ୍ଟ ଥିଲା। ଜୁଡିସିଆଲ ଅଫିସରଙ୍କ ମନରେ ଭୟ ସୃଷ୍ଟି କରି ଆଇନ ହାତକୁ ନେବାକୁ ଦିଆଯିବ ନାହିଁ ବୋଲି ସିଜେଆଇ କହିଛନ୍ତି। ଜଷ୍ଟିସ୍ ବାଗଚୀ କହିଛନ୍ତି, ନେତାମାନେ ଶାସକ ଦଳର ହୁଅନ୍ତୁ କି ବିରୋଧୀ, ଏହି ଘଟଣାକୁ ଏକ ସ୍ୱରରେ ନିନ୍ଦା କରିବା ଜରୁରୀ। ଜୁଡିସିଆଲ ଅଫିସରମାନଙ୍କ ଅର୍ଡରକୁ ସୁପ୍ରିମକୋର୍ଟଙ୍କ ରାୟ ବୋଲି ଗ୍ରହଣ କରାଯିବା ଆବଶ୍ୟକ। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଜୁଡିସିଆଲ ଅଫିସରମାନଙ୍କ ଜୀବନ, ସ୍ୱାଧୀନତା ଓ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ବଳ ମଗାଇବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, କଲିକତା ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲ ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନକୁ ଅବଗତ କରାଇଥିଲେ। କିନ୍ତୁ ରାତି ୮ଟା ୩୦ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହା ପରେ ଅଫିସରମାନେ ଗୃହ ସଚିବ, ଡିଜିପି ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଯୋଗାଯୋଗ କରିଥିଲେ। ତତ୍କାଳ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନା ଦିଆଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ପଡ଼ିଲା।

### ଏସ୍‌ଆଇଆର୍‌କୁ ଭଣ୍ଡୁର, ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ଉଦ୍ୟମ: ସିଜେଆଇ



# ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ଅପ୍‌ଡେଟ୍ ଆବଶ୍ୟକ: ମୋଦି



ନୂଆଦିଲ୍ଲୀ,୨।୪(ପି.ଟି.)

ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ନିରନ୍ତର ଅପ୍‌ଡେଟ୍ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। 'ସାଧନା ସପ୍ତାହ' ଶୁଭାରମ୍ଭ ଅବସରରେ ଏକ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଶାସନ ଲୋକମାନଙ୍କ ଜୀବନଯାପନକୁ ସହଜ କରିବା ଏବଂ ଦୈନନ୍ଦିନ ଭିତ୍ତିରେ ନାଗରିକଙ୍କ ଜୀବନଧାରଣ ମାନ ବଢ଼ାଇବା ଆବଶ୍ୟକ। ଆମ ଦେଶରେ ଶାସନର ସିଦ୍ଧାନ୍ତ 'ନାଗରିକ ଦେବୋ ଭବଃ' ମନ୍ତ୍ର ଉପରେ ଆଧାରିତ। ଏହି ମନ୍ତ୍ର ସାମୂହିକ ମନୋଭାବ ସହିତ ଜନସେବାକୁ ଅଧିକ ସମର୍ଥ କରିବା ଏବଂ ନାଗରିକମାନଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ କରିବା ପାଇଁ ଉଦ୍ଦିଷ୍ଟ।

# କଂଗ୍ରେସ ଇସ୍ତାହାରରେ ୧୧ ସଂକଳ୍ପନାମା

## ଆସାମ ନିର୍ବାଚନ ପାଇଁ ଜାରିକଲେ ରାହୁଲ

ବୋକାଜାନ୍,୨।୪

ଆସାମ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଦଳର ଇସ୍ତାହାର ଜାରି କରିଛନ୍ତି। ସେଥିରେ ୧୧ଟି ସଂକଳ୍ପନାମା ରହିଛି। ଶାସନ, ପରିଚୟ, ଭିତ୍ତିଭୂମି ବିକାଶ, ଉଦ୍ୟୋଗୀକରଣ, କୃଷି, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା ଏବଂ ଆସାମର ସୁରକ୍ଷା ଆଦି ୧୧ଟି ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଛି। ବୋକାଜାନ୍‌ଠାରେ ଏକ ନିର୍ବାଚନୀ ରାଲିରେ ରାହୁଲଙ୍କ ସହ ଦଳର ଆସାମ ସଭାପତି ଗୌରବ ଗୋଗୋଇ ଓ ଅନ୍ୟ ବରିଷ୍ଠ ନେତାମାନେ କଂଗ୍ରେସ ଇସ୍ତାହାର ଉନ୍ମୋଚନ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗତ ୨୯ ତାରିଖରେ ଆସାମ ଗସ୍ତରେ ଯାଇଥିବାବେଳେ ଦଳର ୫ଟି ଗ୍ୟାରେଣ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଉକ୍ତ ଗ୍ୟାରେଣ୍ଟି ମଧ୍ୟରେ ରହିଛି ମହିଳାଙ୍କ କଲ୍ୟାଣ, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଜମି ଅଧିକାର ଏବଂ ଜୁବିନ୍ ଗର୍ଗ ମୃତ୍ୟୁ ମାମଲାରେ ନ୍ୟାୟ ପ୍ରଦାନ। ମହିଳାଙ୍କୁ ଆର୍ଥିକ ସହାୟତା ସମେତ ଯେଉଁମାନେ ବ୍ୟବସାୟ ବଢ଼ାଇବାକୁ ଚାହିଁବେ ସେମାନଙ୍କୁ ଅତିରିକ୍ତ ୫୦,୦୦୦ ଟଙ୍କା ଯୋଗାଇ ଦିଆଯିବ ବୋଲି ଉକ୍ତ ଗ୍ୟାରେଣ୍ଟିରେ କୁହାଯାଇଥିଲା।

# ରାଜ୍ୟ ସଭା ଉପନେତା ପଦରୁ ରାଘବ ଚଡ୍ଢାଙ୍କୁ ବିଦାକଲା ଆପ୍

ନୂଆଦିଲ୍ଲୀ,୨।୪

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁରୁବାର ରାଜ୍ୟ ସଭା ସଚିବାଳୟକୁ ଏକ ପତ୍ର ଲେଖି ଏହାର ଏମ୍‌ପି ରାଘବ ଚଡ୍ଢାଙ୍କୁ ଗୃହରେ ଦଳର ଉପନେତା ପଦରୁ ବହିଷ୍କାର କରିବା ପାଇଁ କହିଛି। ତାଙ୍କ ସ୍ଥାନରେ ପଞ୍ଜାବ ଏମ୍‌ପି ଅଶୋକ ମିତ୍ତଲଙ୍କୁ ଦଳର ଉପନେତା କରାଯିବାକୁ ଆପ୍ ପ୍ରସ୍ତାବ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଥିବା ଚଡ୍ଢାଙ୍କୁ ଦଳୀୟ କୋଟାରେ ଗୃହରେ କହିବା ପାଇଁ ସମୟ ନ ଦେବାକୁ ମଧ୍ୟ ଆପ୍ କହିଛି।

ଆପ୍ ସମ୍ପର୍କିତ ପ୍ରସଙ୍ଗରେ ଚଡ୍ଢା ଦୀର୍ଘଦିନ ହେଲା ନୀରବ ରହିଛନ୍ତି।



ଆପ୍ ନେତା ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଜନସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ସେ ଅନୁପସ୍ଥିତ ରହୁଛନ୍ତି। ତେଣୁ ତାଙ୍କୁ ଉଚ୍ଚ ସଦନରେ ଦଳୀୟ ଉପନେତା ପଦରୁ ହଟାଇବା ପାଇଁ ଆପ୍ ନିଷ୍ପତ୍ତି ନେଇଛି।

# ଜୁନ୍ ଯାଏ ପେଟ୍ରୋକେମିକାଲ୍ ଉତ୍ପାଦ ଉପରୁ ଆମଦାନୀ ଶୁଳ୍କ ଛାଡ଼

ନୂଆଦିଲ୍ଲୀ,୨।୪(ପି.ଟି.)

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଥିବାବେଳେ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ପେଟ୍ରୋକେମିକାଲ୍ ଉତ୍ପାଦଗୁଡ଼ିକର ଆମଦାନୀ ଉପରୁ ଶୁଳ୍କ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ ୩ ମାସ ପାଇଁ ଆମଦାନୀ ଶୁଳ୍କ ଛାଡ଼ କରାଯିବ। ସରକାର ଗୁରୁବାର ଏହା ଘୋଷଣା କରିବା ପରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀ, ରାସାୟନିକ ଓ ପୋଷାକ ଶିଳ୍ପଗୁଡ଼ିକୁ ଆଶ୍ୱସ୍ତି ମିଳିଛି। ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଯୋଗାଣ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ୩ ମାସିଆ ରିହାତି ପାଇଁ ସରକାରଙ୍କୁ ୧,୮୦୦ କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିବ।

# ବିଦେଶରେ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨।୪(ପି.ଟି.)

ବିଦେଶରେ ରହୁଥିବା ଭାରତୀୟ କର୍ମଚାରୀମାନଙ୍କ ଅବସ୍ଥା ସମ୍ପର୍କିତ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ହେଲା ବିଦେଶ ମାଟିରେ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟୁଛି। ଅଧିକାଂଶ ମୃତ୍ୟୁ ଉପସାଗରୀୟ ଦେଶଗୁଡ଼ିକରେ ହେଉଥିବା ରାଜ୍ୟ ସଭାରେ ପୂର୍ବରୁ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରଖିଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି। ସେ ଉପସ୍ଥାପନ କରିଥିବା ସରକାରୀ ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମଧ୍ୟରେ ବିଦେଶରେ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁସଂଖ୍ୟା ୩୭,୭୪୦। ତେବେ ମୃତ୍ୟୁର କାରଣ ସମ୍ପର୍କରେ ସବିଶେଷ ବିବରଣୀ ଦିଆଯାଇନାହିଁ।

ତଥ୍ୟ ଅନୁଯାୟୀ, ୨୦୨୧ରେ ବିଦେଶରେ ସର୍ବାଧିକ ୮,୨୩୪ ଜଣ ଭାରତୀୟ କର୍ମଚାରୀ ପ୍ରାଣ ହରାଇଥିଲେ। ୨୦୨୨ରେ ଏହି ସଂଖ୍ୟା ୬,୬୧୪କୁ ହ୍ରାସ ପାଇଥିଲା। ୨୦୨୩ରେ ବିଦେଶରେ ଭାରତୀୟଙ୍କ ମୃତ୍ୟୁସଂଖ୍ୟା ୭,୨୯୧, ୨୦୨୪ରେ ୭,୭୪୭ ଏବଂ ୨୦୨୫ରେ ୭,୮୫୪ ରହିଛି। ଉକ୍ତ ମୃତ୍ୟୁସଂଖ୍ୟାର ୮୬ ପ୍ରତିଶତରୁ ଅଧିକ ଉପସାଗରୀୟ ଦେଶଗୁଡ଼ିକରେ ବୋଲି ଜଣାପଡ଼ିଛି। ୫ ବର୍ଷରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ସର୍ବାଧିକ ୧୨,୩୮୦ ଜଣ ଏବଂ ସାଉଦି ଆରବରେ ୧୧,୭୫୭ ଜଣ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେହିପରି କୁଏତ୍‌ରେ ୩,୮୯୦, ଓମାନରେ ୨,୮୨୧, ମାଲେସିଆରେ ୧,୯୧୫ ଏବଂ କାତାରରେ ୧,୭୬୦ ଜଣ ଭାରତୀୟ ପ୍ରାଣ ହରାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଉକ୍ତ ସମୟ ମଧ୍ୟରେ ବିଦେଶରେ ଥିବା ଭାରତୀୟ ମିଶନଗୁଡ଼ିକୁ ଭାରତୀୟଙ୍କଠାରୁ ଆକ୍ରମଣ, ଶୋଷଣ ଏବଂ କାର୍ଯ୍ୟସ୍ଥଳରେ ହଇରାଣ ସମ୍ପର୍କିତ ୮୦,୯୮୫ଟି ଅଭିଯୋଗ ମିଳିଥିଲା। ୟୁଏଇରୁ ସର୍ବାଧିକ ୧୬,୯୬୫ ଅଭିଯୋଗ ଆସିଥିବାବେଳେ କୁଏତ୍‌ରୁ ୧୫,୨୩୪, ଓମାନ୍‌ରୁ ୧୩,୨୯୫ ଏବଂ ସାଉଦି ଆରବରୁ ୧୨,୯୮୮ଟି ଅଭିଯୋଗ ଆସିଥିଲା।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ | Bhubaneswar, Friday, April 3/2026




ଆର୍ଟେମିସ୍-୨: ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ମହାକାଶଚାରୀମାନଙ୍କୁ ନେଇ ଚନ୍ଦ୍ର ଅଭିମୁଖେ ଯାତ୍ରା କରୁଛି।

# ଚନ୍ଦ୍ରକୁ ମହାକାଶଚାରୀ ପଠାଇଲା ନାସା

**କେପ୍ କାନାଭେରାଲ,୨।୪**

ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ପରେ ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ବୁଧବାର ଚନ୍ଦ୍ର ଅଭିମୁଖେ ୪ ଜଣ ମହାକାଶଚାରୀଙ୍କୁ ପଠାଇଛି। ଆର୍ଟେମିସ୍-୨ ନାମରେ ଏହି ଚନ୍ଦ୍ର ଅଭିଯାନ ୩ ଜଣ ଆମେରିକୀୟ ଏବଂ ଜଣେ କାନାଡୀୟ ମହାକାଶଚାରୀ ଯାଇଛନ୍ତି। ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ସେମାନଙ୍କୁ ନେଇ ମହାକାଶ ଅଭିମୁଖେ ଯାତ୍ରା କରିଛି। ରକେଟ ଉତ୍କ୍ଷେପଣ ବେଳେ ଏହାକୁ ଦେଖିବା ପାଇଁ ଆଖପାଖ ରାସ୍ତା ଓ ବେଳାଭୂମିରେ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ସୂଚନାଯୋଗ୍ୟ, ୬୦ ଦଶକରେ ନାସା ଚନ୍ଦ୍ରକୁ ଆପୋଲୋ ମହାକାଶ ଯାନ ସହାୟତାରେ ମହାକାଶଚାରୀଙ୍କୁ ପଠାଇଥିଲା। ଚନ୍ଦ୍ରରେ ମାନବ ଉପସ୍ଥିତି ଦିଗରେ ଏହା ନାସାର ସବୁଠୁ ବଡ଼ ପଦକ୍ଷେପ ହୋଇ ରହିଛି। ଆର୍ଟେମିସ୍-୨ ମଧ୍ୟ ସେହି ଫ୍ଲୋରିଡା ଲଞ୍ଚ୍ ସାଇଟ୍‌ରୁ ଅଭିଯାନ ଆରମ୍ଭ ☞ପୃଷ୍ଠା-୫

# ରିଲ୍ସ: ନଦୀକୁ ଡେଇଁ ଜୀବନ ଗଲା

**ସୋସିଆଲ ମିଡିଆରେ ରିଲ୍ସ ଓ ଭାଇରାଲ ଭିଡିଓ ପାଇଁ ଯୁବତୀଯୁବକମାନେ ବିପଦଜନକ ଷ୍ଟଣ୍ଟ କରି ଜୀବନ ହରାଉଛନ୍ତି। ଲାଇକ୍ସ, କମେଣ୍ଟ୍ସ ଓ ଶେୟାର ବଢ଼ାଇବା ପାଇଁ ଜୀବନକୁ ବାଜି ଲଗାଇବା ଏବେ ଏକ ବଡ଼ ସାମାଜିକ ସମସ୍ୟା ହୋଇପଡ଼ିଛି। ଗୁରୁବାର ଭଦ୍ରକରେ ଏଭଳି ଏକ ଅଘଟଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ବର୍ଞ୍ଚ ଯାଇଛନ୍ତି। ଗତ ୨ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରିଲ୍ସ କରୁଥିବା ସମୟରେ ୭ଜଣଙ୍କ ପ୍ରାଣହାନୀ ଘଟିଲାଣି। ବିପଦପୂର୍ଣ୍ଣ ଅବସ୍ଥାରେ ରିଲ୍ସ କରି ନିଜ ଜୀବନକୁ ବିପଦରେ ନ ପକାଇବାକୁ ସଚେତନତା ସୃଷ୍ଟି କରାଯାଉଥିଲେ ହେଁ ଯୁବପିଢ଼ି ଅମାନିଆ ହେବାରୁ ଏଭଳି ଗୋଟେ ପରେ ଗୋଟେ ଅକାଳରେ ଜୀବନ ଚାଲିଯାଉଛି।**

**ଭଦ୍ରକ/ପାଟଣା,୨।୪ (ସନାତନ ରାଉତ/ବୀରକିଶୋର ଦାଶ)**

ଭଦ୍ରକ ଜିଲା ଟାଉନ ଥାନା ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ପୋଲ ଉପରୁ ସାଳନ୍ଦୀ ନଦୀକୁ ଡେଇଁ ରିଲ୍ସ କରିବା ଜଣେ ଯୁବକଙ୍କ ପାଇଁ କାଳ ସାଜିଛି। ନଦୀରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅଧୀନ ବାଉଁଶୁଳି ପଞ୍ଚାୟତ ଭୁଲୁଦା ରାଜବନ୍ଧ ସାହିର ମିଥୁନ ନାଏକ(୨୫)। ସୂଚନା ଅନୁଯାୟୀ, ମିଥୁନ ଏବଂ ତୁରୁମୁଙ୍ଗା ଥାନା ଅଞ୍ଚଳର ଅନ୍ୟ ୨ଯୁବକ ଭଦ୍ରକର ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ଅଞ୍ଚଳରେ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ଗୁରୁବାର କୌଣସି କାମ ନ ମିଳିବାରୁ ପୂର୍ବାହ୍ନ ୧୧ଟା ବେଳେ ରିଲ୍ସ କରିବାକୁ ସାଳନ୍ଦୀ ନଦୀ ପୋଲକୁ ଆସିଥିଲେ। ୨ଜଣ ପୋଲ ଉପରୁ ନଦୀକୁ ଡେଉଁଥିବା ବେଳେ ଆଉ ଜଣେ ସାଥୀ ଯୁବକ ମୋବାଇଲରେ ଭିଡିଓ ଶୁଟିଂ କରିଥିଲେ। ଜଣେ ଯୁବକ ଡେଇଁବା ପରେ ଆଉ ଜଣେ ଯୁବକ ଡିଆଁ ମାରିଥିଲେ। ତେବେ ପ୍ରଥମ ଯୁବକ ଜଣକ ଉପରକୁ ଉଠି ଆସିଥିବାବେଳେ ମିଥୁନ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ ପାଣିରୁ ଉପରକୁ ନ ଆସିବାରୁ ସାଥୀ ୨ ଯୁବକ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ପୁରୁଣାବଜାର ପୋଲିସ ଓ ଭଦ୍ରକ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ନିଶାସକ୍ତ ଅବସ୍ଥାରେ ୨ ଯୁବକ ପୋଲ ଉପରୁ ନଦୀକୁ ଡେଇଁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏବେ ଉକ୍ତ ରିଲ୍ସ ଭାଇରାଲ ☞ପୃଷ୍ଠା-୫

## ୨ବର୍ଷରେ ଗଲାଣି ୭ ଜୀବନ

ଗତ ଦୁଇ ବର୍ଷ (ଏପ୍ରିଲ ୨୦୨୪ରୁ ୨ ଏପ୍ରିଲ ୨୦୨୬) ମଧ୍ୟରେ ଓଡ଼ିଶାରେ ସୋସିଆଲ ମିଡିଆ 'ରିଲ୍' ଶୁଟିଂ ସମୟରେ ଅତିକମ୍‌ରେ ୬ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କିତ ତଥ୍ୟ ରହିଛି। ଯଦିଓ ସରକାରୀ ଭାବେ 'ରିଲ୍‌ଜନିତ ମୃତ୍ୟୁ' ପାଇଁ କୌଣସି ସ୍ୱତନ୍ତ୍ର ବିଭାଗ ନାହିଁ, ତଥାପି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ପୋଲିସ ଏହି 'ରିଲ୍ ନିଶା'କୁ ଅଘଟଣର ଏକ ପ୍ରମୁଖ କାରଣ ଭାବେ ଚିହ୍ନଟ କରିଛନ୍ତି। ଏଭଳି ମୃତ୍ୟୁ ସଂଖ୍ୟାରେ ଓଡ଼ିଶା ଭାରତରେ ୮ମ ସ୍ଥାନରେ ରହିଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୨୪ ଅକ୍ଟୋବର ୧୪ରେ ବାଲେଶ୍ୱର ଜିଲା ସୋରୋ ନିକଟ ଅମ୍ବାହଟା କେନାଲରେ ରିଲ୍ସ କରିବା ସମୟରେ ଦୁଇ ନାବାଳକ ଦୀପୁ ନାୟକ ଏବଂ ଅଶୋକ ଦାସ ବୁଡ଼ି ଯାଇଥିଲେ। ଜଣଙ୍କର ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିବାବେଳେ ଅନ୍ୟଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପ୍ରାଣ ହରାଇଥିଲେ। ☞ପୃଷ୍ଠା-୫



# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଶ୍ରୀକ୍ଷେତ୍ର ନଗର, ସମଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡକ ମେଳା ଶୁଭାରମ୍ଭ, ସ୍ଥାନ: ଚନ୍ଦନେଶ୍ୱରଜୀଉ ମନ୍ଦିର, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ନର୍ଥ ଓଡ଼ିଶା ମିଡିଆ କ୍ଲବର ବୈଠକ, ସ୍ଥାନ : ଶ୍ରୀହରି ହୋଟେଲ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଦିବସ ଉଦଯାପିତ, ସ୍ଥାନ: ଦେଉଳା ହାଟ ଓ ସାହାବାଜିପୁର ମଧୁମଣ୍ଡପ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଓଡ଼ିଆ ପକ୍ଷ ପାଳନ ଅବସରରେ ସହର ପରିକ୍ରମା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ ବେତଡ଼ା ବଜାର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ପୂଜାର ଉଦ୍‌ଯାପନୀ, ସ୍ଥାନ: ଏରଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଖଣ୍ଡଘର ପଞ୍ଚାୟତ ତଣ୍ଡିବେଡା ମହାନ୍ତ ସାହିରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୧ ଟା।
- ପାରମ୍ପରିକ ପରିଧାନ ଦିବସ, ସ୍ଥାନ: ପୌର କାର୍ଯ୍ୟାଳୟ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଳପାଳ, ବଡ଼ସାହି,ସମୟ:ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ଅଧିବାସ,ସ୍ଥାନ: ସିଂହଟିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଯୋଗ ଉତ୍ସବ, ସ୍ଥାନ: ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ସକାଳ ୬ ଟା ୪୫।
- ଆଇନଜୀବୀ ସଂଘର ଶପଥ ଗ୍ରହଣ, ସ୍ଥାନ: ବାର ଆଶୋସିଏଶନ୍ ହଲ, ସମୟ: ମଧ୍ୟାହ୍ନ ୧ଟା।

**ଗଞ୍ଜାମ**
- ନବ ନିର୍ବାଚିତ ଆଇନଜୀବୀଙ୍କ ଶପଥ ଗ୍ରହଣ, ସ୍ଥାନ: ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ , ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପାଳିକା ପକ୍ଷରୁ ହସ୍ତତନ୍ତ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଚଣ୍ଡିଆଗଡ଼ି, ଆଳି, ସମୟ: ସକାଳ ୮ଟା।
- ଶ୍ରୀମୁକ୍ତେଶ୍ୱର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀମୁକ୍ତେଶ୍ୱର ମନ୍ଦିର ପରିସର, ଜେନାଭଲି ଓ ଉଇବାଡ, କଳସପୁର, ଆଳି, ସମୟ: ସନ୍ଧ୍ୟା ୬ଟା
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥା ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।
- ବାସୁଦେବ ମେଳଣ ମହୋତ୍ସବ ଉପଲକ୍ଷେ ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ ପକ୍ଷର ଏ କେମିତିକା ସମ୍ପର୍କ ନାଟକ ପରିବେଷଣ, ସ୍ଥାନ: କିଣିଲୋ, ପଦ୍ମପୁର, ଗରଦପୁର, ସମୟ: ସନ୍ଧ୍ୟା ୭ଟା।୦

**ଯାଜପୁର**
- ବିରଜା ହାଟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ : ବିରଜା ମନ୍ଦିର ନିକଟ ହାଟ ପରିସର, ସମୟ : ଅପରାହ୍ନ ୪ଟା।
- ଆହ୍ୱାନ ପକ୍ଷରୁ ରଙ୍ଗ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୧ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ: ସକାଳ ୭ଟାରୁ ଅପରାହ୍ନ ୨ଟା।
- ହାଣ୍ଡି ଭଙ୍ଗା ଯାତ୍ରାର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ମହୁଲପଡା, ସମୟ:ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ ଫକୀରଅତବୁଦ୍ଧି ପାଟଣା, ସମୟ: ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ କାଂସାରୀ ସାହିପାଟଣା, ସମୟ: ସକାଳ ୮ଟା ୩୦।
- ପାରମ୍ପରିକ ପୋଷାକ ଦିବସ, ସ୍ଥାନ: ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଅଷ୍ଟମ ଦିବସରେ ସୀତା ହରଣର ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା, କଣ୍ଟିଲୋ, ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ: ଅପରାହ୍ନ ୨ଟା।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ବେଶର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ଶ୍ରୀରାମ ନବମୀ ଯାତ୍ରା ଅବସରରେ ନବଦିନ ସନ୍ଧ୍ୟା ବେଶର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପନ ଦିବସରେ ଅଭିଷେକ ଓ କାକ ଭୁଷଣ୍ଡି ଗରୁଡ ସମ୍ବାଦ, କଳିଯୁଗ ବର୍ଣ୍ଣନା, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ୩୦।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୬ଷ୍ଠ ଦିବସ ରାତ୍ରରେ ମୁଖା ରାମଲୀଳାରେ ସୀତା ହରଣ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

**କୋରାପୁଟ**
- ଭାଜପା ପକ୍ଷରୁ ୨୪ଘଣ୍ଟିଆ ଦିନଦୟାଲ କର୍ମଶାଳା, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ଗ୍ରାମଦେବୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।

**ସମ୍ବଲପୁର**
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୮ଟା।
- ସେତୁ ଆୟୋଜନରେ ପଞ୍ଚମ ଇଞ୍ଜିନିୟର କରୁଣାକର ସୁପକାର ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ଜିଏମୟୁ ଅଧ୍ୟାପନା ପ୍ରକୋଷ୍ଠ–୧, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲୀଳା ଉତ୍ସବ, ସ୍ଥାନ : ଠେମରା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଢୁଢୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସାଂସ୍କୃତିକ ସଭା, ସ୍ଥାନ: ଢୁଢୁକା, ଆଗଲପୁର ବ୍ଲକ, ସମୟ: ସନ୍ଧ୍ୟା ୮ଟା।

**ରାଉରକେଲା**
- ହନୁମାନ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ବାସନ୍ତୀ କଲୋନୀ, କୁମ୍ଭାରପଡ଼ା ଛକ, ସମୟ: ସକାଳ ୮ଟା।
- ଗୁଡ୍ ଫ୍ରାଇଡେ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ଆର୍‌ସି ଚର୍ଚ୍ଚ, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ପକ୍ଷରୁ ଆମ ପୋଷାକ ଓ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣପୂର୍ବ ରେଲୱେ ଜିଏମ୍‌ଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗ୍ରୀଞ୍ଜାଳ ବଜାର ପ୍ରାଙ୍ଗଣ, ସୋହେଲା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ:ଛୁରିଆପାଲି, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଖାମୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ କର୍ଲାକୋଟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବୌଦ୍ଧ ଗଡଜାତର ପବିତ୍ର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତ୍ର ୯ଟା।

**ଦେବଗଡ଼**
- ମା' ସରଣୀପାଟ ପୀଠ ଯାତ୍ରା ମହୋତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ୍ ପାଇକନଗର, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୁରୁବୁଡ଼ା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକର ସପ୍ତମ ସନ୍ଧ୍ୟା, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୦ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପିପଲଛିଣ୍ଡି ଗାଁ, ସମୟ: ପ୍ରାତଃ ୫ଟା ଓ ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ ଫୁରସୁଣ୍ଡ ଗାଁ, ସମୟ: ସକାଳ ୭ଟା ୪୫।
- ବୋଲବମ କମିଟି ପକ୍ଷରୁ ୭ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ରେଙ୍ଗ ଗାଁ, ସମୟ: ସକାଳ ୮ଟା ୩୦।
- ଆଲୋଚନା ଚକ୍ର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା ସାଂସ୍କୃତିକ ସଭା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

**ଝାରସୁଗୁଡ଼ା**
- ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ର ନାମ ପଠନ, ସ୍ଥାନ: ଝାରସୁଗୁଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ରାମାୟଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।

# ସବୁ ସହରାଞ୍ଚଳରେ ଖୁବ୍‌ଶୀଘ୍ର ପିଏନ୍‌ଜି

ଭୁବନେଶ୍ୱର,୨।୪(ରବିନାରାୟଣ ଜେନା)

■ ସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନରେ ପିଏନ୍‌ଜି ସଂଯୋଗ ବାଧ୍ୟତାମୂଳକ: ନଗର ଉନ୍ନୟନ ମନ୍ତ୍ରୀ

■ ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର, ଡାକ୍ତରଖାନାକୁ ଅଗ୍ରାଧିକାର

ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ସହରାଞ୍ଚଳଗୁଡ଼ିକରେ ପାଇପ୍ଡ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ସଂଯୋଗୀକରଣକୁ ପ୍ରାଥମିକତା ଦିଆଯିବ। ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ତୁରନ୍ତ ପିଏନ୍‌ଜି ସଂଯୋଗ କରାଯିବ ବୋଲି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବା ନେଇ ଗୁରୁବାର ଲୋକସେବାଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ କହିଛନ୍ତି, ପିଏନ୍‌ଜି ସଂଯୋଗ ପାଇଁ ଯେଉଁମାନେ ଆବେଦନ କରିବେ ବିଭାଗ ତାକୁ ତ୍ୱରିତ୍ ଭିତ୍ତିରେ ଅନୁମତି ଦେବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନ୍‌ଜି ସଂଯୋଗ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ୍ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ(ଆଙ୍ଗୁଠି ଚିହ୍ନ ଓ ଆଇରିଶ ସ୍କାନ୍) ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି ସଂଯୋଗ ପାଇବେ ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଏଜେନ୍ସିଗୁଡ଼ିକୁ ଡିଏସି(ଡେଲିଭରି ଅଥେଣ୍ଟିକେଶନ କୋଡ୍) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଏବଂ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା କି ଗ୍ରାହକମାନେ ଭୂତ ଡେଲିଭରି (ମିଥ୍ୟା ମେସେଜ୍)ର ଶିକାର ହେବେ ନାହିଁ। ସେହିପରି ପାଇପ୍ ଲାଇନ ଯୋଗେ ସହରର ବିଭିନ୍ନ ଗୃହ, ଶିଳ୍ପାଞ୍ଚଳ ଓ ପ୍ରତିଷ୍ଠାନକୁ ବାଣିଜ୍ୟିକ ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣ ଆଦୌ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତି ଉପରେ ନଜର ରଖିଥିବା ସେ କହିଛନ୍ତି। ତୈଳ ଓ ଗ୍ୟାସ୍ କମ୍ପାନୀ ଅଧିକାରୀମାନେ ଜଣାଇଛନ୍ତି, ୫ଦିନର ଗ୍ୟାସ୍ ଷ୍ଟକ୍ ରହୁଛି। ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର ଓ ଡାକ୍ତରଖାନା ପରି ସରକାରୀ ଅନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ୟାସ୍ ଯୋଗାଇ ଦିଆଯାଉଛି ବୋଲି ସିଂ କହିଛନ୍ତି।

## ବୁଣାକାରଙ୍କ ଜୀବନଜୀବିକା ସଂଘର୍ଷକୁ ନେଇ ମେ'୧୪ରେ ମୁକ୍ତିଲାଭ କରିବ 'ମେହେରମୁଣ୍ଡା'

ଭୁବନେଶ୍ୱର,୨।୪(ସୌମ୍ୟରଞ୍ଜନ ରାଉତ)

ବୁଣାକାରଙ୍କ ରଙ୍ଗ ଓ ତନ୍ତ ସହ ମିଳନର ଏକ ଅଭୁତପୂର୍ବ ନିଦର୍ଶନର ନିଛକ ପ୍ରତିଫଳନକୁ ପରଦା ଉପରେ ପ୍ରଦର୍ଶନ କରିବ ଓଡ଼ିଆ ଚଳଚ୍ଚିତ୍ର 'ମେହେରମୁଣ୍ଡା'। ଓଡ଼ିଶା ଦିବସ ଅବସରରେ ଏହାର ଟିଜର୍ ରିଲିଜ ହୋଇଛି। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଜ୍ୟୋତିରଞ୍ଜନ ନାୟକ, ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ଦିଗଜ ରହିଛନ୍ତି। ରାକେଶ କୁମାର ପାଢ଼ୀଙ୍କ ପ୍ରଯୋଜନାରେ ଚଳଚ୍ଚିତ୍ରଟି ଜିଆର୍ ରେକର୍ଡସ ବ୍ୟାନରରେ ନିର୍ମିତ ହୋଇଛି। ନିର୍ଦ୍ଦେଶନା ଭାର ନିକୁଞ୍ଜ ହୋତା ତୁଲାଇ ଥିବାବେଳେ ସିନେମାଟୋଗ୍ରାଫିରେ ଶ୍ରୀକାନ୍ତ ପଟ୍ଟନାୟକ ରହିଛନ୍ତି। ଏହାକୁ ସଙ୍ଗୀତମୟ କରିବାର ଏକ ସଫଳ ପ୍ରୟାସ କରିଛନ୍ତି ଅମିତ ଯୁବରାଜ। ଅନ୍ତର୍ଜାତୀୟ ହସ୍ତତନ୍ତ ଦିବସରେ ଓଡିଶା ହସ୍ତତନ୍ତ୍ର ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳଚ୍ଚିତ୍ରର ଫାଷ୍ଟ ଲୁକ୍ ଲୋକାର୍ପଣ କରିଥିଲେ। ଚଳଚ୍ଚିତ୍ର କାହାଣୀରେ ଭାରତର ୨୬ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା ଓ ସଂଘର୍ଷର କାହାଣୀକୁ ରୂପେଲି ପରଦା ଉପରକୁ ଆଣିବାକୁ ଚେଷ୍ଟା କରାଯାଇଛି। ଚଳଚ୍ଚିତ୍ରଟି ମେ ୧୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

## ସୀମାନ୍ତ ଗାଁରୁ ଦନ୍ତାହାତୀ ମୃତଦେହ ଜବତ

ଯୋଡ଼ା/ଚମ୍ପୁଆ,୨।୪(ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଯୋଡ଼ା ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ମାଣିକପୁର ଗାଁରେ ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଗୁରୁବାର ସକାଳୁ ମାଣିକପୁର ଗାଁ ମୁଣ୍ଡ ଆମ୍ବତୋଟା ନିକଟରେ ହାତୀର ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ସୂଚନା ଦେଇଥିଲେ। ଝାଡ଼ଖଣ୍ଡ ଚାଇଁବାସା ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛନ୍ତି। ହାତୀଟି ବୟସାଧିକ କାରଣରୁ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହୋଇପାରିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରଥମ ପୃଷ୍ଠାରୁ...

## ଶତ୍ରୁ ଆତ୍ମସମର୍ପଣ...

ଦେଇଛନ୍ତି। ସେ କହିଛନ୍ତି, ଆତଙ୍କବାଦର ପ୍ରାୟୋଜକ ଭାବେ ବିଶ୍ୱର ୧ ନମ୍ବର ରାଷ୍ଟ୍ର ଇରାନ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେଶନ ଏପିକ୍ ଫ୍ୟୁରି'କୁ ମାତ୍ର ଗୋଟିଏ ମାସ ହୋଇଛି। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ଆମେରିକାର ବିଜୟ ସୁନିଶ୍ଚିତ ବୋଲି ସେ ଦାବି କରିଛନ୍ତି। ଇରାନର ନୌସେନା ଯାଇଛି, ଏହାର ବାୟୁସେନା ଧ୍ୱଂସ ହୋଇଛି ଏବଂ ଅଧିକାଂଶ ନେତା ନିହତ ହୋଇଛନ୍ତି। ସେମାନଙ୍କ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର କମାଣ୍ଡ ଏବଂ ନିୟନ୍ତ୍ରଣ ଭୟଙ୍କର ଭାବେ ନଷ୍ଟ ହୋଇଯାଇଛି। ସେମାନଙ୍କ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରିବା ସାମର୍ଥ୍ୟ ନାଟକୀୟ ଭାବେ ହ୍ରାସ ପାଇଛି ଏବଂ ସେମାନଙ୍କ ଅସ୍ତ୍ରଶସ୍ତ୍ର, ଫ୍ୟାକ୍ଟ୍ରି ଓ ରକେଟ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଦିଆଯାଇଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଆମ ଶତ୍ରୁପକ୍ଷ କ୍ଷତି ସହିଛନ୍ତି। ମୋ ରାଷ୍ଟ୍ରପତିତ୍ୱର ୫ ବର୍ଷରେ ଆମେରିକା ଜିତିଆସିଥିଲା ଏବଂ ଏବେ ସବୁଠୁ ବଡ଼ ବିଜୟ ହାସଲ କରିବ ବୋଲି ଟ୍ରମ୍ପ ରାଷ୍ଟ୍ରକୁ ସମ୍ବୋଧନ କରି କହିଛନ୍ତି।

ଅନ୍ୟପକ୍ଷରେ ଇରାନ ସେନାର ଅପରେଶନାଲ କମାଣ୍ଡ ଖାତମ୍ ଅଲ୍-ଅନବିୟା ସରକାରୀ ଟିଭିକୁ ଏକ ବିବୃତି ଦେଇ କହିଛନ୍ତି, ସର୍ବଶକ୍ତିମାନ ଆଲ୍ଲାଙ୍କ ଉପରେ ଆସ୍ଥା ସହ ଏହି ଯୁଦ୍ଧ ଜାରି ରହିବ। ଶତ୍ରୁପକ୍ଷର ଅପମାନ, ଅପଯଶ, ସ୍ଥାୟୀ ତଥା ନିଶ୍ଚିତ ଅନୁଶୋଚନା ଏବଂ ଆତ୍ମସମର୍ପଣ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ। ଆମର ଆହୁରି ଧ୍ୱଂସକାରୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଅପେକ୍ଷା କର ବୋଲି ଆମେରିକା ଏବଂ ଇସ୍ରାଏଲକୁ ସେ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପଙ୍କ ଭାଷଣ ପରେ ଇରାନ ତେଲ୍ ଆଭିଭ୍ ଉପରେ ମିଶାଇଲ୍ ମାଡ଼ କରିଛି। ମାସେରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଇରାନ ଯୁଦ୍ଧ ମଧ୍ୟପ୍ରାଚ୍ୟକୁ ବ୍ୟାପିଛି ଓ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିଛି। ବିଶ୍ୱବ୍ୟାପୀ ବହୁ କୋଟି ଲୋକ ଯୁଦ୍ଧ ଯୋଗୁ ପ୍ରଭାବିତ ହୋଇଛନ୍ତି।

## ସରିଲା ମାଟ୍ରିକ୍...

ଆରମ୍ଭ ହୋଇଥିଲା। ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଥିଲା। ଖାତାଦେଖା କାର୍ଯ୍ୟରେ ପ୍ରାୟ ୧୫,୦୦୦ ପରୀକ୍ଷକ ନିଯୁକ୍ତ ହୋଇଥିଲେ। ଖାତାଦେଖା ସହିତ ମୂଲ୍ୟାୟନ କେନ୍ଦ୍ରରୁ ଅନ୍‌ଲାଇନ ଜରିଆରେ ପରୀକ୍ଷାର୍ଥୀମାନଙ୍କ ମାର୍କ ଅପଲୋଡ୍ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ବିଭିନ୍ନ ବିଷୟର ମାର୍କ ପ୍ରସେସିଂ ଫାର୍ମକୁ ସିଧାସଳଖ ଯିବା ପରେ ଏବେଠାରୁ ପରୀକ୍ଷାଫଳ ପ୍ରକାଶ ନେଇ ପ୍ରସ୍ତୁତି ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି।

## ସକାଳୁଆ ସ୍କୁଲ...

ସ୍କୁଲ୍ ଟ୍ୟୁବ୍‌ୱେଲ ମରାମତି କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା ଉପଲବ୍ଧ ହେବ। ନିର୍ଦ୍ଦିଷ୍ଟ ସମୟରେ 'ୱାଟର ବେଲ୍' ଦ୍ୱାରା ପାଣି ପିଇବା ବିରତି ରହିବ। ଆବଶ୍ୟକ ହେଲେ ଓଆର୍‌ଏସ୍ ପ୍ୟାକେଟ ଯୋଗାଣ ଇତ୍ୟାଦି ନିଶ୍ଚିତ କରିବାକୁ ପଡିବ। ଛାତ୍ରୀଛାତ୍ରଙ୍କୁ ଖରାରୁ ସୁରକ୍ଷା ଦେବା ପାଇଁ ବାହାର କାର୍ଯ୍ୟକଳାପ କମାଇବା ଓ ପିଲାମାନେ ସ୍କୁଲକୁ ଯେପରି ପାଣି ବୋତଲ ଧରି ଆସିବେ, ସେଥିପାଇଁ ଅଭିଭାବକମାନଙ୍କୁ ଜଣାଇବାକୁ କୁହାଯାଇଛି। ଏଥିସହ ସ୍କୁଲ ସମୟରେ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ଲହରି ସମ୍ବନ୍ଧୀୟ ସତର୍କତା ବିଷୟରେ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ବିଲେଇ କାହିଁକି ରୁଷୁ ?
ସେଇ ଭାଡ଼ି ତଳେ ପୁଣି ପଶୁ !**

ରାଗ, ରୁଷା ତଥା ଅଭିମାନର ମାତ୍ରା ଯେତେ କମ୍ ରହେ, ସମ୍ପର୍କର ସେତୁ ସେତେ ଦୃଢ଼ ଓ ମଧୁମୟ ହୋଇଥାଏ। ତେବେ ପରିସ୍ଥିତିରେ ପଡି ଯେଉଁଠି ଜଣେ ରୋଷ ଅଭିମାନରେ ପଳେଇ ଆସେ, ସେଇଠିକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ଉକ୍ତ ବ୍ୟକ୍ତି ପକ୍ଷେ ଗ୍ରହଣୀୟ ହୋଇନଥାଏ। ସେପରି ସ୍ଥଳେ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଇତଳିଆ ବେଉସା
ଛୋକାରୁଣୀ ମାଇପିଙ୍କ ଓଷା
ପାଣିବୁହାନ୍ତିଙ୍କ ମୁଣ୍ଡ ଖୋଷା
ସଖୀ ବଡ଼ ମନ୍ଦ ଏ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ। ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳି ନ ଥାଏ। ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୈହିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିବା ସହ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ଯାତ୍ରାକାଳରେ ସତର୍କତା ଅଭାବରୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। ପୂର୍ବନିର୍ଦ୍ଧାରିତ ସମୟରେ ବନ୍ଧୁମିଳନଜନିତ ଖୁସିରେ ସମୟ କଟାଇବେ। ସାହିତ୍ୟକୃତିରୁ ପ୍ରଶଂସିତ ଓ ସନ୍ତାନଙ୍କ କୃତିତ୍ୱରୁ ଗୌରବାନ୍ୱିତ ହେବେ।

**ବୃଷ** ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶରେ ସମସ୍ୟା ସମାଧାନ ପୂର୍ବକ ଅର୍ଥଲାଭର ମାର୍ଗ ଉନ୍ମୋଚନ ହେବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁତ ବିଳମ୍ବ ଘଟିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝମେଲା ଆସିପାରେ।

**ମିଥୁନ** ଆଜିର ଗ୍ରହସ୍ଥିତି ଯାତ୍ରା, ବ୍ୟବସାୟ ଦିଗରେ ଅନୁପ୍ରେରିତ କରିପାରେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପ୍ରତିଯୋଗିତାରେ ପରାଜୟର ଗ୍ଳାନି ଭୋଗିବାକୁ ପଡ଼ିବ। ପ୍ରକୃତ ଘଟଣା ନ ବୁଝି କୌଣସି କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଅଧିକାଂଶ ସମୟ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଜିନିଷ ହଜିଯିବାର ଆଶଙ୍କା ରହିଛି।

**କର୍କଟ** ବିଭିନ୍ନ ସମସ୍ୟା ପ୍ରଶମିତ ହେବାର ଅନୁଭବ କରିବେ। ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ମନୋବଳ ବୃଦ୍ଧି ପାଇବ। ସଭାସମିତି, ଆନୁଷ୍ଠାନିକ କାମ, ମନୋରଞ୍ଜନ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାର ସୂଚନା ରହିଛି।

**ସିଂହ** ଆଜି ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ସହକର୍ମୀ ସହାୟକ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ। କଠିନ ଶ୍ରମ ଓ ଅନିଦ୍ରାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି ଓ ସାମାଜିକ ସ୍ତରରେ ସମ୍ମାନ ପ୍ରାପ୍ତିରେ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଉପଲବ୍ଧ ହେବ। ଆନୁଷ୍ଠାନିକ କାର୍ଯ୍ୟର ଶେଷପର୍ଯ୍ୟାୟରେ ବିବାଦୀୟ ବାତାବରଣ ସୃଷ୍ଟି ହେବ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ବିବାଦୀୟ ସ୍ଥିତିରେ ବିଜୟପ୍ରାପ୍ତ ହେବେ। ପାରିବାରିକ ଏବଂ ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାର ରହିବ।

**ତୁଳା** ସାହାଯ୍ୟ, ସହଯୋଗ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ପାଇଁ ମାର୍ଗ ଉନ୍ମୁକ୍ତ କରିବ। ବିଭିନ୍ନ ଯୋଜନାର କାମ ହାତକୁ ନେବେ କିନ୍ତୁ ସାମୟିକ ଆର୍ଥିକସ୍ଥିତିକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନରୁ ଉତ୍ସାହିତ ହେବାର ସୁଯୋଗ ପାଇବେ।

**ବିଛା** କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସହ ସମ୍ବର୍ଦ୍ଧିତ ହେବେ। ପୁତ୍ର, କନ୍ୟାଙ୍କ ବିବାହ ନିମନ୍ତେ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ସମ୍ପର୍କିତ ବିଦ୍ୟମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ସାମାଜିକ ସ୍ତରରେ ବିଜାତୀୟ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** ଆଜିର ଗ୍ରହସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ କରାଇପାରିବ। ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ସଜାଗ ରହି ଚେଷ୍ଟା କଲେ ନିଶ୍ଚିତ ଉପକୃତ ହେବ। ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ, ଭ୍ରମ କିମ୍ବା ଜ୍ୱରଜନିତ ରୋଗରେ କଷ୍ଟ ପାଇପାରନ୍ତି। କେତେକ କ୍ଷେତ୍ରରେ ଅବହେଳା ଯୋଗୁ କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡିପାରେ।

**ମକର** ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଅନ୍ୟର ପ୍ରରୋଚନାରେ ପଡି ଜଣାଶୁଣା ବ୍ୟକ୍ତି କାମ ହାସଲରେ ବିଘ୍ନ ଘଟାଇପାରନ୍ତି। ଆର୍ଥିକ ଦୁରାବସ୍ଥା ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସ୍ଥିତି ବିଗାଡ଼ିପାରେ। ତଥାପି ନିଜର କାର୍ଯ୍ୟଦକ୍ଷତା ହେତୁ ନିଜ ପରିସରରେ ପ୍ରଶଂସିତ ହେବେ।

**କୁମ୍ଭ** ଅନୁକୂଳ ଗ୍ରହ ସମ୍ପର୍କରୁ ଆଜି ଯାହା ଇଚ୍ଛା କରୁଛନ୍ତି ତାହା ଅବିଳମ୍ବେ ପ୍ରାପ୍ତ ହେବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରି ବନ୍ଧୁ,ପରିବାର ଓ ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମୀନ** ସହୃଦୟତା ଅଭାବରୁ ପାରିବାରିକ ସ୍ଥିରତା ରକ୍ଷାରେ ଅସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ ଲଢ଼େଇ କଲେ ବାଦୀ ଓ ପ୍ରତିବାଦୀ ଉଭୟ କ୍ଷତିଗ୍ରସ୍ତ ହେବେ। କିନ୍ତୁ ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ପ୍ରତିଷ୍ଠା ଓ ପ୍ରଶଂସା ଅକ୍ଷୁର୍ଣ୍ଣ ରହିବ। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭକରି ଖୁସି ହେବେ।

ଆଜି ଏପ୍ରିଲ ୩ ତାରିଖ, ଗୁଡ୍‌ଫ୍ରାଇଡେ/ଇଷ୍ଟର ଶୁକ୍ରବାର, ବୈଶାଖ କୃଷ୍ଣପ୍ରତିପଦା ଯୁକ୍ତ ଦ୍ୱିତୀୟା, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, କଳା ଶୁକ୍ରବାର। ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୨ ଗତେ ଘ.୦୬।୩୧ ମଧ୍ୟେ, ଘ. ୦୭।୨୦ ଗତେ ଘ.୦୮।୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୮ ଗତେ ଘ. ୧୧।୫୦ ମଧ୍ୟେ ରାହୁ କାଳ।

# ହାଇକମାଣ୍ଡ ଏସ୍‌ସି, ଏସ୍‌ଟି ନେତାଙ୍କୁ କାଢ଼ିବେନି: କାଡାମ

## ଦସ୍ତଖତ କରିଥିଲେ ୯, ଗଲେ ୮

ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ମୋଟ୍ ୧୪ ଜଣ ବିଧାୟକ ବିଜୟୀ ହୋଇଥିଲେ। ସେଥିରୁ ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ୩ ଜଣ କଂଗ୍ରେସ ବିଧାୟକ କ୍ରସ୍ ଭୋଟିଂ କରିବା ଯୋଗୁ ଦଳରୁ ନିଲମ୍ବନ ହୋଇଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦକରିବା ଲାଗି ମଧ୍ୟ ଦଳ ତରଫରୁ ବାଚସ୍ପତିଙ୍କୁ ଲିଖିତ ଭାବେ ଦିଆଯାଇସାରିଛି। ଏବେ କଂଗ୍ରେସର ବିଧାୟକଙ୍କ ସଂଖ୍ୟା ୧୧ରେ ପହଞ୍ଚିସାରିଛି ବୋଲି କୁହାଯାଇପାରେ। ଏହି ୧୧ ଜଣ ବିଧାୟକଙ୍କ ନେତୃତ୍ୱ କୋରାପୁଟ ଜିଲା ଅନ୍ତର୍ଗତ ପଟ୍ଟାଙ୍ଗୀ ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇ ଆସିଥିବା ରାମଚନ୍ଦ୍ର କାଡାମଙ୍କ ହାତରେ ନ୍ୟସ୍ତ କରାଯାଇଛି। କାଡାମ ବର୍ତ୍ତମାନ କଂଗ୍ରେସ ବିଧାୟକ ଦଳ ନେତା ଦାୟିତ୍ୱରେ ଅଛନ୍ତି। ଏତେସବୁ ଘଟଣା ଭିତରେ କଂଗ୍ରେସର ପ୍ରାୟ ୮ ଜଣ ବିଧାୟକ କୁଆଡ଼େ ବିଧାୟକ ଦଳ ନେତାଙ୍କୁ ପରିବର୍ତ୍ତନ କରାଇବା ଲାଗି ମଙ୍ଗଳବାରଠାରୁ ନୂଆଦିଲ୍ଲୀ ଗସ୍ତରେ ରହିଥିବା ଜଣାପଡ଼ିଛି। ମାତ୍ର ରାମଚନ୍ଦ୍ର କାଡାମ ଏବଂ ବାସୁଦେବପୁର ବିଧାୟକ ଅଶୋକ ଦାସ ଏହି ଗସ୍ତରେ ନିଜକୁ ସାମିଲକରି ନ ଥିବା ଜଣାପଡ଼ିଛି। ରାଜନୈତିକ ମହଲରୁ ଯାହା ଶୁଣିବାକୁ ମିଳୁଛି, ତାରାପ୍ରସାଦ ବାହିନୀପତି କଂଗ୍ରେସ ବିଧାୟକ ଦଳ ନେତା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କର ଏହି ଇଚ୍ଛା ସମ୍ପର୍କରେ ରାଜ୍ୟ ସଭା ନିର୍ବାଚନ ପୂର୍ବରୁ କିଛି ଆଲୋଚନା ହୋଇଥିଲା। ତାଙ୍କୁ ଏନେଇ ରାଜ୍ୟ ନେତୃତ୍ୱଙ୍କ ତରଫରୁ ପ୍ରତିଶ୍ରୁତି ମିଳିଥିଲା ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଅପରପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା ଭବାନିପାଟଣା ବିଧାୟକ ସାଗର ଚରଣ ଦାସ ମଧ୍ୟ ଏହି ଗସ୍ତରେ ସାମିଲ ହୋଇଛନ୍ତି। ଭକ୍ତଙ୍କ ବିନା ଇଙ୍ଗିତ ବା ପରାମର୍ଶରେ ସାଗର ହାଇକମାଣ୍ଡଙ୍କୁ ଭେଟିବା ଲାଗି ସ୍ଥିର ହୋଇଥିବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବେ ସେକଥାକୁ ତାଙ୍କ ଦଳ ଭିତରେ କେହି ବିଶ୍ୱାସ କରୁନାହାନ୍ତି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି, ବିଧାୟକମାନେ ନୂଆଦିଲ୍ଲୀ ଗସ୍ତ କରୁଛନ୍ତି କି ହାଇକମାଣ୍ଡଙ୍କୁ ଭେଟିବେ ସେ ବିଷୟରେ କାଡାମଙ୍କୁ କିଛି ଜଣାଯାଇ ନାହିଁ। କଂଗ୍ରେସ ବିଧାୟକମାନଙ୍କ ନୂଆଦିଲ୍ଲୀ ଗସ୍ତ ନେଇ କାଡାମଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ହାଇକମାଣ୍ଡଙ୍କୁ ଭେଟିବା ଲାଗି ବିଧାୟକମାନେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ବିଭିନ୍ନ ରାଜ୍ୟର ବିଧାୟକମାନେ ଅନେକ ସମୟରେ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟନ୍ତି। ବିଧାୟକ ଦଳ ନେତା ପଦରେ ପରିବର୍ତ୍ତନ ହେବା କଥା କେବଳ ଗଣମାଧ୍ୟମର ଏକ ଆକଳନ। ଏଆଇସିସି ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ସମସ୍ତେ ସବୁ ସମୟରେ ଦେଶରେ ଏସ୍‌ସି, ଏସ୍‌ଟି ଏବଂ ଓବିସି, ସଂଖ୍ୟାଲଘୁ ବର୍ଗର ଲୋକମାନେ କିପରି ଆଗକୁ ବଢ଼ିବେ ସେକଥା ଚେଷ୍ଟା କରୁଛନ୍ତି। ଓଡ଼ିଶାର ମୋଟ୍ ଜନସଂଖ୍ୟାର ୪୦ ପ୍ରତିଶତ ହେଉଛନ୍ତି ଏସ୍‌ସି, ଏସ୍‌ଟି ବର୍ଗ। ସେମାନଙ୍କ ଭିତରୁ କିପରି ନେତୃତ୍ୱ ସୃଷ୍ଟି କରାଯାଇପାରିବ ସେଥିଲାଗି ହାଇକମାଣ୍ଡ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ଏହି ଦୃଷ୍ଟିକୋଣରୁ ଗଣମାଧ୍ୟମ ପକ୍ଷରୁ ବିଧାୟକ ଦଳ ନେତା ପରିବର୍ତ୍ତନ ନେଇ କରାଯାଉଥିବା ଆକଳନକୁ ବିଶ୍ୱାସ କରିପାରୁନାହାନ୍ତି ବୋଲି କାଡାମ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, କାଡାମଙ୍କୁ ତାଙ୍କ ପଦରୁ ହଟାଇବା ସକାଶେ ବିଧାୟକମାନଙ୍କ ଦସ୍ତଖତ ନିଆଯାଇଥିଲା। ସେଥିରେ ୯ ଜଣ ବିଧାୟକ ଦସ୍ତଖତ ଦେଇଥିଲେ। ସେମାନଙ୍କ ମଧ୍ୟରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ମଧ୍ୟ ରହିଥିଲେ। ମାତ୍ର ସାଉଁତା ଦିଲ୍ଲୀ ଗସ୍ତରେ ସାମିଲ ହୋଇନାହାନ୍ତି। ଦିଲ୍ଲୀ ଗସ୍ତରେ ଥିବା ୮ ବିଧାୟକ ଗୁରୁବାର ମଲିକାର୍ଜୁନ ଖାର୍ଗେଙ୍କୁ ଭେଟିଥିବା ବେଳେ ଅନ୍ୟ କାହାକୁ ଭେଟି ନ ଥିବା ଜଣାପଡ଼ିଛି। ବର୍ତ୍ତମାନ ଆସାମ, ପଶ୍ଚିମବଙ୍ଗ ଆଦି ବିଭିନ୍ନ ରାଜ୍ୟରେ ଚାଲିଥିବା ନିର୍ବାଚନ ପ୍ରଚାର ଲାଗି କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱମାନେ ଚାଲିଯାଇଥିବା କାରଣରୁ ଅନ୍ୟ କେନ୍ଦ୍ର ନେତୃତ୍ୱଙ୍କୁ ଓଡ଼ିଶାର ୮ ବିଧାୟକ ଭେଟିବାର ସୁଯୋଗ ପାଇ ନ ଥିବା ଯାହା ଶୁଣାଯାଉଛି। ନୂଆଦିଲ୍ଲୀ ଗସ୍ତ କରିଥିବା ବିଧାୟକମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

# ପଶ୍ଚିମବଙ୍ଗର ୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ


ପଶ୍ଚିମବଙ୍ଗ ବୀରଭୂମ ଜିଲାର ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ ଅବସରରେ ଦଳୀୟ ନେତା ଓ ପ୍ରାର୍ଥୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗରେ ଚାଲିଥିବା ନାମାଙ୍କନ ଦାଖଲ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସାମିଲ ହୋଇଛନ୍ତି। ପଶ୍ଚିମବଙ୍ଗ ବୀରଭୂମ ଜିଲାର ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲରେ ସେ ଯୋଗଦେଇଥିଲେ। ଏହି ଅବସରରେ ବୀରଭୂମ ଜିଲାର ରାମପୁରହାଟ ସ୍ଥିତ କାଳୀମନ୍ଦିର ନିକଟସ୍ଥ ସଂଘତା ମୋଡଠାରୁ ଏସ୍‌ଡିଓ ଅଫିସ୍ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏକ ବିଶାଳ ରାଲିରେ ଯାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ସାମିଲ ହୋଇଥିଲେ। ରାମପୁରହାଟ ଏସ୍‌ଡିଓ ଅଫିସ୍‌ରେ ନାମାଙ୍କନ ଦାଖଲ କରିଥିବା ଭାଜପାର ୪ ଜଣ ପ୍ରାର୍ଥୀ ହେଉଛନ୍ତି ରାମପୁରା ହାଟ ବିଧାନସଭା ପ୍ରାର୍ଥୀ ଧ୍ରୁବ ଶାହା, ହଂସନ ବିଧାନସଭା ପ୍ରାର୍ଥୀ ନିଖିଲ ବାନାର୍ଜୀ, ନଲହାଟୀ ବିଧାନସଭା ପ୍ରାର୍ଥୀ ଅନିଲ ସିଂହ ଏବଂ ମୁରାରଇ ବିଧାନସଭା ପ୍ରାର୍ଥୀ ରିଙ୍କି ଘୋଷ। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାଜପାର ୪ ପ୍ରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# କଙ୍ଗନାଙ୍କ କମ୍‌ବ୍ୟାକ୍



ମୁମ୍ବାଇ: ବଲିଉଡ୍‌ର ଭର୍ସାଟାଇଲ୍ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ କଙ୍ଗନା ରାଣାଓ୍ୱତ୍। ତାଙ୍କର ପ୍ରତିଟି ସିନେମା ପ୍ରାୟତଃ ନାରୀକେନ୍ଦ୍ରିକ। ୨୦୧୪ରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର 'କୁଇନ୍' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ବିକାଶ ବହଲଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କଙ୍ଗନାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବର୍ତ୍ତମାନ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ଅର୍ଥାତ୍ 'କୁଇନ୍ ୨'ର ଶୁଟିଂ ଏହି ମାସ ଶେଷ ସୁଦ୍ଧା ଆରମ୍ଭ ହେବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଏହି ସିକ୍ୱେଲ ପୂର୍ବ କାହାଣୀର ସିଧାସଳଖ ଅଂଶ ହେବ ନାହିଁ। ଏଥର କାହାଣୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଯେମିତିକି ଏଥର କଙ୍ଗନା ଏକ ସହରୀ ଝିଅ ଭୂମିକାରେ ନଜର ଆସିବେ, ଯାହା ପ୍ରଥମ ଭାଗର ଛୋଟ ସହରର ଝିଅ ଚରିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ପ୍ରଥମ ଭାଗରେ କଙ୍ଗନାଙ୍କୁ ପ୍ୟାରିସ ଏବଂ ଆମଷ୍ଟରଡାମ୍‌ରେ ଏକାକୀ ବୁଲୁଥିବାର ଦେଖାଯାଇଥିବା ବେଳେ, ଦ୍ୱିତୀୟ ଭାଗରେ ସେ ଭାରତର ବିଭିନ୍ନ ସହର ପରିଭ୍ରମଣ କରିବେ। ଏହି ଚଳଚ୍ଚିତ୍ରଟି ମୁଖ୍ୟତଃ ଆତ୍ମ-ସନ୍ଧାନ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଆଧାରିତ ହେବ। ସୂଚନାଯୋଗ୍ୟ, କଙ୍ଗନାଙ୍କ ଶେଷ ଚଳଚ୍ଚିତ୍ର 'ଏମରଜେନ୍ସି' ବକ୍ସ ଅଫିସରେ ବିଶେଷ ସଫଳତା ପାଇ ନ ଥିଲା। ଏଭଳି ପରିସ୍ଥିତିରେ 'କୁଇନ୍ ୨' ତାଙ୍କ କ୍ୟାରିୟରକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇଆଣିବ ବୋଲି ଆଶା କରାଯାଉଛି।

# ଅଟେଇ ସଫାରି ଜଙ୍ଗଲରୁ ନରକଙ୍କାଳ ଜବତ

ଢେଙ୍କିକୋଟ/ ଘଟଗାଁ, ୨।୪ (ନୀଳମଣି ମଣ୍ଡଳ / ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ଘଟଗାଁ ଫରେଷ୍ଟ ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ସଫାରି ଜଙ୍ଗଲରୁ ଗୁରୁବାର ଏକ ନରକଙ୍କାଳ ଜବତ ହୋଇଛି। ମୃତଦେହଟି ପୁଅ କି ଝିଅ ଜଣା ପଡୁ ନ ଥିବା ବେଳେ ଶରୀରରେ କୌଣସି ବସ୍ତ୍ର କିମ୍ବା ମାଂସ ନାହିଁ। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ପୂର୍ବାହ୍ନ ୧୦ଟାରେ ସଂରକ୍ଷିତ ଅଟେଇ ସଫାରିକୁ ବନ ବିଭାଗର କର୍ମଚାରୀମାନେ ନିଜ କାର୍ଯ୍ୟରେ ଜଙ୍ଗଲ ଭିତରକୁ ଯାଇଥିଲେ। ଏହି ସମୟରେ ଏକ ଗଛମୂଳରେ ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ତୁରନ୍ତ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନାଙ୍କୁ ଖବର ଦେଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ହାତରେ ଏକ ତାବିଜ ପିନ୍ଧିଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲା ହେଡ୍‌କ୍ୱାର୍ଟର୍ସରୁ ପୋଲିସ ସାଇଣ୍ଟିଫିକ ଟିମ୍‌ଙ୍କ ସହ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଘଟଗାଁ ଅତିରିକ୍ତ ତହସିଲଦାର ଠାକୁର ଦାସ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୨ ଘଣ୍ଟା ପରେ ବ୍ୟବଚ୍ଛେଦ କରାଯିବା ସହ ଡିଏନ୍‌ଏ ଟେଷ୍ଟ ପାଇଁ ଭୁବନେଶ୍ୱର ଲାବରେଟୋରିକୁ ପଠାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଘଟଗାଁ ଥାନାରେ ଏକ ମାମଲା(ନଂ. ୧୯/୨୬)ରୁଜୁ ହୋଇଥିବା ତଦନ୍ତକାରୀ ଅଫିସର ଅନୁପ ଲୁଗୁନ ପ୍ରକାଶ କରିଛନ୍ତି। ବନବିଭାଗ ତରଫରୁ ଘଟଗାଁ ଫରେଷ୍ଟର ଶରତ ପଟ୍ଟନାୟକ ସଦଳବଳ ଉପସ୍ଥିତ ଥିଲେ।




# ଦେଶ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି:ଚିବ୍

ଭୁବନେଶ୍ୱର, ୨।୪ (ରବିନାରାୟଣ ଜେନା)

ଦେଶ ଏବେ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି ବୋଲି ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି। ରାଜ୍ୟରେ ଛାତ୍ର, ଯୁବକ, ନାରୀ, ଚାଷୀ, ଆଦିବାସୀ ଆଦି କାହାରିକୁ ନ୍ୟାୟ ମିଳୁ ନଥିବା ପ୍ରତିବାଦରେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୋଗଦେଇ ଚିବ୍ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୨କୋଟି ନିଯୁକ୍ତି ଦେବାପାଇଁ ଘୋଷଣା କରିଥିଲେ। ମାତ୍ର ୧୨ବର୍ଷରେ ୨୪କୋଟିରୁ ଏପର୍ଯ୍ୟନ୍ତ କେତେ ନିଯୁକ୍ତି ଦିଆଯାଇଛି ତା'ର ଜବାବ ଦେଉନାହାନ୍ତି। କିନ୍ତୁ ଦେଶରେ ବେକାରି ସମସ୍ୟା ଉତ୍କଟ ହୋଇଚାଲିଛି। ଅପରପକ୍ଷେ ଓଡ଼ିଶାରେ ବିନା ଦାୟିତ୍ୱବୋଧରେ ଶାସନ ଚାଲିଛି। କଟକ ବଡ଼ ଡାକ୍ତରଖାନାରେ ରୋଗୀ ମୃତ୍ୟୁ ଘଟଣା ସ୍ୱାସ୍ଥ୍ୟସେବାର ଦୁରବସ୍ଥାକୁ ସ୍ପଷ୍ଟ କରିଛି । ଏପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି କି ଏହି ବ୍ୟବସ୍ଥାକୃତ ଅଘଟଣ ପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ସେମାନଙ୍କୁ ନରହତ୍ୟା ଅପରାଧରେ ଦଣ୍ଡିତ କରିବା କଥା। ସେହିପରି ରାଜ୍ୟରେ ନାରୀ ନିର୍ଯାତନା ସୀମା ଲଙ୍ଘିଛି। ସେ କହିଛନ୍ତି, ପଣ୍ଡିତ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଥିବା ବେଳେ ରୁଷିଆ ଓ ଆମେରିକା କାହାକୁ ଖାତିର ନ କରି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ଭାରତ ଏହାର ନେତୃତ୍ୱ ନେଉଥିଲା। ହେଲେ ଏବେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭୟ କରୁଛନ୍ତି। କାଳେ ଏପଷ୍ଟିନ୍ ଫାଇଲ ଖୋଲିଯିବ କିମ୍ବା ଆଦାନୀଙ୍କ ଫାଇଲ ଟ୍ରମ୍ପ ଖୋଲିଦେବେ ସେହି ଡର ପ୍ରଧାନମନ୍ତ୍ରୀଙ୍କୁ ଘାରିଛି। ବର୍ତ୍ତମାନ ସରକାର ଚାଷୀ ବିରୋଧୀ ବୋଲି 'ଭାରତ ଆମେରିକା ବାଣିଜ୍ୟ ଚୁକ୍ତି' ତାହାର ପ୍ରମାଣ। ଏହି ଚୁକ୍ତି ଦ୍ୱାରା ଭାରତୀୟ ଚାଷୀଙ୍କର ଘୋର କ୍ଷତି ହେଉଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ତାହାକୁ ଗ୍ରହଣ କରିଛନ୍ତି। ଏଥିପାଇଁ ଦେଶର ଯୁବବର୍ଗ 'ପ୍ରଧାନମନ୍ତ୍ରୀ କମ୍ପ୍ରୋମାଇଜ୍‌ଡ' ବୋଲି କହୁଛନ୍ତି। ତେଣୁ ଏହି ଡବଲ ଇଞ୍ଜିନ ସରକାର ବିରୋଧରେ ଯୁବ କଂଗ୍ରେସକୁ ଲଢ଼େଇ କରିବାକୁ ପଡ଼ିବ। ଏମାନଙ୍କୁ ଗାଦିଚ୍ୟୁତ ନ କଲା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଚିବ୍ କହିଛନ୍ତି।

### ଦେଶରେ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି: ଭକ୍ତ

ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି, ଦେଶରେ ଲୋକଙ୍କୁ ଖାଇବାକୁ ଖାଦ୍ୟ ସାମଗ୍ରୀ ମିଳୁନାହିଁ। ଗ୍ୟାସ୍ ଅଭାବରୁ ହୋଟେଲରେ ଖାଦ୍ୟ ଦର ବହୁଗୁଣ ବଢ଼ିଯାଇଥିବାବେଳେ ପାରମ୍ପରିକ ଶ୍ରମିକମାନେ ଦୁଇମୁଠା ଖାଇବାକୁ ପାଉନାହାନ୍ତି। ଏହାକୁ କେବଳ କୃତ୍ରିମ ଅଭାବ କୁହାଯିବନି, ଦେଶରେ ସଂପ୍ରତି ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି କହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ଏଥିସହ ସେ କହିଛନ୍ତି, ଏଠାରେ ଛାତ୍ର, ଯୁବକ, ନାରୀ, ଚାଷୀ ଓ ଆଦିବାସୀ କାହାରିକୁ ନ୍ୟାୟ ମିଳୁନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛନ୍ତି। ଓଡ଼ିଶାର ଯୁବକମାନଙ୍କ ଉପରେ ମୋର ଗଭୀର ଆସ୍ଥା ରହିଛି ଏବଂ ନିକଟ ଭବିଷ୍ୟତରେ ସେମାନେ ହିଁ ହେବେ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ଭକ୍ତ କହିଛନ୍ତି।

ସମାବେଶରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିଆନା ରାଜୁ, ସହ ପ୍ରଭାରୀ ଖୁସି ଟିଗା, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ସରକାରଙ୍କ କୃଷକ, ନାରୀ ଓ ଯୁବ ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ପ୍ରଥମେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଚିବ୍‌ଙ୍କୁ ଶ୍ରୀରାମ ମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ସମାବେଶ ପର୍ଯ୍ୟନ୍ତ ଏକ ବିଶାଳ ବାଇକ ରାଲି ଯୋଗେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପାଛୋଟି ଆଣିଥିଲେ। ଏହି ଅବସରରେ ୫ ଦଫା ଦାବିରେ ଯୁବ କଂଗ୍ରେସ ସଚିବାଳୟ ଘେରାଉ କରିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ କଂଗ୍ରେସ କର୍ମକର୍ତ୍ତାଙ୍କୁ ଗିରଫ କରି ପରେ ଛାଡ଼ି ଦେଇଛି। କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ମାଲକାନଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଯୁବକ୍ରାନ୍ତି ସମାବେଶ ଆୟୋଜିତ ହେବ ବୋଲି ସୂଚନା ଦେଇଛନ୍ତି।


ମାଷ୍ଟରକ୍ୟାଣ୍ଟିନ ଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଉଦ୍‌ବୋଧନ ଦେଉଛନ୍ତି।

## ଅବଶିଷ୍ଟାଂଶ

### ରିଲ୍ସ: ନଦୀକୁ ...

ହୋଇଥିବା ବେଳେ ମୋବାଇଲରେ ଶୁଟିଂ କରୁଥିବା ଯୁବକ ଜଣକ ଅନ୍ୟ ୨ ଯୁବକଙ୍କୁ ପୋଲ ଉପରୁ ଡେଇଁବାକୁ ଉସ୍କାଉଥିବା ଭିଡିଓରେ ଦେଖିବାକୁ ମିଳୁଛି। 'ଡେଇଁବା ପାଇଁ ଦମ୍ ନାହିଁ, ତୁମେ ଡରୁଆ' ଏଭଳି କହି ସେ ପ୍ରରୋଚିତ କରିଥିଲେ। ଭିଡିଓ ଶୁଟିଂ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ମୃତକଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି। ତେବେ ସାଳନ୍ଦୀ ନଦୀରେ ଏହି ସମୟରେ ଜଳସ୍ତର କମ୍ ରହିଛି। ପ୍ରାୟ ୨୦ ଫୁଟ୍ ଉଚ୍ଚ ପୋଲ ଉପରୁ ନଦୀକୁ ଡିଆଁ ମାରିଥିବା ବେଳେ ତଳେ କୌଣସି ସିମେଣ୍ଟ ଖମ୍ବ କିମ୍ବା ପଥରରେ ଯୁବକ ଜଣକ ବାଡ଼େଇ ହୋଇ ଗୁରୁତର ହୋଇଥିବାରୁ ପାଣି ଉପରକୁ ଉଠିପାରି ନ ଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

### ୨ବର୍ଷରେ ଗଲାଣି ...

୨୦୨୫ ମେ' ୧୧ରେ ସୁନ୍ଦରଗଡ଼ ଏନ୍‌ଏଚ୍ ୫୨୦ରେ ଏକ ବ୍ରିଜ୍ ଉପରେ ଚଳନ୍ତା ଟ୍ରକ୍‌ରେ ଡ୍ରାଇଭର ଫଟୋ ଉଠାଇ ରିଲ୍‌ସ କରୁଥିବାବେଳେ ଖସିପଡ଼ି ପ୍ରାଣ ହରାଇଥିଲେ। ସେହି ବର୍ଷ ଅଗଷ୍ଟରେ କୋରାପୁଟ ଡୁଡୁମା ଜଳପ୍ରପାତରେ ରିଲ୍ସ କରୁଥିବାବେଳେ ସୁଅରେ ଭାସିଯାଇ ସାଗର କୁଣ୍ଡୁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୫ ଅକ୍ଟୋବର ୨୧ରେ ମଙ୍ଗଳଘାଟର ବିଶ୍ୱଜିତ ସାହୁ ମା'ଙ୍କ ସହ ଦକ୍ଷିଣକାଳୀ ମନ୍ଦିର ଦର୍ଶନ କରି ଫେରୁଥିବାବେଳେ ଜାନକୀଦେଇପୁର ଷ୍ଟେଶନ ନିକଟସ୍ଥ ରେଳ ଟ୍ରାକ୍‌ରେ ରିଲ୍ସ କରୁଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ୍ ବିଶ୍ୱଜିତ୍‌ଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ମାର୍ଚ୍ଚ ୩୧ ତାରିଖରେ ଭୁବନେଶ୍ୱର ବିଜେବି କଲେଜର ୬ଜଣ ଛାତ୍ର ବାଲିଅନ୍ତା ଥାନା ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସାଇଫନ ନିକଟରେ ଗାଧୋଇବାବେଳେ ଶେଖ୍ ଇର୍‌ଫାନ ଅଲ୍ଲୀ ବୁଡ଼ିଯାଇ ପ୍ରାଣ ହରାଇଥିବାବେଳେ ଗୁରୁବାର ଭଦ୍ରକରେ ଶାଳନ୍ଦୀ ନଦୀ ବ୍ରିଜ୍ ଉପରୁ ଡେଇଁ ରିଲ୍ସ କରୁଥିବାବେଳେ ମିଥୁନ୍ ନାୟକ ନାମକ ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।

### ଚନ୍ଦ୍ରକୁ ମହାକାଶଚାରୀ ...

କରିଛି। ରକେଟ ଛଡ଼ାଯିବାର ୫ ମିନିଟ୍ ପରେ ମହାକାଶ ଯାନରୁ କମାଣ୍ଡର ରେଇଡ୍ ୱାଇଜ୍‌ମ୍ୟାନ୍ କହିଛନ୍ତି, ଆମେ ଏକ ସୁନ୍ଦର ଚନ୍ଦ୍ରୋଦୟ ଦେଖୁଛୁ ଏବଂ ଠିକ୍ ଦିଗରେ ଗତି କରୁଛୁ। ତାଙ୍କ ସହ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ କାନାଡାର ଜେରେମି ହାନ୍‌ସେନ ଅଛନ୍ତି। ନାସାର ଏହି ମହାକାଶ ଅଭିଯାନରେ ପ୍ରଥମ ଥର ପାଇଁ ଜଣେ ମହିଳା ଏବଂ ଅଣ ଆମେରିକୀୟ ସାମିଲ ହୋଇଛନ୍ତି। ନାସା ପୁନର୍ବାର ଚନ୍ଦ୍ରକୁ ମହାକାଶଚାରୀ ପଠାଇବା କାର୍ଯ୍ୟକୁ ଫେରିଥିବା ଏହାର ପ୍ରଶାସକ ଜାରେଡ୍ ଇସାକ୍‌ମ୍ୟାନ୍ ଖବରଦାତାମାନଙ୍କୁ କହିଛନ୍ତି। ଅର୍ଦ୍ଧଶତାବ୍ଦୀର ବିରତିକୁ ସେ ଏକ ସଂକ୍ଷିପ୍ତ ମଧ୍ୟାନ୍ତର ବୋଲି କହିଛନ୍ତି। ଉତ୍‌କ୍ଷେପଣ ପୂର୍ବରୁ ହାଇଡ୍ରୋଜେନ୍ ଇନ୍ଧନ ରକେଟ ମଧ୍ୟକୁ ପ୍ରବାହ ଆରମ୍ଭ କରିବା ବେଳେ ଉଦ୍‌ବେଗ ଖୁବ୍ ବଢ଼ିଯାଇଥିଲା। କାରଣ ଚଳିତ ବର୍ଷ ଆରମ୍ଭରେ ଏକ କାଉଣ୍ଟଡାଉନ୍ ପରୀକ୍ଷା ବେଳେ ବିପଜ୍ଜନକ ହାଇଡ୍ରୋଜେନ୍ ଲିକ୍ ହେବାରୁ ଏହାର ଉତ୍‌କ୍ଷେପଣ ରୋକିବାକୁ ଆମେ ବାଧ୍ୟ ହୋଇଥିଲୁ ବୋଲି ଇସାକ୍‌ମ୍ୟାନ୍ କହିଛନ୍ତି।



ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା

-ଗୁଡ୍ ଫ୍ରାଇଡେ
ଓ ଲଙ୍କା ପୋଡ଼ି



# ଆଣବିକ ପ୍ରତିରୋଧ ଓ ମହାଶକ୍ତି



ଆଣ୍ଟୋନି ଡାବିଲା

ଆଣବିକ ଅସ୍ତ୍ରଶସ୍ତ୍ର ଯୋଗୁ ମହାଶକ୍ତିଙ୍କ ମଧ୍ୟରେ ଯୁଦ୍ଧର ବିଜୟ ଅସମ୍ଭବ ହୋଇଯାଇଛି। ଅର୍ଥାତ୍ ମହାଶକ୍ତିଙ୍କ ନିକଟରେ ଏତେ ଅଣୁ ଅସ୍ତ୍ରଶସ୍ତ୍ର ରହିଛି ଯେ, ଯଦି ସେମାନଙ୍କ ମଧ୍ୟରେ ଯୁଦ୍ଧ ହୁଏ ; ତେବେ ବିଜୟ ପରିବର୍ତ୍ତେ ବିନାଶ ସୁନିଶ୍ଚିତ। ତଥାପି ୧୯୪୫ ପରେ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ପରୋକ୍ଷ ଭାବେ ଛାୟାଯୁଦ୍ଧ ଏବଂ ଆଞ୍ଚଳିକ କ୍ଷେତ୍ରରେ ଆର୍ଥିକ, ରାଜନୈତିକ ଓ ସାମାଜିକ ଅସ୍ଥିରତା ସୃଷ୍ଟି କରି ଏହା କରିପାରୁଥିଲେ। ଯେତେ ହିଂସାତ୍ମକ ହେଲେ ବି ଏହିସବୁ ସଂଘର୍ଷ ବିଂଶ ଶତାବ୍ଦୀର ଦୁଇ ବିଶ୍ୱଯୁଦ୍ଧର ହିଂସାତ୍ମକ ସ୍ଥିତି ଆଡ଼କୁ ବଢ଼ିବ ବୋଲି ଆଶା କରାଯାଉ ନ ଥିଲା। ହେଲେ ୨୦୨୨ରୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ସେହି ବିଶ୍ୱାସକୁ ଧୂଳିସାତ୍ କରିଦେଇଛି। ୧୯୯୪ ବୁଦାପେଷ୍ଟ ମେମୋରାଣ୍ଡମ ଅନୁଯାୟୀ ଯେଉଁ ସ୍ୱାଧୀନ ଦେଶର ସୁରକ୍ଷାକୁ ରୁଷିଆ ନିଶ୍ଚିତ କରିଥିଲା, ତାହା ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇ ଭ୍ଲାଡିମୀର ପୁଟିନ୍ ବିଶ୍ୱ ବ୍ୟବସ୍ଥାର ମୌଳିକ ମାନ୍ୟତାକୁ ଅଣଦେଖା କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ଦର୍ଶାଇଛି, ଆଣବିକ ଅସ୍ତ୍ର ବଳରେ ଏକ ମହାଶକ୍ତି ପରମାଣୁ ଯୁଦ୍ଧକୁ ଅଗ୍ରାଧିକାର ନ ଦେଇ ଏକ ପୂର୍ଣ୍ଣ ପାରମ୍ପରିକ ଯୁଦ୍ଧ କରିପାରେ। ଏହାସହ ପରମାଣୁ ଯୁଦ୍ଧ ଆରମ୍ଭ ନ କରି ପ୍ରତିରୋଧୀ କାର୍ଯ୍ୟ କରାଯାଉଛି। ତେବେ ଆଣବିକ ପ୍ରତିରୋଧ ଅସ୍ତ୍ରଶସ୍ତ୍ରଗୁଡ଼ିକ ଉପରେ ନୁହେଁ, ବରଂ ସେସବୁର ବ୍ୟବହାର ସମ୍ପର୍କିତ ପ୍ରତ୍ୟାଶା ଉପରେ ନିର୍ଭର କରେ। ଅପରପକ୍ଷରେ, ଏହି ପଦକ୍ଷେପ ନୀତି ବଦଳାଇଥିବା ଦେଶଗୁଡ଼ିକୁ ସେମାନଙ୍କ ସ୍ୱାର୍ଥ ପାଇଁ ଅନ୍ତର୍ଜାତୀୟ ବ୍ୟବସ୍ଥାର ନିୟମଗୁଡ଼ିକର ପୁନର୍ଗଠନ କରିବା ସକାଶେ ଏକ ସୁଯୋଗ ସୃଷ୍ଟି କରିଛି। ସେମାନେ ବଳ ପ୍ରୟୋଗ କରି ଏହା କରିବାକୁ ଚାହୁଁଛନ୍ତି। କୌଣସି ଦେଶ ଅନ୍ୟର ସୀମା ଉଲ୍ଲଂଘନ କରିବା ଅନୁଚିତ, ଯାହା ଜାତିସଂଘ ବ୍ୟବସ୍ଥାର ଏକ ଆଧାରଶିଳା। କିନ୍ତୁ ଏହାକୁ ଏବେ ଏକ ସର୍ତ୍ତଗତ ନୀତି ଭାବେ ବିଚାର କରିବା ଛାଡ଼ ବରଂ ଏକ ନିୟମ ଭାବେ ବି ଗ୍ରହଣ କରାଯାଉନାହିଁ। ଏହାକୁ କେହି ଲାଗୁ କରିବାକୁ ଇଚ୍ଛୁକ ହେଲେ ହିଁ ଏହା ବୈଧ ହେବ। ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ବିବାଦ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ତରଫରୁ ଆରମ୍ଭ ହୋଇଛି। ୟୁକ୍ରେନ୍‌କୁ ଅଧୀନକୁ ନେବା ଲାଗି ରୁଷିଆ ଚେଷ୍ଟା କଲା। ୭ ଅକ୍ଟୋବର ୨୦୨୩ରେ ହମାସ୍ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଇସ୍ରାଏଲ ଗାଜା, ଲେବାନନ୍, ସିରିଆ, ୟେମେନ୍ ଓ ପରେ ଇରାନ୍ ଉପରେ ସାମରିକ ଆକ୍ରମଣ ଆରମ୍ଭ କରିଦେଲା।

ଆମେରିକା ବୈଶ୍ୱିକ ବ୍ୟବସ୍ଥା ଗଠନ କରିବାରେ ସାହାଯ୍ୟ କରିଥିଲା। ହେଲେ ସେହି ବ୍ୟବସ୍ଥାର ଗ୍ୟାରେଣ୍ଟର ନ ହୋଇ ତାହାର ଅଧିକ କ୍ଷତି କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବାକୁ ଧମକ ଦେଇଛନ୍ତି। ଏହାସହ ଭେନେଜୁଏଲାରେ ହସ୍ତକ୍ଷେପ କରି ତାହାର ରାଷ୍ଟ୍ରପତିଙ୍କୁ ଅପହରଣ କଲେ। ଏହା ପରେ ଏବେ ଇରାନ୍ ସହ ଯୁଦ୍ଧ କରିଛନ୍ତି। ଆମେରିକା କଂଗ୍ରେସର ବିନା ଅନୁମତି କିମ୍ବା ଉପରେ ଜାତିସଂଘର ସ୍ୱୀକୃତି ନଥାଇ ଏହା କରାଯାଇଛି। ବିଗତ ୪ ବର୍ଷ ମଧ୍ୟରେ ରୁଷିଆ ଦର୍ଶାଇଛି ଯେ, ଆର୍ଥିକ କଟକଣାକୁ ମୁକାବିଲା କିମ୍ବା ସହ୍ୟ କରାଯାଇପାରେ। ଆଉ ମଧ୍ୟ ଦର୍ଶାଇଛି ଯେ, ପାଶ୍ଚାତ୍ୟ ଯୁଦ୍ଧ ପଦକ୍ଷେପଗୁଡ଼ିକ ଶିଳ୍ପ ଓ ରାଜନୈତିକ କଟକଣାର ସମ୍ମୁଖୀନ ହୋଇଛି ଏବଂ ଆଣବିକ ସୁରକ୍ଷା ପୂର୍ବ ବିଶ୍ୱାସ ତୁଳନାରେ ଏବେ ଅଧିକ ଭୂଖଣ୍ଡ ଦଖଲ କରିବା ପାଇଁ ଅନୁମତି ଦେଉଛି। ପରିଣାମ ସ୍ୱରୂପ ସ୍ଥାନୀୟ ସଂଘର୍ଷ ବୃଦ୍ଧି ହେଉଛି, ଯାହା ସେହି ଅଞ୍ଚଳରେ ସୀମିତ ନ ରହି ବ୍ୟାପୁଛି। ଯଦି ଲଗାତର ପାରମ୍ପରିକ ହିଂସା ଜାରି ରହେ, ତେବେ ତାହା ତୃତୀୟ ବିଶ୍ୱଯୁଦ୍ଧ ଘଟିପାରେ।

ଏବେ ସଂଘର୍ଷଗୁଡ଼ିକ ସାମଗ୍ରିକ ଭାବେ ବିଶ୍ୱ ବ୍ୟବସ୍ଥାକୁ ଅଧିକ ଚାପଗ୍ରସ୍ତ କରୁଛି। ଏଭଳି ସ୍ଥିତିରେ ଯୁଦ୍ଧଗୁଡ଼ିକ ଏକ ରଣନୀତିକ ସଙ୍କଟ ଭାବେ କେନ୍ଦ୍ରିତ ହୋଇପାରେ। ଫ୍ରାନ୍ସର ସମାଜ ବିଜ୍ଞାନୀ ରେମଣ୍ଡ ଆରୋନ ଏହି ସମସ୍ୟାକୁ ଏକ ଦଶନ୍ଧି ପୂର୍ବରୁ ସୂଚିତ କରିଥିଲେ। ସେ ତାଙ୍କ ପୁସ୍ତକ 'ଦି ସେଞ୍ଚୁରୀ ଅଫ୍ ଟୋଟାଲ ୱାର୍ସ'ରେ ଯୁକ୍ତି ବାଢ଼ିଥିଲେ ଯେ, ଆମେରିକୀୟ ରଣନୀତିଜ୍ଞମାନେ ଦୁଇଟି ଭବିଷ୍ୟତ କଥା ଭାବିଛନ୍ତି। ଗୋଟିଏ ହେଉଛି ପ୍ରତ୍ୟକ୍ଷ ସଂଘର୍ଷ ବିନା ସାମରିକ ବଳରେ ଶାନ୍ତି କିମ୍ବା ପରମାଣୁ ବିନିମୟରେ ଯୁଦ୍ଧ ଶେଷ। ଶୀତଳଯୁଦ୍ଧର ଉଗ୍ର ସଂଘର୍ଷଗୁଡ଼ିକ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ପରମାଣୁ ଅସ୍ତ୍ରର ଶକ୍ତି ହିଂସାକୁ ସୀମିତ ରଖିବାରେ ସଫଳ ହୋଇଥିଲା। କିନ୍ତୁ ହିଂସାକୁ ସୀମିତ ରଖିବାର ସେହି କ୍ଷମତା ଏବେ କ୍ଷୀଣ ହେବାରେ ଲାଗିଛି। କାରଣ କୌଣସି ଗୋଟିଏ ବି ଶକ୍ତି ସ୍ଥାନୀୟ ସଂଘର୍ଷକୁ ନିୟନ୍ତ୍ରଣ କରିପାରୁ ନାହିଁ।

ଏଠାରେ ରହିଛି ଆଧିପତ୍ୟର ରହସ୍ୟ। ଆମେରିକାର ପ୍ରତିଦ୍ୱନ୍ଦ୍ୱୀମାନେ କେବଳ ସେମାନଙ୍କ ନିଜ ଅଞ୍ଚଳରେ ପ୍ରଭୁତ୍ୱ ବିସ୍ତାର କରୁଥିବାବେଳେ ଆମେରିକା ସବୁଠି ଆଧିପତ୍ୟ ରଖିବାକୁ ଚାହୁଁଛି। ତାଇୱାନ କିମ୍ବା ଅନ୍ୟତ୍ର ଦେଖାଯାଇଥିବା ସଙ୍କଟ ରଣନୀତିକ ଚାପ ସୃଷ୍ଟି କରିବା ପାଇଁ ଯଥେଷ୍ଟ ହୋଇପାରେ। ୟୁରୋପ ଏଯାବତ୍ ରାଜନୈତିକ ଦୃଷ୍ଟିରୁ ଏକାଠି ହୋଇନାହାନ୍ତି। ଚାଇନାର ପ୍ରଭାବ ବଢୁଥିଲେ ସୁଦ୍ଧା ଏହା ତାହା ସାମ୍ପ୍ରତିକ ସ୍ୱାର୍ଥକୁ ଦେଖି ବୈଶ୍ୱିକ ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହିଁ।

ଏହି ସ୍ଥିତିରେ କେବଳ ଆଣବିକ ଅସ୍ତ୍ରଶସ୍ତ୍ର ଏବଂ ପ୍ରତିରକ୍ଷାତ୍ମକ ମେଣ୍ଟ ଉପରେ ଆଧାରିତ ଏକ ଅପ୍ରତିରୋଧୀ ସୁରକ୍ଷା ନୀତି ଯଥେଷ୍ଟ ହେବ ନାହିଁ। ଆଣବିକ ପ୍ରତିରୋଧର ପୁନଃ ପ୍ରତିଷ୍ଠା ପାଇଁ ଉଦାରବାଦୀ ଗଣତନ୍ତ୍ରଗୁଡ଼ିକ ସେମାନଙ୍କର ସମ୍ମିଳିତ ପ୍ରତିରକ୍ଷା ବ୍ୟବସ୍ଥାଗୁଡ଼ିକୁ ପୁନର୍ଗଠନ କରିବା ଦରକାର। ନୀତିଗୁଡ଼ିକ ପୁନରୁଦ୍ଧାର, ଶକ୍ତି ବ୍ୟବହାରର ପରିଚାଳନା ଏବଂ ଆଞ୍ଚଳିକ ସମନ୍ୱୟ ଉପରେ ଆଧାରିତ ଏକ ନୂଆ ସୁରକ୍ଷା ବଳୟ ଗଢ଼ି ଏହା କରିବା ଉଚିତ। ଆର୍ଥିକ ଶକ୍ତି ବ୍ୟାପକ ଭାବେ ଅବ୍ୟବସ୍ଥିତ ହୋଇଯାଇଥିବାରୁ ଏକ 'ଅପରିହାର୍ଯ୍ୟ ଦେଶ' ଭାବେ ଗଣାଯାଉଥିବା ଆମେରିକା ଯୁଗର ଶେଷ ହେବାକୁ ଯାଉଛି। ତେବେ ଫ୍ରାନ୍ସର ସମାଜବିଜ୍ଞାନୀ ଜିନ ବେଚଲରଙ୍କ ମତରେ କେତେକ ହାତଗଣତି ଦେଶର ପ୍ରାଧାନ୍ୟ ରହୁଥିବା ଏକ ସମନ୍ୱିତ ବ୍ୟବସ୍ଥା କିମ୍ବା ଚାଇନା ଓ ଆମେରିକାର ପ୍ରଭାବ ରହୁଥିବା ଏକ ନୂତନ ବ୍ୟବସ୍ଥା ବୈଶ୍ୱିକ ବ୍ୟବସ୍ଥା ଆଡ଼କୁ ଗତିକରୁଛି। ଆଣବିକ ପ୍ରତିରୋଧ ଯଦି ଜାରି ରହେ, ତେବେ ଆଗକୁ କିଛି ପରିବର୍ତ୍ତନ ଘଟିପାରେ। ଯଦି ଏହା ବିଫଳ ହୁଏ, ତେବେ ପ୍ରକୃତ ବିପଦ ମହାଯୁଦ୍ଧ ନୁହେଁ, ବରଂ ନିରନ୍ତର ହିଂସା ବଢ଼ିଚାଲିବ, ଯାହାକୁ କେହି ବି ନିୟନ୍ତ୍ରଣ କରିପାରିବେ ନାହିଁ।

**ରିସର୍ଚ୍ଚ ଫେଲୋ, ପ୍ୟାରିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପଲିଟିକାଲ ଷ୍ଟଡିଜ୍**

# ଜନଜାତୀୟ ଖେଳ ପ୍ରତିଭା: ଆମ ଜାତୀୟ ଗୌରବ



ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ଭାରତର ରାଷ୍ଟ୍ରପତି

ମୁଁ ଦେଖିଛି ଯେ ଆମ ଦେଶର ଗ୍ରାମାଞ୍ଚଳ ଓ ବନାଞ୍ଚଳରେ ପିଲାମାନେ ସେମାନଙ୍କ ଦୈନନ୍ଦିନ ଜୀବନର ଅଧିକାଂଶ ସମୟ ପ୍ରକୃତି କୋଳରେ ଅତିବାହିତ କରିଥା'ନ୍ତି। ସେମାନେ ପ୍ରାକୃତିକ ପରିବେଶରୁ ହିଁ ଖେଳକୁଦର ସହଜ ଉପାୟମାନ ଖୋଜି ନିଅନ୍ତି। ଭୂଇଁରେ ଗାର କାଟି, ଭଳିକି ଭଳି ଚିହ୍ନ ଆଙ୍କି ନିଜ ପାଇଁ କ୍ରୀଡ଼ାସ୍ଥଳୀ ପ୍ରସ୍ତୁତ କରିଥା'ନ୍ତି। ସେମାନେ ଫଳର ଶୁଖିଲା ମଞ୍ଜିକୁ ଖେଳର ଗୋଟି ଭାବରେ ବ୍ୟବହାର କରି ନିଅନ୍ତି। ଶୁଖିଲା ପତ୍ର, ଗଛର ଚେର ଏବଂ ପୁରୁଣା ଅବ୍ୟବହୃତ ପୋଷାକପତ୍ରରୁ ପେଣ୍ଡୁ ତିଆରି କରି ଖେଳନ୍ତି। ବାଉଁଶରେ ହକି ଓ ଫୁଟବଲ ଖେଳର ଗୋଲ ପୋଷ୍ଟ ତିଆରି କରନ୍ତି। ଏହିପରି ଭାବରେ ବିଭିନ୍ନ ପ୍ରାକୃତିକ ଉପାଦାନକୁ ଉପଯୋଗ କରି ସେମାନେ ନିଜନିଜର ଖେଳଦୁନିଆର ସର୍ଜନା କରିଥା'ନ୍ତି। ଅନେକ ପିଲା ବିନା ଜୋତା ଓ ଜର୍ସିରେ ବି ପ୍ରବଳ ଉତ୍ସାହର ସହ ଖେଳିଥାନ୍ତି। ଗାଡ଼ିଆପୋଖରୀରେ ପିଲାମାନେ ଖୁବ୍ ପହଁରନ୍ତି। ବର୍ତ୍ତମାନ ଉପଲବ୍ଧ ହେଉଥିବା ସମ୍ବଳ ଓ ପ୍ରଶିକ୍ଷଣ ସହାୟତାରେ ସନ୍ତରଣର ଏହି ପ୍ରକୃତିଦତ୍ତ ପ୍ରତିଭାର ବିକାଶ କରି ଯାଜପୁର ଝିଅ ଅଞ୍ଜଳି ମୁଣ୍ଡା ମାତ୍ର ୧୫ ବର୍ଷ ବୟସରେ ପ୍ରଥମ 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬'ର ପ୍ରଥମ ଦିବସରେ ହିଁ ତିନୋଟି ସ୍ୱର୍ଣ୍ଣ ପଦକ ଜିଣି ସାରା ଦେଶର ଯୁବାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ତୀରଚାଳନା ପ୍ରତି ଜନଜାତୀୟ ଲୋକଙ୍କର ଏକ ସ୍ୱତଃସ୍ଫୂର୍ତ୍ତ ଆକର୍ଷଣ ରହିଆସିଛି। ୧୮୫୫ ମସିହାରେ ଶୋଷଣ ବିରୁଦ୍ଧରେ ଭୀଷଣ ସଂଗ୍ରାମ କରିଥିଲା ସାନ୍ତାଳ ସମ୍ପ୍ରଦାୟ, ଯାହା 'ସାନ୍ତାଳ ହୁଲ' ନାମରେ ପରିଚିତ। ଯଦିଓ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ବ୍ରିଟିଶ ବାହିନୀ ଏହି ବିଦ୍ରୋହକୁ ଦମନ କରିବାରେ ସମର୍ଥ ହୋଇଥିଲା, ତେବେ ନିଜ ନିଜ ବିବରଣୀରେ ଇଂରେଜମାନେ ସାନ୍ତାଳ ବୀରମାନଙ୍କର ରଣକୌଶଳ, ବିଶେଷତଃ ତୀରଚାଳନା ଦକ୍ଷତା ବିଷୟରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରିଛନ୍ତି। ମୁଁ ରାଜ୍ୟପାଳ ଥିବା ସମୟରେ ସାନ୍ତାଳ ହୁଲ୍‌ର ନେତୃତ୍ୱ ନେଇଥିବା ବୀରପୁତ୍ର ସିଦ୍ଧ-କାହ୍ନୁ ଓ ଚାନ୍ଦ-ଭୈରବ ଏବଂ ବୀରାଙ୍ଗନା ଭଉଣୀ ଦ୍ୱୟ ଫୁଲ-ଝାନୋଙ୍କ ଗାଁ ଉରି-ମାରିକୁ ଯାଇ ସେମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର ସୌଭାଗ୍ୟ ଲାଭ କରିଥିଲି। ତୀରଚାଳନାରେ ଏକଲବ୍ୟଙ୍କ ମହାନତା କଥା ପ୍ରତ୍ୟେକ ଦେଶବାସୀଙ୍କୁ ଜଣା। ସେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ରୂପେ ବିଖ୍ୟାତ। ଦେଶବାସୀଙ୍କ ପାଇଁ, ବିଶେଷତଃ ଜନଜାତୀୟ ସମାଜ ଲାଗି ଏକଲବ୍ୟ ହେଉଛନ୍ତି ପ୍ରେରଣାର ଉତ୍ସ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡ଼ିକରେ ପ୍ରତିଷ୍ଠା କରାଯାଇଥିବା 'ଖେଳ ଉତ୍କୃଷ୍ଟତା କେନ୍ଦ୍ର' ଆଧୁନିକ କ୍ରୀଡ଼ା ଉପକରଣ ଓ ପ୍ରଣାଳୀ ମାଧ୍ୟମରେ ପିଲାମାନଙ୍କର ସାମର୍ଥ୍ୟ ବୃଦ୍ଧି କରୁଅଛି। ଏହିପରି ଭାବରେ ବିଦ୍ୟାଳୟର ଖେଳ-ବ୍ୟବସ୍ଥା ସଙ୍ଗେ ସଙ୍ଗେ ଅନ୍ୟତ୍ର ଥିବା ଖେଳ-ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଶିକ୍ଷିତ କରିବା କାର୍ଯ୍ୟକ୍ରମ ମଧ୍ୟ ଚାଲୁ ରହିଛି।

ମୋର ବ୍ୟକ୍ତିଗତ ପ୍ରଚେଷ୍ଟାରେ ମୋ ଗାଁର ବଞ୍ଚିତ ବର୍ଗର ପିଲାମାନଙ୍କ ନିମନ୍ତେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏହି ବିନମ୍ର ପ୍ରଚେଷ୍ଟା କ୍ରମରେ ବିଦ୍ୟାଳୟ ପରିସରରେ ତୀରଚାଳନା ପ୍ରଶିକ୍ଷଣର ବ୍ୟବସ୍ଥା ମଧ୍ୟ କରାଯାଇଛି। ସରକାରୀ ଉଦ୍ୟମ ସାଙ୍ଗକୁ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଛୋଟ ଛୋଟ ପ୍ରୟାସ ମଧ୍ୟ ଜନଜାତୀୟ ପିଲାମାନଙ୍କ ଭିତରେ ଥିବା କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ସହାୟକ ହେବ।

ମୋ ଗାଁର ଜନଜାତୀୟ ସମାଜର ଅନ୍ୟମାନଙ୍କ ପରି ମୋ ଭିତରେ ମଧ୍ୟ ସନ୍ତରଣ ସାଙ୍ଗକୁ କ୍ରୀଡ଼ା ଓ ବ୍ୟାୟାମ ପ୍ରତି ବେଶ୍ ଆଗ୍ରହ ଥିଲା। ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ମୁଁ ପ୍ରାୟତଃ ପ୍ରଥମ ହେଉଥିଲି। ଥରେ ପ୍ରତିଯୋଗିତାରେ ମୋ ସାଙ୍ଗ କିପରି ପ୍ରଥମ ହେବ, ସେଥିପାଇଁ ମୁଁ ଜାଣିଜାଣି ପଛେଇ ଯାଇଥିଲି। ଖେଳକୁଦରେ ଟିମ୍-ସ୍ପିରିଟର ଉନ୍ମେଷ ଘଟିଥାଏ ଏବଂ ସାମାଜିକ ସମ୍ପର୍କ ସୁଦୃଢ଼ ହୋଇଥାଏ। ସାଧାରଣତଃ ଖେଳାଳିମାନଙ୍କ ମଧ୍ୟରେ ଖେଳପଡ଼ିଆରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ଖେଳପଡ଼ିଆ ବାହାରେ ଗଭୀର ବନ୍ଧୁତା ଦେଖିବାକୁ ମିଳିଥାଏ।

ମୋ ଭାଇ ଜଣେ ବହୁତ ଭଲ ଫୁଟବଲ ଖେଳାଳି ଥିଲେ କିନ୍ତୁ ଗଭୀର ଆଘାତ ଯୋଗୁ ଆଉ ଖେଳିପାରିଲେ ନାହିଁ। ମୋ ପରିବାରର ଅନ୍ୟ କେତେଜଣ ମଧ୍ୟ ବିଭିନ୍ନ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ବ୍ୟକ୍ତିଗତ ଆଲେଖ୍ୟରେ ମୁଁ କହିବାକୁ ଚାହେଁ ଯେ ଜନଜାତୀୟ ପରିବାରଗୁଡ଼ିକରେ କ୍ରୀଡ଼ାର ଏକ ଜୀବନ୍ତ ପରମ୍ପରା ବିଦ୍ୟମାନ। ସେମାନଙ୍କ ଭିତରେ କ୍ରୀଡ଼ାର ଅସରନ୍ତି ପ୍ରତିଭା ରହିଛି, ଉତ୍ସାହ ରହିଛି, ରୁଚି ରହିଛି ଏବଂ ଆଗକୁ ବଢ଼ିବାର ଆଗ୍ରହ ବି ରହିଛି। ସୁବିଧାସୁଯୋଗ ଓ ପ୍ରଶିକ୍ଷଣ ମାଧ୍ୟମରେ ଏପରି ପ୍ରତିଭାମାନଙ୍କର ଉପଯୁକ୍ତ ବିକାଶ କରାଯାଇପାରିଲେ କ୍ରୀଡ଼ା, ସେମାନଙ୍କ ପାଇଁ କେବଳ ମନୋରଞ୍ଜନ ଓ ସାମାଜିକ ମିଳାମିଶାର ମାଧ୍ୟମ ନ ହୋଇ ସେମାନଙ୍କର ଉନ୍ନତି ଓ ଆର୍ଥିକ ସ୍ୱାବଲମ୍ବନ ତଥା ସାମାଜିକ ପ୍ରତିଷ୍ଠାର ମାଧ୍ୟମ ହୋଇପାରିବ। ଏ ପରିପ୍ରେକ୍ଷୀରେ ୨୦୧୮ ମସିହାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ରାଜ୍ୟ ସରକାର ଓ କ୍ରୀଡ଼ା ପ୍ରତିଷ୍ଠାନର ସହଭାଗିତାରେ ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା 'ଖେଲୋ ଇଣ୍ଡିଆ' ଅଭିଯାନ ଦେଶର କ୍ରୀଡ଼ା ବିକାଶ କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି।

କିଛିବର୍ଷ ତଳେ ଆମ ଦେଶରେ କ୍ରୀଡ଼ାର ଉତ୍ତମ ସୁବିଧାସୁଯୋଗ କେବଳ ମହାନଗରଗୁଡ଼ିକ ଭିତରେ ସୀମିତ ଥିଲା। ଅଥଚ ଅନେକ ପ୍ରତିଭାବାନ ଖେଳାଳି ଆମ ଗ୍ରାମାଞ୍ଚଳ ଓ ବନାଞ୍ଚଳରେ ରହିଛନ୍ତି। ଜନଜାତି ଅଧ୍ୟୁଷିତ ଅଞ୍ଚଳରେ କ୍ରୀଡ଼ା ଏକାଡେମୀ ଏବଂ ପ୍ରଶିକ୍ଷଣ ସୁବିଧାମାନ ପୂର୍ବେ ସୁଲଭ ନ ଥିଲା। ଅଧୁନା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କର ଖେଳକୁଦ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବାଠାରୁ ଆରମ୍ଭ କରି 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ' ପରି ପ୍ରୟାସ ବଳରେ ଜନଜାତୀୟ ପ୍ରତିଭାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳୁଛି।

ମୋର ମନେଅଛି ଯେ ମୋର ଛାତ୍ରୀ ଜୀବନରେ ଗ୍ରାମ୍ୟ ସ୍ତରରେ ପାଞ୍ଚ-ସାତ ଖଣ୍ଡ ଗାଁର ଲୋକେ ମିଶି ଖେଳ ପ୍ରତିଯୋଗିତା ଆୟୋଜନ କରୁଥିଲେ। କେତେକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟ ଜନଜାତୀୟ ଅଞ୍ଚଳରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇଆସିଛନ୍ତି। ତେବେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଉଥିବା ଭଲ ଭଲ ଖେଳାଳିମାନେ ଗ୍ରାମ୍ୟ ସ୍ତରରୁ ଉପରକୁ ଉଠି ପାରୁ ନ ଥିଲେ। ବିଗତ କିଛି ବର୍ଷ ହେବ ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ ପ୍ରଶଂସନୀୟ ଉଦ୍ୟମ କରାଯାଇଅଛି। ଏହି ଉଦ୍ୟମକୁ ଆଗକୁ ନେଇ 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬'ର ଆୟୋଜନ କରାଯାଇଛି। ଏହାଦ୍ୱାରା ତୃଣମୂଳ ସ୍ତରର ଜନଜାତୀୟ ଖେଳାଳିମାନଙ୍କୁ ପରିଚୟ ମିଳିପାରିଛି ଏବଂ ସେମାନଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ଓ ପ୍ରଶିକ୍ଷଣ ଉପଲବ୍ଧ କରାଯାଇଛି। ଏହି ରାଷ୍ଟ୍ରୀୟ କ୍ରୀଡ଼ାରେ ପ୍ରାୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ନିଜନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି।

ଆମ ଖେଳାଳିମାନଙ୍କର ସ୍ୱାଭାବିକ ପ୍ରତିଭା ବଳରେ ଭାରତ ୧୯୨୮ ମସିହାରେ ଆୟୋଜିତ ଅଲିମ୍ପିକ୍ସ କ୍ରୀଡ଼ାରେ ହକିରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିଣିଥିଲା। ଭାରତର ସେହି ଐତିହାସିକ ବିଜୟରେ ଜନଜାତୀୟ ଖେଳାଳିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେବେଠାରୁ ଏ ପର୍ଯ୍ୟନ୍ତ ଦିଲୀପ ଟିର୍କି, ସୁବୋଧ ଲାକ୍ରା ଓ ସଲିମା ଟେଟେଙ୍କ ପରି ହକି-ତାରକା ଖେଳାଳିମାନେ ଭାରତର ପୁରୁଷ ଓ ମହିଳା ଟିମ୍‌କୁ ନିଜ ପ୍ରତିଭା ଦ୍ୱାରା ସମୃଦ୍ଧ କରିଆସିଛନ୍ତି।

ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ହୋଇଆସୁଥିବା 'ଖେଲୋ ଇଣ୍ଡିଆ' ନାମକ ରାଷ୍ଟ୍ରୀୟ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସବୁ ଭୌଗୋଳିକ କ୍ଷେତ୍ର, ସାମାଜିକ ବର୍ଗ ଓ ଅନୁଷ୍ଠାନଗୁଡ଼ିକ ନିମନ୍ତେ ଏକ ସମୁଚିତ କ୍ରୀଡ଼ା ଇକୋ-ସିଷ୍ଟମ ଉପଲବ୍ଧ କରାଯିବା ନେଇ ସମାବେଶୀ ପ୍ରୟାସ କରାଯାଉଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ାରେ ଝିଅମାନଙ୍କର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାରି ରହିଥିବା 'ଅସ୍ମିତା' ଯୋଜନା ବଳରେ ଜନଜାତୀୟ ଝିଅମାନଙ୍କର କ୍ଷମତା ମଧ୍ୟ ବିକଶିତ ହେଉଛି। 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬' ମାଧ୍ୟମରେ ଆରମ୍ଭ କରାଯାଇଥିବା ପ୍ରୟାସଗୁଡ଼ିକ ସୁଦୃଢ଼ କରି ଜନଜାତୀୟ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେଲେ ଖେଳାଳିମାନଙ୍କର ଏପରି ଗୋଷ୍ଠୀ ଗଢ଼ାଯାଇପାରିବ, ଯାହାଦ୍ୱାରା ବିଶ୍ୱ ଦରବାରରେ ଭାରତ କ୍ରୀଡ଼ା-ମହାଶକ୍ତି ରୂପେ ପ୍ରତିଷ୍ଠିତ ହୋଇପାରିବ।

କିଛି ମାସ ତଳେ ଆୟୋଜିତ ବସ୍ତର ଓ ସରଗୁଜା ଅଲିମ୍ପିକ୍‌ରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଏପରି କେତେକ ଖେଳାଳି ଥିଲେ ଯେଉଁମାନେ ନକ୍ସଲବାଦର ପଥ ପରିତ୍ୟାଗ କରି କ୍ରୀଡ଼ାର ସତ୍‌ପଥରେ ଅଗ୍ରସର ହୋଇଛନ୍ତି। ଖେଳକୁଦ ଯୁବଶକ୍ତିକୁ ସକାରାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିଥାଏ। ଯୁବାଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରି ତାହାର ବିକାଶ କରିବା ଦିଗରେ ସରକାରଙ୍କ ପ୍ରଚେଷ୍ଟାର ସୁପରିଣାମ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାଗୁଡ଼ିକରେ ପରିଦୃଷ୍ଟ ହେବା ଆରମ୍ଭ ହୋଇଛି।

ଜନଜାତୀୟ ଯୁବତୀଯୁବକଙ୍କ ସମେତ ଆମ ଯୁବବର୍ଗଙ୍କ କ୍ରୀଡ଼ା ପ୍ରତିଭା ଆମର ଅମୂଲ୍ୟ ରାଷ୍ଟ୍ରୀୟ ପୁଞ୍ଜି। ମୋର ବିଶ୍ୱାସ, ଏହି ଅମୂଲ୍ୟ ସମ୍ବଳର ସଦୁପଯୋଗ କରି ଆମ ଦେଶ କ୍ରୀଡ଼ା-ଉତ୍କୃଷ୍ଟତାର ଅନେକ ଗୌରବଶାଳୀ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିବ। ଏହି ବିଶ୍ୱାସ ସହିତ ମୋର ବାର୍ତ୍ତା ଏହି ଯେ, ଖେଲୋ ଇଣ୍ଡିଆ ! ଖୁବ୍ ଖେଲୋ ଇଣ୍ଡିଆ !

# ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା



ହରିଶ୍ଚନ୍ଦ୍ର ଅରିଶଲ୍ୟ

ପ୍ରଭୁ ଯିଶୁଖ୍ରୀଷ୍ଟ ଦୁଇ ହଜାରରୁ ଅଧିକ ବର୍ଷ ତଳେ, ରୋମୀୟ ସାମ୍ରାଜ୍ୟ ସମୟରେ, ନିଜର ପରିଚୟ ଓ ବ୍ୟକ୍ତିତ୍ୱକୁ ଖୋଲାଖୋଲି ଭାବେ ପ୍ରକାଶ କରିଥିଲେ। ତାଙ୍କ ବିରୋଧରେ ରାଜଦ୍ରୋହର ମିଥ୍ୟା ଅଭିଯୋଗ ଆଣି କ୍ରୁଶବିଦ୍ଧ କରାଗଲା। କିନ୍ତୁ ବିଚାରପତିମାନେ ତାଙ୍କଠାରେ କୌଣସି ଦୋଷ ପାଇ ନ ଥିଲେ। ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ହୋଇ ମଧ୍ୟ ଆମ୍ଭମାନଙ୍କ ପାପ ପାଇଁ ପ୍ରଭୁଯିଶୁ ମୃତ୍ୟୁଦଣ୍ଡ ଭୋଗ କଲେ। ବାଇବେଲ କହେ, 'ସମସ୍ତେ ପାପ କରି ଈଶ୍ୱରଙ୍କ ମହିମାରୁ ଊଣା ପଡ଼ିଅଛନ୍ତି।'। 'ପାପର ବେତନ ମୃତ୍ୟୁ'। ପ୍ରଭୁ ଯିଶୁ ଶାରୀରିକ ମୃତ୍ୟୁର ଅଳ୍ପ ସମୟ ପୂର୍ବରୁ କ୍ରୁଶ ଉପରୁ ୭ଟି ନିଗୂଢ଼ ବାକ୍ୟ ଉଚ୍ଚାରଣ କରିଥିଲେ। ୧) ହେ ପିତା ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ, ୨) ମୁଁ ତୁମକୁ ସତ୍ୟ କହୁଛି, ଆଜି ତୁମେ ମୋ ସହିତ ପାରଦୀଶରେ ରହିବ, ୩) ହେ ମୋହର ଈଶ୍ୱର ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ, ୪) ହେ ପିତା ତୁମ ହସ୍ତରେ ମୋର ଆତ୍ମାକୁ ସମର୍ପଣ କରୁଛି, ୫)ଗୋନାରୀ, ଏଠାରେ ତୁମ୍ଭର ପୁତ୍ର, ତୁମ୍ଭର ମା, ୬)ମୋତେ ତୃଷା ଲାଗୁଛି, ୭) ଏହା ସମାପ୍ତ ହେଲା।

ହେ ପିତା, ଏମାନଙ୍କୁ କ୍ଷମାକର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ। ଏହାଥିଲା ଏକ ଦୁର୍ଲଭ ବାକ୍ୟ। ନିର୍ଦ୍ଦୋଷରେ ଦଣ୍ଡ ପାଇବା ଅବସରରେ କ୍ଷମାଦେବା ଇତିହାସରେ ଏକ ବିରଳ ଘଟଣା। ପ୍ରଭୁ ଯିଶୁ କ୍ଷମାର ସାଗର। କେବଳ ସେ ହିଁ କ୍ଷମା ଦେଇପାରନ୍ତି। ମନୁଷ୍ୟ ସମାଜର ପାପ କ୍ଷମା ନିମନ୍ତେ ପବିତ୍ର ନରବଳିକୁ ପ୍ରଭୁ ଯିଶୁ ସମ୍ପୂର୍ଣ୍ଣ କରିଥିଲେ। ବାଇବେଲ କହେ, ପ୍ରଭୁଯିଶୁ ଆମ୍ଭମାନଙ୍କ ପିତା ଈଶ୍ୱରଙ୍କ ଇଚ୍ଛାନୁସାରେ ଏହି ବର୍ତ୍ତମାନ ପାପର କ୍ରୀତଦାସରୁ ଉଦ୍ଧାର କରିବା ପାଇଁ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ପ୍ରଦାନ କଲେ। ପବିତ୍ର ଓ ନ୍ୟାୟବାନ ଈଶ୍ୱର କାହାରି ମୁଖା ପେକ୍ଷା କରନ୍ତି ନାହିଁ। ଦୋଷୀକୁ ଦଣ୍ଡ ଦେଇ ନ୍ୟାୟ ବିଚାର କରନ୍ତି। ଯେଣୁ ଆମ୍ଭମାନଙ୍କୁ ଈଶ୍ୱର ନିକଟକୁ ଆଣିବା ନିମନ୍ତେ ଯିଶୁଖ୍ରୀଷ୍ଟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ବଳିକୃତ ହେଲେ ଓ ମୃତ୍ୟୁ ଭୋଗ କଲେ। ସେ ଶରୀରରେ ମୃତ୍ୟୁ ଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ। ପ୍ରଭୁ ଯିଶୁ ମନୁଷ୍ୟ ସମାଜ ପାଇଁ 'କ୍ଷମା'ର ଦ୍ୱାର ଖୋଲିଦେଲେ। ପ୍ରଭୁଯିଶୁଙ୍କ ଦ୍ୱାରା ଓ ତାଙ୍କ ଦେଇ ସମସ୍ତେ ଈଶ୍ୱରଙ୍କ ନିକଟକୁ ଯାଇପାରିବେ। ପ୍ରଭୁଯିଶୁ କ୍ରୁଶାର୍ପିତ ଅବସ୍ଥାରେ ସମସ୍ତଙ୍କ କ୍ଷମା ପାଇଁ ପିତା ଈଶ୍ୱରଙ୍କୁ ନିବେଦନ କଲେ। ବର୍ତ୍ତମାନ ପ୍ରଭୁଯିଶୁ ଆହ୍ୱାନ କରୁଛନ୍ତି, ''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।'' ବାଇବେଲ କହେ, ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ।



କ୍ଷମା କରିବା କ୍ଷମା ଦେବା ଏକ ସାଧାରଣ ବିଷୟ ନୁହେଁ। ଯେଉଁମାନେ କ୍ଷମା ଦିଅନ୍ତି ଏବଂ କ୍ଷମା ପାଆନ୍ତି ସେମାନେ ଏହାର ଗୁରୁତ୍ୱ ଅନୁଭବ କରନ୍ତି। ବାଇବେଲ କହେ, ଯାହାଙ୍କଠାରେ ପାପର ଲେଶ ମାତ୍ର ନ ଥିଲା ତାହାଙ୍କୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପେ କଲେ, ଯେପରି ଆମ୍ଭେମାନେ ପ୍ରଭୁଯିଶୁଙ୍କ ଦ୍ୱାରା ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେଉ। ଜଣେ ମଣିଷ(ଆଦମ)ର ପାପରେ ମନୁଷ୍ୟ ଜାତି ପାପୀ ହେଲା ଏବଂ ଜଣେ ମଣିଷ (ମନୁଷ୍ୟ ଅବତାର ପ୍ରଭୁଯିଶୁଙ୍କ) ବଳିଦାନରେ ମନୁଷ୍ୟ ସମାଜ କ୍ଷମା, ମୁକ୍ତି ଓ ପରିତ୍ରାଣ ମୋକ୍ଷର ଅଧିକାରୀ ହେଲେ। ପ୍ରଭୁଯିଶୁ ସମସ୍ତଙ୍କ ପାପକ୍ଷମା ପାଇଁ ବଳିଦାନ ଦେଇ କ୍ରୁଶ ଉପରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଏହା ହିଁ ଶୁଭ ଶୁକ୍ରବାରର ମହାନ୍ ବାର୍ତ୍ତା।

ବାଇବେଲ ପ୍ରମାଣିତ, ପ୍ରଭୁଯିଶୁ ତିନିଦିନ ପରେ କବରରୁ ପୁନରୁତ୍ଥିତ ହେଲେ। ଏହା ପୃଥିବୀ ଇତିହାସରେ ପ୍ରଥମ ଓ ଶେଷ ଘଟଣା। ପୁଣି ୪୦ ଦିନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ଦେଖାଦେଇଥିଲେ। ନିଜକୁ ସ୍ପର୍ଶ କରିବାକୁ ସୁଯୋଗ ଦେଲେ ଏବଂ ସମସ୍ତଙ୍କ ଗୋଚରରେ ସ୍ୱର୍ଗାରୋହଣ କଲେ। ତାହାଙ୍କ ସ୍ୱର୍ଗାରୋହଣ ସମୟରେ ଆକାଶରୁ ଦୂତଙ୍କ ବାଣୀ ଥିଲା, ପ୍ରଭୁ ଯିଶୁ ଯେପରି ସ୍ୱର୍ଗାରୋହଣ କଲେ ଠିକ୍ ସେହିପରି ଦ୍ୱିତୀୟ ଥର ପୃଥିବୀକୁ ବିଚାର କରିବା ପାଇଁ ଦ୍ୱିତୀୟ ଆଗମନ କରିବେ। ପ୍ରଭୁଯିଶୁଙ୍କ ଦ୍ୱିତୀୟ ଆଗମନ ପୂର୍ବରୁ ଯାହା ସବୁ ଲକ୍ଷଣ ବାଇବେଲରେ ଉଲ୍ଲେଖ ଅଛି, ତାହାସବୁ ଆଜି ପୃଥିବୀରେ ଦେଖାଯାଉଛି।

ପ୍ରଭୁଯିଶୁ କହିଥିଲେ, କେହି ମୋଠାରୁ ମୋର ଜୀବନ ନେଇଯାଇ ନାହିଁ, ମାତ୍ର ମୁଁ ଆପେ ତାହା ଦାନ କରେ। ଜୀବନଦାନ କରିବାକୁ ଓ ସେହି ଜୀବନକୁ ପୁନର୍ବାର ଗ୍ରହଣ କରିବାକୁ ମୋର ଅଧିକାର ଅଛି। ମୁଁ ମୋର ପିତାଙ୍କଠାରୁ ଏହି ଆଜ୍ଞା ପାଇଛି। ପ୍ରଭୁଯିଶୁ ସମସ୍ତଙ୍କୁ ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ଓ ଭୌଗୋଳିକ ସୀମା ନିର୍ବିଶେଷରେ ଆହ୍ୱାନ ଦେଇଛନ୍ତି– 'ମୁଁ ପଥ, ସତ୍ୟ ଓ ଜୀବନ। ମୋ ଦେଇ ନ ଗଲେ କେହି ପରମ ପିତାଙ୍କ ନିକଟକୁ ଯାଇପାରିବେ ନାହିଁ।' ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ପ୍ରଭୁ ଯିଶୁଖ୍ରୀଷ୍ଟ ଏକମାତ୍ର ମଧ୍ୟସ୍ଥ। ପ୍ରଭୁ ଯିଶୁ ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା। କ୍ଷମାର ଆବଶ୍ୟକତା ଅତି ଜରୁରୀ ଥିଲା ଏବଂ ବର୍ତ୍ତମାନ ମଧ୍ୟ ଅଛି। ଆମ ପରିବାରରେ ସମାଜରେ ରାଜ୍ୟରେ ଦେଶରେ ଏବଂ ପୃଥିବୀରେ ପରସ୍ପର କ୍ଷମା କରିଦେଲେ, ଅନେକ ଜଟିଳ ସମସ୍ୟା ଦୂରେଇ ଯିବ। କ୍ଷମା କରିଦେଲେ ମଣିଷ ଓ ମଣିଷ ମଧ୍ୟରେ ଦୂରତା କମିଯିବ। ଘନିଷ୍ଠତା ବଢ଼ିଯିବ। ସୁସ୍ଥ ମାନବ ସମାଜ ଗଢ଼ି ଉଠିବ।

**ଅହମଦାବାଦ, ଗୁଜରାଟ**
**ମୋ:୯୪୯୪୭୮୨୭୭୭**

## ଏଇ ଭାରତରେ

ଅସହାୟ ପିଲାଙ୍କ ଆଶାବାଡ଼ି ପୋର୍ତ୍ତିଆ ପୁଟାଟୁଣ୍ଡା। ସେ ତାଙ୍କ ପିତାଙ୍କ ସ୍ମୃତିରେ ଏକ ଆବାସିକ ସ୍କୁଲ ଖୋଲି ମାଗଣାରେ ପିଲାମାନଙ୍କୁ ପଢାଉଛନ୍ତି। ସେମାନଙ୍କୁ ଖାଦ୍ୟ, ଚିକିତ୍ସା, ପୋଷାକ ମାଗଣାରେ ଯୋଗାଉଛନ୍ତି। ପୋର୍ତ୍ତିକା ଭାରତର ସବୁଠୁ ଉଚ୍ଚ ଗାଁ କୋମିକରେ ଏହି ସ୍କୁଲ ଖୋଲିଛନ୍ତି। ସେ ପ୍ଲାନେଟ ସ୍ପିତି ଫାଉଣ୍ଡେଶନ ପ୍ରତିଷ୍ଠା କରି ତା' ମାଧ୍ୟମରେ ଉକ୍ତ ସ୍କୁଲ ପରିଚାଳନା କରୁଛନ୍ତି। ପୋର୍ତ୍ତିକା ସେହି ପିଲାମାନଙ୍କ ପାଇଁ ମା'ପାଲଟିଯାଇଛନ୍ତି। ସ୍କୁଲରେ ୮ରୁ ୧୦ ବର୍ଷ ବୟସର ପିଲା ରହୁଛନ୍ତି । ପିଲାମାନଙ୍କ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ଆଉ ଯେଉଁମାନେ ରହିଲେ ଅଭିଭାବକ ସେମାନଙ୍କ ଯତ୍ନ ନେବାରେ ଅକ୍ଷମ। ଏହି ସ୍କୁଲରେ ପିଲାମାନଙ୍କ ପାଇଁ ଏକ ପାଠାଗାର ଓ ଖେଳିବାର ବ୍ୟବସ୍ଥା କରାଯାଇଛି। ପୋର୍ତ୍ତିକା ପେସାରେ ଜଣେ ସାମ୍ବାଦିକ। ସେ ସିଏନ୍‌ଏନ୍‌ରୁ ୨୦୨୦ରେ ଚାକିରି ଛାଡ଼ି ଏହି କାର୍ଯ୍ୟ କରୁଛନ୍ତି। ସାମ୍ବାଦିକ ଥିବାବେଳେ ସେ କୋମିକ୍‌କୁ ବହୁବାର ଯିବାର ସୁଯୋଗ ପାଇଥିଲେ ଓ ସେଠାରେ ପିଲାଙ୍କ ଦୁର୍ଦ୍ଦଶାକୁ ଦେଖିଥିଲେ। ଏଣୁ ତାଙ୍କ ପିତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିରେ ସେଠାରେ ଏହି ସ୍କୁଲ ଖୋଲିବାର ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଏପ୍ରିଲ ୧୯୭୭

- ପଶ୍ଚିମବଙ୍ଗ ବିଧାନସଭା ସଭ୍ୟା ଭବାନୀ ଶଙ୍କର ମୁଖାର୍ଜୀ କଂଗ୍ରେସ ଦଳ ତ୍ୟାଗ କରି ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।
- ଏସ୍.ଭି. ଗୁପ୍ତେଙ୍କୁ ଭାରତର ନୂଆ ଆଟର୍ଣ୍ଣି ଜେନେରାଲ ରୂପେ ନିଯୁକ୍ତି ପ୍ରଦାନ।
- ତ୍ରିପୁରାରେ ଗଣତାନ୍ତ୍ରିକ କଂଗ୍ରେସ ଦଳ ଓ ମାର୍କ୍ସପନ୍ଥୀ କମ୍ୟୁନିଷ୍ଟ ପାର୍ଟିର ଏକ ମିଳିତ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| 5 | 9 | | | | 6 | | 3 | |
| | | | | 1 | | 9 | | |
| | | | | 5 | | 6 | | 8 |
| | | 3 | | | 1 | | | 5 |
| | 2 | | | | | | 7 | |
| 1 | | 2 | | | | 8 | | 3 |
| | | | 8 | | | | | |
| | | 7 | | | | | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 8 | 6 | 1 | 3 | 7 | 2 |
| 6 | 1 | 2 | 7 | 3 | 5 | 8 | 4 | 9 |
| 3 | 8 | 7 | 2 | 9 | 4 | 1 | 6 | 5 |
| 9 | 4 | 5 | 6 | 8 | 7 | 2 | 3 | 1 |
| 1 | 2 | 6 | 3 | 5 | 9 | 4 | 8 | 7 |
| 8 | 7 | 3 | 4 | 1 | 2 | 9 | 5 | 6 |
| 2 | 3 | 1 | 5 | 4 | 6 | 7 | 9 | 8 |
| 5 | 9 | 4 | 1 | 7 | 8 | 6 | 2 | 3 |
| 7 | 6 | 8 | 9 | 2 | 3 | 5 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳା ଏବଂ ଶିଶୁ ହେଲ୍‌ପ ଲାଇନ୍ ଡେସ୍କ ପୁନଃ ପ୍ରଚଳନ ହେଉ

ମହାଶୟ,

ରାଜଧାନୀ ଭୁବନେଶ୍ୱର ସମେତ ପ୍ରାୟ ଅନେକ ବଡ଼ ସହରରେ ଅତୀତ ସରକାରଙ୍କ ଅମଳରେ ଶିଶୁ ଏବଂ ମହିଳା ହେଲ୍ପ ଡେସ୍କ ପରିଚାଳିତ ହେଉଥିଲା। ଏହି ସବୁ ଡେସ୍କଗୁଡ଼ିକ ମହିଳା ଏବଂ ଶିଶୁମାନଙ୍କର ଆପଦ ଓ ବିପଦକାଳୀନ ସହାୟତା ଯୋଗାଇ ଆସୁଥିଲା। ତଦନୁଯାୟୀ ନିୟମିତ ସହରରେ ମହିଳା ଓ ଶିଶୁମାନେ ସେମାନଙ୍କ କ୍ଷେତ୍ରରେ ଦୈନନ୍ଦିନ ବ୍ୟବଧାନରେ ଘଟୁଥିବା ସମସ୍ୟାଗୁଡ଼ିକର ଅଭିଯୋଗ କରିପାରୁଥିଲେ। ରାସ୍ତାଘାଟରେ କୌଣସି ଅଘଟଣ ଏବଂ ସମସ୍ୟା ପ୍ରତି ଏହି ଡେସ୍କଗୁଡ଼ିକ ସଫଳତାର ସହ ପରିଚାଳିତ ହୋଇ ଆସୁଥିଲା। ସମୟର ବ୍ୟବଧାନ ଅନୁଯାୟୀ ବର୍ତ୍ତମାନ ଏଗୁଡ଼ିକ ପ୍ରାୟ ଅକାମୀ ହୋଇ ପଡିରହିଥିବାର ରାଜଧାନୀରେ ଦେଖିବାକୁ ମିଳୁଛି। ପରିବର୍ତ୍ତିତ ସରକାରଙ୍କର କ'ଣ ଏହା ନାରୀ ଏବଂ ଶିଶୁମାନଙ୍କର ବିକାଶ ଦିଗରେ ଉପଯୁକ୍ତ ପରିପନ୍ଥା କୁହାଯିବ କି ? ତେଣୁ ପୂର୍ବବତ୍ ଏହି ହେଲ୍ପ ଡେସ୍କଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ସରକାରଙ୍କୁ ଅନୁରୋଧ ଏବଂ ଏଗୁଡ଼ିକର ଉପଯୁକ୍ତ ପରିଚାଳନା ମଧ୍ୟ କରାଯିବା ଅତ୍ୟନ୍ତ ଜରୁରୀ ମନେହୁଏ।

**–ଧର୍ମରାଜ ପଟ୍ଟନାୟକ, ସହୀଦନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟା–ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବନସରରେ ସପ୍ତା, ଯଜ୍ଞ ଉଦ୍‌ଯାପିତ

ଧାମନଗର,୨।୪(ଦେବେନ୍ଦ୍ର ଆଦିଆ): ଧାମନଗର ବ୍ଲକ ଅଧୀନ କଲ୍ୟାଣୀ ପଞ୍ଚାୟତ ବନସର ଗ୍ରାମରେ ଚାଲିଥିବା ସପ୍ତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ସପ୍ତା ସୋମବାର ଉଦ୍‌ଯାପିତ ହେବା ପରେ ଦୁଇଦିନ ଧରି ଯଜ୍ଞ, ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସକାଳେ ଓ ରାତିରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ସାହୁ, ମାୟାଧର ସାମଲ, ରସାନନ୍ଦ ରାଉତ, ଦାମୋଦର ମଲ୍ଲିକ, ଲକ୍ଷ୍ମଣ ସାହୁ, ରବୀନ୍ଦ୍ର ଲେଙ୍କା, ଗୟାଧର ସାହୁ, ଅନନ୍ତ ଦଳାଇ, ସଞ୍ଜୀବ ସାହୁ, କମଳାକାନ୍ତ ଦଳାଇ, ସୁଜିତ ସାହୁ, ଅରୂପ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ରମେଶ ପୃଷ୍ଟି, ଗଗନ ସାହୁ, ଅମିୟ ମଲ୍ଲିକ, ବାଇଧର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ସାହୁ ପ୍ରମୁଖ କୀର୍ତ୍ତନ ପରିଚାଳନା କରିଥିଲେ।

# ରାଜନୈତିକ ଆକ୍ରୋଶରୁ ବନ୍ଦ ରହିଛି ଅନେକ ପ୍ରକଳ୍ପ

**୪ ବର୍ଷର ରିପୋର୍ଟ କାର୍ଡ ଦେଲେ ପୌରାଧ୍ୟକ୍ଷା**

**ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ**

ଭଦ୍ରକ,୨।୪(ସନାତନ ରାଉତ)



ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ ଓ କାଉନସିଲର।

ଭଦ୍ରକ ପୌରାଧ୍ୟକ୍ଷା ପଦରେ ବସିବା ଦିନଠାରୁ ବିଭିନ୍ନ ସମୟରେ ରାଜନୈତିକ ଛକ୍କାପଞ୍ଝା ଲାଗିରହିଛି। ରାଜନୈତିକ ଆକ୍ରୋଶରୁ ପୌରାଞ୍ଚଳରେ ବହୁ ଉନ୍ନୟନ ପ୍ରକଳ୍ପ ବନ୍ଦ ହୋଇ ପଡ଼ିରହିଛି ବୋଲି ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ କହିଛନ୍ତି। ଗୁରୁବାର ମଧ୍ୟାହ୍ନରେ ପୌରପାଳିକା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ୪ ବର୍ଷର ରିପୋର୍ଟ କାର୍ଡ ପ୍ରଦାନ କରିଥିବା ବେଳେ ଏହା ପ୍ରକାଶ କରିଛନ୍ତି।

ରିପୋର୍ଟ କାର୍ଡ ପ୍ରଦାନ କରି ସେ ଦର୍ଶାଇଛନ୍ତି ଯେ, ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସହରକୁ ସୁନ୍ଦର ଓ ଯାତାୟାତ ସୁବିଧା ନିମନ୍ତେ ୩୬୦ଟି ନୂତନ ରାସ୍ତା ବାବଦରେ ୨୧କୋଟି ୮୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୧୩୫ଟି ରାସ୍ତା ସହ ଜଳ ନିଷ୍କାସନ ଡ୍ରେନ୍ ନିର୍ମାଣରେ ୧୧ କୋଟି ୬୯ ଲକ୍ଷ ବ୍ୟୟ କରାଯାଇଛି। ସେହିପରି ୧୪୭ଟି ନୂତନ ଡ୍ରେନ୍ ୧୨ କୋଟି ୩୪ ଲକ୍ଷ ବ୍ୟୟରେ ପୁନରୁଦ୍ଧାର ହୋଇଛି। ଏହାଦ୍ୱାରା ଜଳ ନିଷ୍କାସନ ସମସ୍ୟା ୯୦ ପ୍ରତିଶତ ସମାଧାନ ହୋଇଛି। ଆଉ ଅଳ୍ପ କିଛି ସମସ୍ୟା ଡ୍ରେନେଜ ବିଭାଗର ଅସହଯୋଗ ପାଇଁ ପଡ଼ିରହିଛି। ସହରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ୧ କୋଟି ୯୪ଲକ୍ଷ ଟଙ୍କା ବ୍ୟୟରେ୨୭ଟି ପ୍ରକଳ୍ପ ନିର୍ମାଣ କରାଯାଇଛି। ମୁକ୍ତା ଯୋଜନାରେ ୯ଟି ଚାଇଲ୍ଡ ପ୍ଲେ ଷ୍ଟେଶନ, ୧୫ଟି ଓପନ ଏୟାର ଜିମ୍, ୧୦ ମିନି ପାର୍କ, ୬୧ ୱାଲ ପେଣ୍ଟିଂ, ୬ ଭେଣ୍ଡିଂଜୋନ୍, ୬ ଖେଳପଡ଼ିଆ ଓ ୨୨ଟି ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି। ୫୩ ଲକ୍ଷ ଟଙ୍କା ବ୍ୟୟରେ ୧୧ଟି କମ୍ୟୁନିଟି ସେଣ୍ଟର ଓ ୨୨ ଲକ୍ଷ ବ୍ୟୟରେ ୫ ସ୍କୁଲର ପୁନରୁଦ୍ଧାର କରାଯାଇଛି। ସଫେଇ କାର୍ଯ୍ୟରେ ୩୭ଟି ନୂତନ ପରିମଳ ଗାଡ଼ି ନିୟୋଜିତ କରାଯାଇଛି। ତେବେ ପୌରପାଳିକାରେ ଅସ୍ଥିର ଅବସ୍ଥା ସୃଷ୍ଟି କରିବା ପାଇଁ ବାରମ୍ବାର ପୌର ନିର୍ବାହୀ ଅଧିକାରୀଙ୍କୁ ବଦଳି କରାଯାଇଛି। ଗତ ୮ ମାସ ଧରି ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ବହୁ ଫାଇଲ ପଡ଼ି ରହିଥିବା ବେଳେ ଟେଣ୍ଡର ବାହାରିବାରେ ବିଳମ୍ବ ହେଉଛି। ବିଭିନ୍ନ ସ୍ଥାନରେ ପୌରପାଳିକାକୁ ଅଣଦେଖା କରି ଆର୍‌ଏମ୍‌ସି ଦ୍ୱାରା ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି ବୋଲି କହି ପୌରାଧ୍ୟକ୍ଷା କ୍ଷୋଭ ପ୍ରକାଶ କରିଛନ୍ତି। ନୂତନ ସରକାର ଆସିବା ପରେ ପୌରପାଳିକାକୁ ଅନୁଦାନ କମ୍ ଆସିଥିବା ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ କେତେଜଣ କାଉନସିଲର ଓ କାଉନସିଲରଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରେ ଜଳିଗଲା ହାଇୱା



ଭଦ୍ରକର ଗେଲପୁର ଓ ନଳାଙ୍ଗ ଛକ ମଝିରେ ଜଳୁଥିବା ହାଇୱା।

ଭଦ୍ରକ,୨।୪(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ଓ ନଳାଙ୍ଗ ଛକ ମଝିରେ ଗୁରୁବାର ଅପରାହ୍ନରେ ଏକ ହାଇୱା ଜଳିଯାଇଛି। ସୂଚନା ଅନୁଯାୟୀ, ହାଇୱାଟି ଭଦ୍ରକରେ ସାମଗ୍ରୀ ଖାଲି କରି ଯାଜପୁର ଅଭିମୁଖେ ଯାଉଥିଲା। ଚାଳକ ବିଜୟ କୁମାର ନାଥଙ୍କ କହିବା ମୁତାବକ ଗାଡ଼ି ଚାଲୁଥିବା ସମୟରେ ଏକପ୍ରକାର ଶବ୍ଦ ଶୁଭିଥିଲା। ସେ ଗାଡ଼ିକୁ ଅଟକାଇ ଷ୍ଟାର୍ଟ ବନ୍ଦ କରିବା ପାଇଁ ଚାବି ମୋଡ଼ିଥିଲେ ମଧ୍ୟ ଷ୍ଟାର୍ଟ ବନ୍ଦ ହୋଇ ନ ଥିଲା। ଗାଡ଼ିରୁ ଓହ୍ଲାଇବା ପରେ ବାମପଟେ ଏକ ସ୍ଥାନରୁ ଧୂଆଁ ବାହାରୁଥିବା ସେ ଦେଖିଥିଲେ। ବାଲ୍‌ଟିରେ ପାଣି ଆଣି ସେଠାରେ ପକାଇବାରୁ ହଠାତ୍ ନିଆଁ ଜଳିଥିଲା। ସେ ଦମକଳ ବାହିନୀକୁ ଜଣାଇବା ପରେ ସେମାନେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ କେଉଁ କାରଣରୁ ନିଆଁ ଲାଗିଲା ସେ ଜାଣି ନ ଥିବା କହିଛନ୍ତି। ହାଇୱାଟି ଜଳିବା ସହ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଫଳରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା।

# ତେଜସ୍ୱିନୀ ସଂଗଠନ ପକ୍ଷରୁ ଓଡ଼ିଶା ଦିବସ

ଭଦ୍ରକ,୨।୪(ରବିନାରାୟଣ ଖିଲାର)

ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ୱରାଜ ବାର୍ତ୍ତା କାର୍ଯ୍ୟାଳୟଠାରେ ସଭାପତି କଳ୍ପନା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାର ସଂସ୍କୃତି, କଳା, ଭାସ୍କର୍ଯ୍ୟ ହିଁ ଓଡ଼ିଶାର ପରିଚୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ନୀହାର ରଞ୍ଜନ କର ଯୋଗଦେଇଥିଲେ। ଓଡ଼ିଆ ଭାଷାକୁ ସମ୍ମାନ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ନେତା ପ୍ରଭାକର ପରିଡ଼ା, ଆଇନଜୀବୀ ପ୍ରବୋଧ ଅଗସ୍ତି, ଖବରଦାତା ପ୍ରଦୀପ ବଳ, ସମ୍ପାଦିକା ଅଞ୍ଜନା ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ମନୋରମା ରାୟ, ଆଇନଜୀବୀ ଚଇତାଳି ଖିଲାର, ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ, ଗୀତାଞ୍ଜଳି ଅଗସ୍ତି, ସଂଯୁକ୍ତା ଯାଦବ, ଆଇନଜୀବୀ ଅଞ୍ଜୁବାଳା ରାଉତ ପ୍ରମୁଖ କବିତା ପାଠ କରିଥିଲେ। ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଂଗୀତ ଗାନ ଏବଂ ସଞ୍ଜୀବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ସନ୍ତୋଷ ମିଶ୍ର, ସୁଜୟ ପାକଳ, ମାନସ ପରିଡ଼ା ଓ ସିଦ୍ଧାର୍ଥ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପାଦିକା ବିଜୟଲକ୍ଷ୍ମୀ ମହାକୁଡ଼ଙ୍କ ଏସ୍‌ଏଚ୍‌ଜିକୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ୨ୟ ପର୍ଯ୍ୟାୟ ଘର,ଜନଗଣନା ତାଲିମ



ଶିବିରରେ ତାଲିମ ନେଉଥିବା ଜନଗଣନାକାରୀ ଓ ସୁପରଭାଇଜରମାନେ।

ବନ୍ତ,୨।୪(ହରିନାରାୟଣ ମହାନ୍ତି)

ବନ୍ତ ତହସିଲ ଅଧୀନରେ ୨୦୨୭ ମସିହା ଘର ଓ ଜନଗଣନାର ୨ୟ ପର୍ଯ୍ୟାୟ ତାଲିମ ଶିବିର ୨ଟି ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାରଠାରୁ ଏହି ଶିବିର ଆରମ୍ଭ ହୋଇ ଗୁରବାର ଶେଷ ହୋଇଛି। ତହସିଲଦାର ସାରା ହେମ୍ବ୍ରମଙ୍କ ତତ୍ତ୍ୱାବଧାନ ଏବଂ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତିଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଶିବିର ହୋଇଥିଲା। ଗଣିଜାଙ୍ଗସ୍ଥିତ ନେହେରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ୯୨ ଜନଗଣନାକାରୀ ଓ ସୁପରଭାଇଜର ତାଲିମ ନେଇଥିଲେ। ଏଥିରେ ପ୍ରଶିକ୍ଷକ ସନାତନ ଦାସ ଓ ହଳଧର ସେଠୀ ତାଲିମ ପ୍ରଦାନ କରିଥିଲେ। ସେହିପରି ସେଣ୍ଡତୀରାସ୍ଥିତ ପିଏମ୍‌ଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ୧୦୧ଜଣ ତାଲିମ ନେଇଛନ୍ତି। ଏଥିରେ ପ୍ରଶିକ୍ଷକ ବାରିଆଲ ଟୁଡୁ ଓ ନରେନ୍ଦ୍ର କୁମାର ବାରିକ ତାଲିମ ଦେଇଥିଲେ। ଜନଗଣନାକାରୀ ଓ ସୁପରଭାଇଜରମାନେ କିପରି ଘରକୁ ଘର ଯାଇ ୩୪ଟି ପ୍ରଶ୍ନ ସମ୍ବଳିତ ରିପୋର୍ଟ ସ୍ମାର୍ଟ ଫୋନ୍ ମାଧ୍ୟମରେ ପୂରଣ କରିବେ, ସେ ବିଷୟରେ ଉଭୟ ଥିଓରୀ ଓ ଡେମୁ ମାଧ୍ୟମରେ ତାଲିମ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗଣନାକାରୀମାନେ ନିଜ ନିଜ ଉଦ୍ଦିଷ୍ଟ ହାଉସ ଲିଷ୍ଟିଂ ବ୍ଲକ୍‌ରେ ଚଳିତ ମାସ ୧୬ ତାରିଖରୁ ମେ ୧୫ ପର୍ଯ୍ୟନ୍ତ ଘର ଗଣନା କରିବେ। ୨ୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀରେ ଗଣନାକାରୀମାନେ ଘରକୁ ଘର ଯାଇ ପ୍ରତି ବାସଗୃହରେ ରହୁଥିବା ଲୋକସଂଖ୍ୟାର ସବିଶେଷ ତଥ୍ୟ ଗଣନା କରିବେ। ଜନଗଣନା ବେଳେ ୪ରୁ ୫ ଜନଗଣନାକାରୀଙ୍କୁ କାର୍ଯ୍ୟରେ ସହଯୋଗ ଓ ତଦାରଖ କରିବା ପାଇଁ ଜଣେ ଲେଖାଏ ସୁପରଭାଇଜର ଦାୟିତ୍ୱରେ ରହିବେ ବୋଲି ଜଣାଯାଇଛି। ତହସିଲ କର୍ମଚାରୀ ବ୍ରଜ କିଶୋର ଦାସ, ମନୋଜ ମଞ୍ଜରୀ ଜେନା, ରତ୍ନୁପର୍ଣ୍ଣା ମିଶ୍ର, ଅମ୍ବିକା ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କାର୍ଯ୍ୟଦକ୍ଷତା ପାଇଁ ଏଏସ୍‌ଆଇ ସମ୍ବର୍ଦ୍ଧିତ

ବାସୁଦେବପୁର,୨।୪(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)



ନାୟକାଣିଡିହୀ ଥାନା ଏଏସ୍‌ଆଇ ଅନିଲ କୁମାର ସେଠୀଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରୁଛନ୍ତି।

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଅନିଲ କୁମାର ସେଠୀଙ୍କୁ ବେଷ୍ଟ ଏଏସ୍‌ଆଇ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ଭଦ୍ରକରେ ପୋଲିସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଏସ୍‌ପି ମନୋଜ କୁମାର ରାଉତ ଏଏସ୍‌ଆଇ ସେଠୀଙ୍କୁ ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ଘର ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ମଣିଦା ଗ୍ରାମରେ ହୋଇଥିବା ବେଳେ ସେ ପୋଲିସ ବିଭାଗରେ ୩୦ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏହି ସମ୍ମାନ ପାଇଁ ନାୟକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ ଓ ସ୍ଥାନୀୟ ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପୁରସ୍କାର ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବ ବୋଲି ଏଏସ୍‌ଆଇ ସେଠୀ କହିଛନ୍ତି।

# ଡିଜିଟାଲ ମାଧ୍ୟମରେ ଗଣନା ପ୍ରକ୍ରିୟା ଅଧିକ ସହଜ, ସ୍ୱଚ୍ଛ ହେବ: ଜିଲାପାଳ



ଡିଜିଟାଲ ଗଣନା କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

ଭଦ୍ରକ,୨।୪(ସନାତନ ରାଉତ)

ଭଦ୍ରକ ଡିଜିଟାଲ୍ ଜନଗଣନା-୨୦୨୬ର ପ୍ରଥମ ପର୍ଯ୍ୟାୟ ସ୍ୱୟଂଗଣନା ଗୁରୁବାର ଅପରାହ୍ନରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଶୁଭାରମ୍ଭ କରାଯାଇଛି। ସରକାରୀ ପୋର୍ଟାଲ ମାଧ୍ୟମରେ ଜନଗଣନା କାର୍ଯ୍ୟ କିପରି କରାଯିବ, ସେ ସମ୍ପର୍କରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଥମେ ସୂଚନା ଦିଆଯାଇଥିଲା। ପରେ ସେମାନେ ନିଜ ନିଜ ମୋବାଇଲରେ ପୋର୍ଟାଲ ମାଧ୍ୟମରେ ନିଜ ପରିବାରର ଗଣନା କାର୍ଯ୍ୟ ଆରମ୍ଭ କରିଥିଲେ। ଜନଗଣନା ଅଧିକାରୀ ଭାବେ ଜିଲାପାଳ ଦିଲୀପ ରାଉତରାଏ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡେପୁଟିକଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ପ୍ରମିଳା ମଲ୍ଲିକ, ଶ୍ୱେତାଶ୍ରୀ ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଡିଜିଟାଲ ପ୍ରକ୍ରିୟାରେ ଗଣନାକାରୀ ଆଇଡି ତୁରନ୍ତ ପ୍ରସ୍ତୁତ କରାଯିବ ଏବଂ ସାଧାରଣ ଜନତା ମୋବାଇଲ ନମ୍ବର ମାଧ୍ୟମରେ ନିଜ ଘରକୁ ଗଣନା କରିପାରିବେ। ଡିଜିଟାଲ ମାଧ୍ୟମରେ ଗଣନା ପ୍ରକ୍ରିୟା ଅଧିକ ସହଜ ଏବଂ ସ୍ୱଚ୍ଛ ହେବ ବୋଲି ଜିଲାପାଳ କହିଥିଲେ। ସ୍ୱଗଣନା ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଶିଳ୍ପୀ ଦୁର୍ଯ୍ୟୋଧନଙ୍କ ପରଲୋକ

ଚାନ୍ଦବାଲି,୨।୪(ଅଶୋକ ପଣ୍ଡା/ରତିକାନ୍ତ ବାରିକ)



ଦୁର୍ଯ୍ୟୋଧନ ଦାସ।

ଚାନ୍ଦବାଲି ଅଞ୍ଚଳର ବିଶିଷ୍ଟ ଶିଳ୍ପୀ ତଥା ମୂର୍ତ୍ତି କାରିଗର ପାଞ୍ଚପଡ଼ା ଗ୍ରାମର ଦୁର୍ଯ୍ୟୋଧନ ଦାସ(୮୦)ଙ୍କର ବାର୍ଦ୍ଧକ୍ୟଜନିତ କାରଣରୁ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ପୁଅ, ବୋହୂଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଚାନ୍ଦବାଲି ମାଟିର ଜଣେ ସୁଦକ୍ଷ ତଥା ଉଚ୍ଚକୋଟୀର ସିମେଣ୍ଟ ଶିଳ୍ପୀ ଭାବେ ପରିଚିତ ଥିଲେ। ସେ ଅନେକ କଳାଭାସ୍କର୍ଯ୍ୟ ସୃଷ୍ଟି କରିଯାଇଛନ୍ତି। ତାଙ୍କର ବହୁ ଅନୁଗାମୀ ଶେଷ ଦର୍ଶନ କରିବା ସହ ମରଶରୀର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଚାନ୍ଦବାଲି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଶୋକବ୍ୟକ୍ତ କରିଛନ୍ତି।

# ଓଡ଼ିଶା ଦିବସ ପାଳିଲା ଉତ୍କଳ ସମ୍ମିଳନୀ

ଭଦ୍ରକ, ୨।୪(ସନାତନ ରାଉତ)

ଭଦ୍ରକ ଉତ୍କଳ ସମ୍ମିଳନୀ ପକ୍ଷରୁ ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ବୁଧବାର ସନ୍ଧ୍ୟାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉପସଭାପତି ଅନାଦି ଦାସଙ୍କ ପୌରୋହିତ୍ୟ ଓ ସମ୍ପାଦକ ଅଜୟ ନାୟକଙ୍କ ସଞ୍ଚାଳନରେ ଏହି କାର୍ଯ୍ୟକ୍ରମରେ ବକ୍ତା ଭାବେ ଐତିହାସିକ ଗବେଷକ ଡ. ପ୍ରଭାତ କୁମାର ମହାନ୍ତି, ଡ. ମନୀନ୍ଦ୍ର ମହାନ୍ତି, ଡ. ଦୁର୍ଯ୍ୟୋଧନ ଦାସ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ମାନ୍ୟତା ଦେବା ପାଇଁ ସେତେବେଳେ ଭାଷା ଆନ୍ଦୋଳନ କରାଯାଇଥିଲା। ସେହି ସମୟରେ ବିଚ୍ଛିନ୍ନ ଅଞ୍ଚଳକୁ ଏକତ୍ରିତ କରାଯିବା ସହ ବିଭିନ୍ନ ପତ୍ରପତ୍ରିକା ପ୍ରକାଶ ପାଇଥିଲା। ଗୌରୀଶଙ୍କର ରାୟଙ୍କ ପ୍ରଥମ ଓଡ଼ିଆ ପତ୍ରିକା 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା। ଏସବୁର ପ୍ରଭାବ ଯୋଗୁ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ପାଇଥିଲା। ଏହି ଅବସରରେ ଭଦ୍ରକ ଓକିଲ ସଂଘର ନବନିର୍ବାଚିତ ସଭାପତି ଅରୁଣ କୁମାର ଚାନ୍ଦ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କୁ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଦ୍ମନ ରାୟ ଅତିଥିଙ୍କୁ ମଞ୍ଚ ଆହ୍ୱାନ ଓ ବାବୁଲାଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁରଜିତା ନାୟକ ଓ ଗୀତାରାଣୀ ଆଇଚ ମାନପତ୍ର ପାଠ କରିଥିବା ବେଳେ ଆଇନଜୀବୀ ଗଦାଧର ବଳ, ଡ. ପ୍ରଦୀପ ନାୟକ, ଅମର ପାଣିଗ୍ରାହୀ, ଚନ୍ଦ୍ରଶେଖର ନାୟକ, ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଶେଷରେ ଚର୍ଚ୍ଚିକା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଭଲ ରାସ୍ତାକୁ ତାଡ଼ି ନିମ୍ନମାନର ପିଚୁ କାମ

**ଅର୍ଥ ହଡ଼ପ ଅଭିଯୋଗ**

ଧୂଷୁରୀ,୨।୪(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତସ୍ଥିତ ବାଙ୍କମୁହାଁ ନିକଟରେ ଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ଭଲ ରାସ୍ତାକୁ ତାଡ଼ି ନିମ୍ନମାନର ପିଚୁ କାମ କରି ଠିକାଦାର ଅର୍ଥ ହଡ଼ପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଗୁରୁବାର ଏକ ଅଭିଯୋଗ ପତ୍ର ଭଦ୍ରକ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଡାକ ଯୋଗେ ପଠାଇଛନ୍ତି। ଏହାର ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି।

ସେମାନେ ଦର୍ଶାଇଛନ୍ତି, ଏହି ରାସ୍ତାରେ ଯେଉଁଠି ରାସ୍ତା ଖରାପ ଅଛି, ସେଠାରେ ପିଚୁ ନ ପକାଇ ଯେଉଁଠି ଭଲ ରାସ୍ତା ଥିଲା, ସେଠାରେ ରାସ୍ତାକଡ଼ରେ ଉହଉହ ଖରାରେ ପିଚୁ ତରଳାଇ, ପ୍ରଦୂଷଣ ନିୟମକୁ ବେଖାତିର କରି ବିଭାଗୀୟ ଅଧିକାରୀ ଓ ଠିକାଦାର ଅର୍ଥ ହଡ଼ପ କରିବାକୁ ଯୋଜନା କରିଛନ୍ତି। ଏହାବ୍ୟତୀତ ଯେଉଁଠି ପିଚୁ ପକାଇ ରାସ୍ତା ମରାମତି କରାଯାଇଛି, ସେଠାରେ ୨ ଦିନ ମଧ୍ୟରେ ପିଚୁ ଉଠିଯିବା ଭଳି ପରିସ୍ଥିତି ଦେଖାଦେଇଛି। ସେହିପରି କୌଣସି ଫଳକ ନ ଥାଇ ପ୍ରାୟ ୫ଶହ ମିଟର ରାସ୍ତା ଏପରି ନିମ୍ନମାନର କାମ କରି ଠିକାଦାର ଅର୍ଥ ହଡ଼ପ କରିଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରୁ କେଉଁ ସ୍ଥାନରେ କାମ ହେଉଛି, ସେ ଜାଣି ନ ଥିବା କହିଛନ୍ତି।



ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତ ବାଙ୍କମୁହାଁ ନିକଟରେ ରାସ୍ତାରେ ପଡ଼ିଥିବା ନିମ୍ନମାନର ପିଚୁ।

# 'ଚାନ୍ଦବାଲି ବନ୍ଦର ଐତିହ୍ୟର ବିକାଶ ଦିଗରେ ସମ୍ମିଳିତ କାର୍ଯ୍ୟ ଆବଶ୍ୟକ'

**କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ୨ୟ ସନ୍ଧ୍ୟା**

ଚାନ୍ଦବାଲି,୨।୪(ରତିକାନ୍ତ ବାରିକ)



କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ୨ୟ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଚାନ୍ଦବାଲି ଦୁର୍ଗାପଡ଼ିଆରେ ବୈତରଣୀ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ବୁଧବାର ଥିଲା ୨ୟ ସନ୍ଧ୍ୟା। କମିଟିର କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଭାତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ସାହିତ୍ୟିକ ପଣ୍ଡିତ ଦୈତାରୀ ମହାପାତ୍ର, ସ୍ୱତନ୍ତ୍ର ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ, ଅନ୍ୟତମ ଅତିଥି ଭାବେ ଗୋସୁରକ୍ଷା ସମିତିର ପ୍ରଚାରକ ସମୀର କୁମାର ପାତ୍ର ଏବଂ ଓଷ୍ଟାର ଭଦ୍ରକ ଜିଲା ସଭାପତି ଅନିଲ କୁମାର ମିଶ୍ର ଯୋଗ ଦେଇଥିଲେ। ଚାନ୍ଦବାଲି ବନ୍ଦର ଐତିହ୍ୟର ବିକାଶ ଦିଗରେ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଅଞ୍ଚଳବାସୀଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଶିକ୍ଷକ ମାଧବାନନ୍ଦ ଓଝା, ଆଇନାର ସମ୍ପାଦକ ବିଭୁ ପଦାରବିନ୍ଦ ମହାପାତ୍ର, ବିଶିଷ୍ଟ ଚିତ୍ରଶିଳ୍ପୀ ହେମନ୍ତ କୁମାର ସେଠୀ ଓ ଖବରଦାତା ମାନସ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଦେବବ୍ରତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଙ୍ଗୁଳି ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ବୌଦ୍ଧର ବାଜାସାଇ ଡ୍ୟାନ୍ସ ଗ୍ରୁପ୍ ଓ ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମାଜିକ କର୍ମୀ ସୁଧୀର କୁମାର ମହାନ୍ତି, କମିଟି ଆବାହକ ବିଶ୍ୱକେଶରୀ ମହାନ୍ତି, ରଞ୍ଜନ ଦାସ, ଗଙ୍ଗାଧର ଦାସ, ପ୍ରକାଶ ସେଠୀ, କେଦାର ନାଥ ମହାନ୍ତି, ନାରୀନେତ୍ରୀ ଚନ୍ଦ୍ରକାନ୍ତୀ ଦାସ, ଗୀତାଞ୍ଜଳି ମହାନ୍ତି, ସାମାଜିକ କର୍ମୀ ବ୍ରଜସୁନ୍ଦର ମହାନ୍ତି, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଶିକ୍ଷକ ଅମୂଲ୍ୟ କୁମାର ରାଉତ, ଅଧିବକ୍ତା ମଳୟ ରଞ୍ଜନ ଭୋଇ, ଗବେଷକ ତାରାପଦ ମହାନ୍ତି, ନିତ୍ୟାନନ୍ଦ ପଣ୍ଡା, ଲଳିତ କୁମାର ମହାନ୍ତି, ବ୍ୟବସାୟୀ ରଘୁନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କମିଟିର କୋଷାଧ୍ୟକ୍ଷ ନିର୍ମଳ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ହଦଗଡ଼ ପୋଷ୍ଟ ଅଫିସ୍‌ରେ ଅହିରାଜ



ଆନନ୍ଦପୁର,୨୧୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହଦଗଡ଼ ରେଞ୍ଜର ଅଧୀନ ହଦଗଡ଼ରେ ଥିବା ପୋଷ୍ଟ ଅଫିସରେ ଗୁରୁବାର ଏକ ବିରାଟକାୟ ଅହିରାଜ ସାପ ପଶିଯାଇଥିଲା। ସ୍ଥାନୀୟ କେତେଜଣ ଯୁବକ ଦେଖି ସାପ ଉପରକୁ ଟେକା ପଥର ଫିଙ୍ଗୁଥିଲେ। ଖବର ପାଇ ଘଟଣାସ୍ଥଳରେ ହଦଗଡ଼ ବନ ବିଭାଗ କର୍ମଚାରୀ ପହଞ୍ଚି ବନ୍ୟପ୍ରାଣୀଙ୍କୁ ଆକ୍ରମଣ ନ କରିବାକୁ ବୁଝାଇଥିଲେ। ସାପଟି ବାହାରି ନିକଟସ୍ଥ ଜଙ୍ଗଲ ଆଡ଼େ ପଳାଇଥିବା ଜଣାପଡ଼ିଛି।

### ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଉଳା,୨୧୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଆଞ୍ଚଳିକ ମହାବିଦ୍ୟାଳୟ ହାଟଡ଼ିହୀର ଅଧ୍ୟକ୍ଷ ଚିତ ରଞ୍ଜନ ରାଉତଙ୍କୁ କଲେଜ ପକ୍ଷରୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଥମେ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କ ବାସଭବନ ଏଲକଣା ଗ୍ରାମରୁ ଏକ ଶୋଭାଯାତ୍ରାରେ କଲେଜ ପରିସରକୁ ଅଣାଯାଇଥିଲା । ବିଦାୟ ସମ୍ବର୍ଦ୍ଧନା ସଭାରେ ଦେବ ଆହୁତି ପଟ୍ଟନାୟକ, ଅଧ୍ୟାପକ ରବି ନାରାୟଣ ବିଶ୍ୱାଳ, ଗୌରାଙ୍ଗ ଚରଣ ନାୟକ, ବୃନ୍ଦାବନ ଓଝା, ରବିନ୍ଦ୍ର ନାଥ ଜେନା, ବୀରଭଦ୍ର ପ୍ରଧାନ ଓ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଯୋଗଦେଇ ଅଧ୍ୟକ୍ଷଙ୍କ କର୍ତ୍ତବ୍ୟ ନିଷ୍ଠ, ସମାୟୁନୁବର୍ତ୍ତିତା, ଛାତ୍ର ବତ୍ସଳ ଓ ଅଭିଭାବକ ସହିତ ସୁ-ସମ୍ପର୍କ ରଖି ନିଜର ପରିଚୟ ସୃଷ୍ଟି କରିଥିବା କହିଥିଲେ। ଅଧ୍ୟାପକ ଅଜୟ ଦାସ, ଜନ୍ମଜୟ ପ୍ରଧାନ, ପ୍ରିୟଙ୍କା ମହାନ୍ତି, ସ୍ୱାଗତିକା ନାୟକ, ବିଭୁତି ଭୁଷଣ ପହି ପ୍ରମୁଖ ଯୋଗଦେଇ ତାଙ୍କ କର୍ମମୟ ଜୀବନ ସୁଖମୟ ହେଉ ବୋଲି ପ୍ରାର୍ଥନା କରିବା ସହିତ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ଉପସଭାପତିଙ୍କୁ ଛାଡ଼ିବା ଦାବିରେ ପ୍ରତିବାଦ ସଭା

ପାଟଣା,୨୧୪(ବୀର କିଶୋର ଦାଶ): ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ଉପସଭାପତି ପ୍ରକାଶ ମଲ୍ଲିକଙ୍କୁ ଗତ ବୁଧବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସର ରାତି ଅଧିଆ ଗିରଫଦାରୀକୁ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ନିସର୍ତ୍ତରେ ଖଲାସ କରିବାକୁ ଗୁରୁବାର ପ୍ରତିବାଦ କରାଯାଇଛି। ପାଟଣା ବ୍ଲକ୍ ଯମୁନାପଶି ହାଟପଡ଼ିଆଠାରେ ପ୍ରତିବାଦ ସଭା କରାଯାଇଛି। ପ୍ରତିରୋଧ ମଞ୍ଚ ଶତାଧିକ ମହିଳା, ପୁରୁଷ ଏକତ୍ରିତ ହୋଇ ନାରାବାଜି କରିବା ସହ ତୁରନ୍ତ ନିସର୍ତ୍ତରେ ପ୍ରକାଶ ମଲ୍ଲିକଙ୍କୁ ଛାଡ଼ିବାକୁ ଦାବି କରାଯାଇଛି।

### ହେମନ୍ତଙ୍କୁ ହାଇଜମ୍ପରେ ବ୍ରୋଞ୍ଜ ପଦକ



କେନ୍ଦୁଝର,୨୧୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସ୍ପୋର୍ଟସ ହଷ୍ଟେଲର ଛାତ୍ର ହେମନ୍ତ ଖେଡ଼ିଆ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାରେ ହାଇଜମ୍ପରେ ବ୍ରୋଞ୍ଜ ମେଡ଼ାଲ ପାଇଛନ୍ତି। ହାଇଜମ୍ପରେ ୧.୮ ମିଟର ଉଚ୍ଚ ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିବା ତାଙ୍କ କୋଚ ରାଜେନ୍ଦ୍ର କୁମାର ସିଂହ କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ସ୍ତରରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି। ସେ ଯୁକ୍ତ ଦୁଇରେ ପଢୁଥିବା ବେଳେ ତାଙ୍କ ବାପା ଶିବ ଖଡ଼ିଆ ଜଣେ ଚାଷୀ, ମାଆ ଦୃତି ଖେଡିଆ ଜଣେ ଗୃହିଣୀ ଅଟନ୍ତି। ତାଙ୍କର ଦୁଇ ଭଉଣୀ ଅଛନ୍ତି। ଭବିଷ୍ୟତରେ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳି ଦେଶର ନାମ ରଖିବା ତାଙ୍କର ଲକ୍ଷ ବୋଲି କୁହନ୍ତି।

# ସୁଧୁରୁନି ଟ୍ରାଫିକ୍ ସମସ୍ୟା

**ଯୋଡ଼ା-ଜୁରୁଡ଼ି ରାସ୍ତା**

**ମରାମତି ହେଉନି, ଦହଗଞ୍ଜ ଅଞ୍ଚଳବାସୀ**

ଯୋଡ଼ା,୨୧୪(ମାନସ ମହାନ୍ତି)



ରାସ୍ତାରେ ଲମ୍ବା ଧାଡ଼ିରେ ଟ୍ରକ୍ ଅଟକି ରହିଛି।

କେନ୍ଦୁଝର ଜିଲା ଯୋଡ଼ା –ଜୁରୁଡ଼ି ରାସ୍ତାର ଟ୍ରାଫିକ୍ ସମସ୍ୟାରେ ସୁଧାର ଆସୁନାହିଁ। ରାସ୍ତାଟି ମରାମତି ଅଭାବରୁ ସମ୍ପୂର୍ଣ୍ଣଭାବେ ସଙ୍କୁଚିତ ହୋଇଗଲାଣି। ରାସ୍ତାର ଅନେକ ସ୍ଥାନରେ ପ୍ରାୟ ଦେଢ଼ ଫୁଟରୁ ୨ ଫୁଟ୍ ଗଭୀର ଗର୍ତ୍ତ ହୋଇଛି। ପୋଲଗୁଡ଼ିକର ଲୁହାରଡ଼ ସମ୍ପୂର୍ଣ୍ଣଭାବେ ପଦାକୁ ବାହାରି ଆସିଲାଣି। ରାସ୍ତାରେ ଦୁର୍ଘଟଣା ଏକ ଦୈନନ୍ଦିନ ଘଟଣା ହୋଇଗଲାଣି।

ପ୍ରକାଶ ଯେ, ବାମେବାରି, ବିଛାକୁଣ୍ଡି, ଜଲହରି, ଜଜାଙ୍ଗ ଅଞ୍ଚଳରେ ଥିବା ଖଣିଗୁଡ଼ିକର ଲୁହାପଥର ପରିବହନ ଜୁରୁଡ଼ି ଦେଇ ହୋଇଥାଏ। ତେଣେ ଜୁରୁଡ଼ି ରେଳ ସାଇଡିଂ ଦକ୍ଷିଣ-ପୂର୍ବ ରେଳପଥର ଏକ ବ୍ୟସ୍ତ ବହୁଳ ବ୍ୟବସାୟିକ ରେଳ ସାଇଡିଂ ଭାବେ ଗଣାହେଉଛି। ଏହିଭଳି ଏକ ପ୍ରମୁଖ ବ୍ୟବସାୟିକ ଅଞ୍ଚଳରେ ରାସ୍ତାର ଦୁରବସ୍ଥା ହେତୁ ଟ୍ରାଫିକ୍ ଜାମ୍ ଏକ ପ୍ରମୁଖ ସମସ୍ୟା ପାଲଟିଛି। ସରକାରଙ୍କ ଖଣି ରାଜସ୍ୱହାନି ହେବା ଏଥିପାଇଁ ଏକ ପ୍ରମୁଖ କାରଣ। ଏହି ଅଞ୍ଚଳରେ ଥିବା ଜଜାଙ୍ଗ, ଜଲହରି, ପଳଶା, କାଳୀମାଟି, ବାମେବାରି, ଜରିବାହାଲ, ବନ୍ଧୁଆବେଡ଼ା, କମଳପୁର, ଜର୍ମିତା, ଉଚବାଲି ପ୍ରଭୃତି ଅଞ୍ଚଳବାସୀ ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ୍ ସମସ୍ୟା ଯୋଗୁ ଅଞ୍ଚଳର ଲୋକେ ଯୋଡ଼ା ବ୍ଲକ୍ କାର୍ଯ୍ୟାଳୟ, ଡାକ୍ତରଖାନା ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ଯାଇପାରୁନାହାନ୍ତି। ଜୁରୁଡ଼ି ଅଞ୍ଚଳର ସୁରେନ୍ଦ୍ରନାଥ ମହାନ୍ତି, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାକାନ୍ତ ନାଏକ ପ୍ରମୁଖ କହିଛନ୍ତି, ରାସ୍ତାର ମରାମତି ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠି ବଦଳରେ କମ୍ପାନୀଗୁଡ଼ିକ ୬କୋଟି ଟଙ୍କା ଦେଇଥିବା ସୂଚନା ମିଳିଛି। ହେଲେ ଏହି ୬ କୋଟି ଟଙ୍କା ସମୁଦ୍ରକୁ ଶଙ୍ଖେ ଭଳି। ତେଣେ ରାଜ୍ୟ ସରକାର ନିକଟରେ ଘୋଷଣା କରିଥିବା ଯୋଡ଼ା-ପଳାସପଙ୍ଗା ୬ ଲେନ୍ ରାସ୍ତା ଏ ପର୍ଯ୍ୟନ୍ତ ଘୋଷଣାରେ ହିଁ ସୀମିତ ରହିଯାଇଛି। ଅଞ୍ଚଳରେ ଥିବା ବୃହତ୍ ଖଣିଗୁଡ଼ିକ ଜୁରୁଡ଼ି ନାଳ ପୋଲ ଉପରେ ହୋଇଥିବା ବଡ଼ ଗାତ, ଜୁରୁଡ଼ି ହାଟ ପଦା ନିକଟରେ ହୋଇଥିବା ରେଳବାଇ ବ୍ରିଜ୍‌ର ଗାତରେ ମାଟି ଗଣ୍ଡାଏ ମଧ୍ୟ ପକାଉନାହାନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗକଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ମଧୁସୂଦନ ସାହୁ, ଚିତ୍ତରଞ୍ଜନ ମହାନ୍ତି, ମହେଶ୍ୱର ପାତ୍ର ପ୍ରମୁଖ କହିଛନ୍ତି। ଏହାର ସୁଧାର ନ ଆସିଲେ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ମଧ୍ୟ ଦେଇଛନ୍ତି।

# ହୋଟେଲରୁ ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ଚମ୍ପୁଆ,୨୧୪(ମହେଶ୍ୱର ଦାସ)

**ଯୋଗାଣ ବିଭାଗର ଚଢ଼ାଉ**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଯୋଗାଣ ଅଧିକାରୀ ଧୁମାରାମ ମୁର୍ମୁଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସାଧାରଣ ବଣ୍ଟନ ଏବଂ ବୈଧ ମାପ ଓଜନ ବିଭାଗ ପକ୍ଷରୁ ଚମ୍ପୁଆ ଓ ବିଲେଇପଦା ଅଞ୍ଚଳରେ ହୋଟେଲଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଚମ୍ପୁଆସ୍ଥିତ ଏକ ହୋଟେଲରୁ ୩, ବିଲେଇପଦାର ଏକ ହୋଟେଲରୁ ୫ ଗୋଟି ଖୋଲା ସିଲିଣ୍ଡର ଜବତ କରାଯାଇଥିଲା। ଚଢ଼ାଉରେ ଯୋଡ଼ା ଯୋଗାଣ ଅଧିକାରୀ ସିତାକାନ୍ତ ରାଉତ, ଚମ୍ପୁଆ ଯୋଗାଣ ଅଧିକାରୀ ସୁନିତା ମାରାଣ୍ଡି, ବୈଦମାପ ଓଜନର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ରାକେଶ କେର୍କେଟା ଓ କର୍ମଚାରୀ ନିର୍ମଳ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜବତ ହୋଇଥିବା ସିଲିଣ୍ଡରଗୁଡ଼ିକୁ ସ୍ଥାନୀୟ ବିତରକ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିବା ବେଳେ ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ମୁର୍ମୁ ସୂଚନା ଦେଇଛନ୍ତି।

# ଖବରକାଗଜ 'ମେଘଦୂତ' ଉନ୍ମୋଚିତ




ଅତିଥିମାନେ ଖବରକାଗଜ ଦେଖାଉଛନ୍ତି।

ଆନନ୍ଦପୁର,୨୧୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁରରୁ ନୂତନ ଖବରକାଗଜ 'ମେଘଦୂତ' ବୁଧବାର ଉନ୍ମୋଚିତ ହୋଇଛି। ଉତ୍ସବରେ ଖବରକାଗଜର ପ୍ରତିଷ୍ଠାତା ତ୍ରିଲୋଚନ ସାହୁଙ୍କ ବାପା ପୂର୍ଣ୍ଣଚନ୍ଦ୍ର ସାହୁ, ମାଆ ପ୍ରତିମା ସାହୁ ଯୋଗଦେଇ ଖବରକାଗଜର ପ୍ରଥମ ସଂଖ୍ୟା ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ସାହୁ ନିଛକ ଖବର ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରତି ମାସ ସାହିତ୍ୟ ଓ ପରିବେଶ ପାଇଁ ସ୍ୱତନ୍ତ୍ର ଭାବେ ୨ଟି ପୃଷ୍ଠା ପ୍ରକାଶ ପାଇବ ବୋଲି କହିଥିଲେ। ସମ୍ପାଦକ ପୁଷ୍ପଲତା ସାହୁ ପ୍ରଥମ ସଂଖ୍ୟାର ସମ୍ପାଦକୀୟ ପାଠ ସହିତ ସମ୍ବାଦପତ୍ରର ପ୍ରଚାରପ୍ରସାର ସହ ମୌଳିକ ସମ୍ବାଦ ପ୍ରସାରଣ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଖବରଦାତା ଅନୀଲ ସାହୁ, ବିଶିଷ୍ଟ ପାଲା ଗାୟକ ଗୟାଧର ନାଥ ଖବରଦାତାଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକକର୍ମୀ ପ୍ରସନ୍ନ ନାହାକ, ଅନିତା ବେହେରା, ରାଜ କିଶୋର ବାରିକ, ମନୋଜ ସାହୁ, ରଞ୍ଜିତ ନାୟକ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

# ବିଧାୟକଙ୍କଠାରୁ ସ୍ୱ ଜନଗଣନା ଆରମ୍ଭ



ପାଟଣା,୨୧୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ପ୍ରଶାସନ ପକ୍ଷରୁ ଗୁରୁବାର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କଠାରୁ ସ୍ୱ ଜନଗଣନା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ ଓ ଡାଟା ଏଣ୍ଟ୍ରି ଅପରେଟର ଲିଙ୍ଗରାଜ ଦାଶ ବିଧାୟକଙ୍କ ତୁରୁମୁଙ୍ଗାସ୍ଥିତ ବାସଭବନରେ ପହଞ୍ଚି ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। ସରକାରୀ ପୋର୍ଟାଲରେ ବିଧାୟକ ଅନ୍ ଲାଇନ ମାଧ୍ୟମରେ ନିଜର ତଥ୍ୟ ନିଜେ ସମିଟ କରିଛନ୍ତି। ଏହି ଅବସରରେ ବିଧାୟକ କହିଛନ୍ତି, ସେ ସ୍ୱ ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜକୁ ଭାଗିଦାରୀ କଲେ। ନିର୍ଭୁଲ ଓ ଠିକ୍ ତଥ୍ୟ ଅଧିକାରୀଙ୍କୁ ଦେବାକୁ ପାଟଣା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏପ୍ରିଲ ୧ରୁ ୧୫ତାରିଖ ପର୍ଯ୍ୟନ୍ତ ସ୍ୱ ଜନଗଣନା ଚାଲିବ। ପରେ ଅପ୍ରେଲ ୧୬ରୁ ମେ ୧୫ପର୍ଯ୍ୟନ୍ତ ଗୃହ ସୂଚୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପାଟଣା ବ୍ଲକ୍‌ରେ ମୋଟ ୨୪୦ଜଣ ଜନ ଗଣନା ଅଧିକାରୀ ଓ ୪୧ଜଣ ସୁପରିଭାଇଜର ତାଲିମ ଗ୍ରହଣ କରିଥିବା ତହସିଲଦାର କହିଛନ୍ତି।

### ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ

ଯୋଡ଼ା,୨୧୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ କୁନ୍ଦୁରୁନାଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ବର୍ଦ୍ଧନଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ପରିଚାଳନା ସମିତିର ସଭାପତି ଅଜୟ ଗୋପାଳ ଦାଶ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ପ୍ରମୁଖ ନିରାକାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ପ୍ରତିନିଧି ପାରେଶ୍ୱର ପ୍ରଧାନ ଓ ପର୍ଯ୍ୟାୟ ପ୍ରମୁଖ ସୁଶାନ୍ତ ମହାନ୍ତ ମଞ୍ଚାସୀନ ଥିଲେ। ଶିଶୁ ମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ମଧୁଛନ୍ଦା ଦାଶ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବିକା, ସେବକ ସହଯୋଗ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବଉଳା,୨୧୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଜଳସରପୁର ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୟ ଭୂଷଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶାଳଣିଆଁ ଜଳସେଚନ ବିଭାଗର ଏ.ଇ ସୁସ୍ମିତାରାଣୀ ନାୟକ, ମୁଖ୍ୟ ବକ୍ତାଭାବେ ହାଟଡ଼ିହୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜୀବ ଦଳେଇ, ସମ୍ମାନିତ ଅତିଥି ଗେଡ଼ମା ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର କାଣ୍ଡିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରମାକାନ୍ତ ଦ୍ୱିବେଦୀ, ଉପସଭାପତି ଅନନ୍ତ ସ୍ୱାଇଁ, ସହସମ୍ପାଦକ ଅମରବର ସେଠୀ, କୋଷାଧ୍ୟକ୍ଷ ନକୁଳଚନ୍ଦ୍ର ଜେନା, ପ୍ରଧାନ ଆଚାର୍ଯ୍ୟା ପ୍ରମିଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ରମେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଉପଢ଼ୌକନ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଶୀକ୍ଷାବିତ୍ ବାସୁଦେବ ନାୟକ, କ୍ଷେତ୍ରବାସୀ ରଣାଙ୍କୁ ସମ୍ମାନିତ କରାଯାଇଥିଲା।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଉଳା,୨୧୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ନୁଆ ପୋଖରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କେତକି ଭୂୟାଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନାଟ୍ୟକାର ତଥା ଶିକ୍ଷାବିତ୍ ଡ. ସୁଧାଂଶୁ ନାୟକଙ୍କ ସଭାପତିତ୍ୱରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଡ. କାର୍ତ୍ତିକ ଶ୍ୱର ରାଉତ, ହରେକୃଷ୍ଣ ଆପଟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପର୍ଶୁରାମ ପେଡ଼ା, ସିଆରସିସି ନିରଞ୍ଜନ ଖୁଲାର ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ମୋହନ ମହାନ୍ତି ଓ ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା ସଂଯୋଜନା କରିଥିଲେ। ପରେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ କେତକି ଭୂୟାଁ ଓ ତାଙ୍କ ସ୍ୱାମୀ ବିଜୟ କୁମାର ଜେନାଙ୍କୁ କାନପୁର ଗ୍ରାମରୁ ଶୋଭାଯାତ୍ରାରେ ଅଣାଯାଇ ନୁଆ ପୋଖରି ଗ୍ରାମ ପରିକ୍ରମା କରାଯାଇଥିଲା। ଦେବବ୍ରତ ଦାସ, ମଧୁସ୍ମିତା ଜେନା, ଏପି ରୋଜାଲିନୀ, ଅକ୍ଷୟ ମହାନ୍ତି, ସବିତାରାଣି ଜେନା, ଧରଣୀଧର ପୁହାଣ, ବିଷ୍ଣୁପଦ ଜେନା ପ୍ରମୁଖ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଜଗବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମ କୋଡ୍ ପ୍ରତ୍ୟାହାର ନେଇ ପ୍ରତିବାଦ

ଯୋଡ଼ା,୨୧୪(ମାନସ ମହାନ୍ତି)




ଶ୍ରମିକ ସଂଗଠନର କର୍ମକର୍ତ୍ତା ଅଭିଭାଷଣ ରଖୁଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ୪ଟି ନୂଆ ଶ୍ରମ କୋର୍ଡ ତୁରନ୍ତ ବାତିଲ ଦାବିରେ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ କରିବାକୁ ଏଆଇଟିୟୁସି ସମେତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ଦ୍ୱାରା ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କର୍ସ ୟୁନିୟନ, ଏଆଇଟିୟୁସି, କେନ୍ଦୁଝର ଜିଲା କମିଟି ପକ୍ଷରୁ ଜୁରୁଡିଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଖଣି ଓ କାରଖାନାର ଏକ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଯୋଗଦେଇଥିଲେ। ପ୍ରତିବାଦ ସଭାରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରି ସଭାପତି ତଥା ୟୁନିୟନର ସାଧାରଣ ସମ୍ପାଦକ, ଜିଲାର ବରିଷ୍ଠ ଖଣି ଶ୍ରମିକ ନେତା ମହେଶ୍ୱର ରାଉତ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ କଠୋର ସମାଲୋଚନା କରିଥିଲେ। ନୂତନ ଭାବରେ ଲାଗୁ କରାଯାଇଥିବା ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ନୂତନ ନୀତିରେ ଶ୍ରମିକ ଛଟେଇ ପାଇଁ ଅନୁମତି ନେବାକୁ ୧୦୦ ବଦଳରେ ୩୦୦କୁ ବୃଦ୍ଧି କରାଯାଇଛି। ଶ୍ରମିକଙ୍କ ଦୀର୍ଘ ଦିନର ଦାବି ବୋନସ ସିଲିଂ, ଇପିଏଫ ସିଲିଂ, ଇଏସଆଇ ସିଲିଂ ଓ ଗ୍ରାଚ୍ୟୁୟିଟି ସିଲିଂରେ ପରିବର୍ତ୍ତନ ନ ହେବା ଅନେକ କୋଟି ଶ୍ରମିକ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ କପିଳ ମହାନ୍ତି, ୟୁନିୟନର କର୍ମକର୍ତ୍ତା କାହ୍ନୁ ସାମଲ, ରାଜାରାମ ମୁଣ୍ଡା, ମାର୍କଣ୍ଡ ଦେହୁରୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି କମ୍ପାନୀ ସପକ୍ଷବାଦୀ ଓ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି ଜଣାଇଥିଲେ।

# ରାତ୍ର କାଳିନ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ

ଚମ୍ପୁଆ,୨୧୪ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ପର୍ଶଲାଠାରେ ୩ ଦିନିଆ ରାତ୍ର କାଳିନ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମାଆ ଲକ୍ଷ୍ମୀ ସଂଘ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ୧୬ ଗୋଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍ ମାରୁତି ଏକାଦଶ ଓ ଆଭେଞ୍ଜର ଆଟାକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାରୁତି ଏକାଦଶ ବିଜୟ ହୋଇଥିଲା।

# ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ

କେନ୍ଦୁଝର,୨୧୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ରିଜର୍ଭ ପଡ଼ିଆଠାରେ ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ରିଜର୍ଭ ଇନ୍‌ସ୍ପେକ୍ଟର ମୁକ୍ତିକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପରେଡ୍‌ରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। କର୍ତ୍ତବ୍ୟ ସମ୍ପାଦନା ସମୟରେ ଶହୀଦ ହୋଇଥିବା ପୋଲିସ ଓ କର୍ମଚାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ପୋଲିସ କର୍ମଚାରୀମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ମଧ୍ୟ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ପୋଲିସର ବୀର ଗାଥା ବଖାଣିଥିଲେ। ଓଡ଼ିଶାରେ ମାଓ ଦମନ ହୋଇ ସାରିଥିବା ବେଳେ ଓଡିଶା ପୋଲିସ ଓ କେନ୍ଦୁଝର ପୋଲିସ ମିଳିତ ଉଦ୍ୟମରେ ସାଇବର ମୁଳୋତ୍ପାଟନ କରାଯିବ ବୋଲି କହିଛନ୍ତି। ଏହାସହ ଓଡ଼ିଶାବାସୀଙ୍କୁ ଉତ୍କଳ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ୭ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୫ବର୍ଷ ପାଇଁ ଶ୍ରେଷ୍ଠ ସବ୍‌ଇନ୍‌ସ୍ପେକ୍ଟରଭାବେ ମାନସ ରଞ୍ଜନ ପଣ୍ଡା, ଶ୍ରେଷ୍ଠ ଏଏସ୍‌ଆଇଭାବେ ବସନ୍ତ ମହାନ୍ତ, ଶ୍ରେଷ୍ଠ ହାବିଲଦାର ଭାବେ ଦିଲୀପ ବେହେରା, ଶ୍ରେଷ୍ଠ ଓଆର ଭାବେ କନଷ୍ଟେବଲ ସୁଶୀଲ ଚନ୍ଦ୍ର ମହାନ୍ତ, ଶ୍ରେଷ୍ଠ ଏପିଆରଆର୍‌ଭାବେ କନଷ୍ଟେବଲ ଚିରଞ୍ଜିବୀ ମହାପାତ୍ର, ଶ୍ରେଷ୍ଠ ଟ୍ରାଫିକ କନଷ୍ଟେବଲଭାବେ ଦ୍ୟୁମେତସେନ ବାରିକ, ଶ୍ରେଷ୍ଠ କ୍ରୀଡ଼ାବିତ୍‌ଭାବେ ନୀତେଶ ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝର ପୋଲିସର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ନମାନର ସିମେଣ୍ଟ୍‌ରେ ରାସ୍ତା ନିର୍ମାଣ

**ଅତ୍ୟଧିକ ବାଲି ବ୍ୟବହାର ହେଉଛି**

କେନ୍ଦୁଝର,୨୧୪(ନରେଶ ଚନ୍ଦ୍ର ପଟ୍ଟନାୟକ)



ନିର୍ମାଣାଧୀନ ରାସ୍ତା।

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପରେ କଂକ୍ରିଟ ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ ହୋଇଛି। ବିନା ସୂଚନା ଫଳରେ କାମ ହେଉଥିବା ବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, ଗ୍ରାମର ଆର୍‌ଡି ରାସ୍ତାଠାରୁ ରଇଦାନ ନାଏକଙ୍କ ଘର ପର୍ଯ୍ୟନ୍ତ ଜିଲା ଖଣିଜ ପାଣ୍ଠିରୁ ରାସ୍ତା ନିର୍ମାଣ ହେଉଛି। ଏଥିପାଇଁ ୧୦ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିବା ବେଳେ ବିନା ସୂଚନା ଫଳକରେ କାମ କରାଯାଉଛି। ରାସ୍ତା କାମରେ ଅଧିକ ବାଲି, ଅବଧି ସରିଯାଇଥିବା ସିମେଣ୍ଟ ବ୍ୟବହାର କରାଯାଉଛି। ଚିପ୍ସର ଭାଗମାପ ଠିକ୍ ରହୁନାହିଁ। ସରକାରୀ ଅଧିକାରୀଙ୍କ ତଦାରଖ ଅଭାବରୁ ଅନେକ ଲକ୍ଷ ଟଙ୍କା ପାଣିରେ ପଡ଼ିଥିବା କୁହାଯାଇଛି। କନିଷ୍ଠଯନ୍ତ୍ରୀ ଶୁଭଶ୍ରୀ ବେହେରା କହିଛନ୍ତି, ଠିକାଦାରଙ୍କୁ ଏ ନେଇ କହିଛନ୍ତି, ରାସ୍ତା କାମ ନିମ୍ନମାନର ହେଉଥିଲେ ପଦକ୍ଷେପ ନିଆଯିବ।

# ଇଟାପୋଖରୀ ଗ୍ରାମ ରାସ୍ତା ମରାମତି ଦାବି

କେନ୍ଦୁଝର,୨୧୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଅଧୀନ ଇଟାପୋଖରୀ ଗ୍ରାମରୁ ରାସ୍ତା ନିର୍ମାଣ ହେଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବିଭିନ୍ନ ସମୟରେ ପଞ୍ଚାୟତ, ବ୍ଲକ୍‌ରେ ଦାବି କରୁଥିଲେ ହେଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗ୍ରାମବାସୀଙ୍କ ସମସ୍ୟାକୁ ନଜରରେ ରଖି ରାସ୍ତା ନିର୍ମାଣ କିମ୍ବା ମରାମତି କରିବାକୁ ଗ୍ରାମର ସାନ୍ତନୁ ଦେହୁରୀ, ଅମର ଦେହୁରୀ, ଶ୍ରୀକାନ୍ତ ନାଏକ, କମ୍ପାନୀ ପ୍ରଧାନ ପ୍ରମୁଖ ନିବେଦନ କରିଛନ୍ତି। ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଏବଂ ଗ୍ରାମର କିଛି ସାହିରେ ପାନୀୟ ଜଳ ସୁବିଧା ମଧ୍ୟ ନ ଥିବା ଗ୍ରାମବାସୀ କହିଛନ୍ତି।

## ସଂକ୍ଷେପରେ

### ବାଦିପାଲା ଉଦ୍‌ଯାପିତ

ଭଣ୍ଡାରିପୋଖରୀ, ୨।୪ (ରାଜେନ୍ଦ୍ର ଶତପଥୀ): ରାମନବମୀ ଅବସରରେ ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତର ନପଙ୍ଗ ପାଲା ପଡ଼ିଆରେ ବାବାଜୀ ସାମଲଙ୍କ ଦ୍ୱାରା ନିର୍ମିତ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜକ ନରନାରାୟଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସେହିପରି ଗାୟକ ଜ୍ଞାନ ବାରିଧି ଡ. କଳାକାର ନାୟକ ଓ ଗାୟକ ବାଣୀ ଝଙ୍କାର ପ୍ରଦ୍ୟୁମ୍ନ କୁମାର ନନ୍ଦଙ୍କ ମଧ୍ୟରେ ୪୪ତମ ବାଦିପାଲା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପାଲା କମିଟି ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ରସାନନ୍ଦ ନାୟକ, ମନୋରଞ୍ଜନ ନାୟକ, ଗୋବିନ୍ଦ ରାଉତ, ପ୍ରସନ୍ନ ନାୟକ, ଦାଶରଥି ରାଉତ, ନନ୍ଦକିଶୋର ଜେନା, ଲଳିତ ନାୟକ, ଉଦୟ ନାୟକ, ଦିଲୀପ ସାମଲ, କହ୍ନେଇ ପୋହି ପ୍ରମୁଖ ପରିଚାଳନା କରିଥିଲେ।

# 'ଭୂଖଣ୍ଡକୁ ବଞ୍ଚାଇବା ପାଇଁ ଭାଷାର ସମୃଦ୍ଧି ଆବଶ୍ୟକ'

### ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଓଡ଼ିଶା ଦିବସ

**ଖଇରା, ୨।୪ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦ ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ପରିଷଦ ସଭାପତି ମଦନମୋହନ ମହଲାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା, ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାକର ମହାଜନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆଙ୍କ ସ୍ୱାଭିମାନ ବଞ୍ଚାଇବା ଲକ୍ଷ୍ୟରେ ଅନେକ ବରପୁତ୍ରଙ୍କ ସାଧନା ଫଳସ୍ୱରୂପ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିପାରିଥିଲା। ଏଣୁ ଆମର ଏହି ଭୂଖଣ୍ଡକୁ ବଞ୍ଚାଇବାକୁ ହେଲେ ଭାଷାର ସୁରକ୍ଷା ଓ ସମୃଦ୍ଧି ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖଇରା ଅଞ୍ଚଳର ସୁନାମଧନ୍ୟ ଚିକିତ୍ସକ ଡା. ବ୍ରଜସୁନ୍ଦର ସ୍ୱାଇଁ, ଗଣମାଧ୍ୟମ ପ୍ରତିନିଧି ତପୋଧନ ବାରିକ, ଶିକ୍ଷକ ଅଜୟ କୁମାର ନାୟକ, ସାମାଜିକ କର୍ମୀ ଅଭୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ କିଶୋର କୁମାର ରାଉତଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଓ କେନ୍ଦ୍ରାପଡା ସାଇଡ୍ୟାନ୍ସ ଗ୍ରୁପ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ପରିଷଦ ସଭ୍ୟ ପଦ୍ମଲୋଚନ ଜେନା, ସୁବାଷ ପ୍ରଧାନ, ଅଭୟ କୁମାର ମହାନ୍ତି, ପଙ୍କଜ କୁମାର ବାରିକ, ପୁରୁଷୋତ୍ତମ ମହାନ୍ତି ଓ ରାମଚନ୍ଦ୍ର ମହାକୁଡ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

## ବାୟୁସେନା ସଙ୍ଗଠନ, ବାଲେଶ୍ୱର ଶାଖା ପକ୍ଷରୁ ଓଡ଼ିଶା ଦିବସ

**ବାଲେଶ୍ୱର, ୨।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାୟୁ ସେନା ସଙ୍ଗଠନର ବାଲେଶ୍ୱର ଜିଲା ଶାଖା ତରଫରୁ ଏପ୍ରିଲ ୧ରେ ଓଡ଼ିଶା ଦିବସ ପାଳନ ହୋଇଥଲା। ଏଥିରେ ସଭାପତି ଶିବଦାସ କୁଣ୍ଡୁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ସାହୁ, ଅଶ୍ୱନୀ କୁମାର ବର୍ଦ୍ଧନ, ଅଶୋକ କୁମାର ଦାଶ ଓ ସମ୍ପାଦକ ମହେଶ୍ୱର ବେହେରା ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷାର ପ୍ରୟୋଗ ଏବଂ ଏହାର ପ୍ରଚାର ଓ ପ୍ରସାର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ବାୟୁସେନାର ମହିଳା ସଙ୍ଗଠନ 'ସଙ୍ଗିନୀ' ତରଫରୁ ଏକ ସୁନ୍ଦର ସାଂସ୍କୃତିକ କାର୍ଯକ୍ରମ ହୋଇଥିଲା।

## ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ




**ନୀଳଗିରି, ୨।୪ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶିବିରର ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଶିବିରରେ ବରିଷ୍ଠ ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପିକା ଭାଗ୍ୟବତୀ ସ, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ସେବା ଶିବିରରେ ଯୋଗଦେଇଥିବା ଶିବିରାର୍ଥୀଙ୍କ ଅନୁଭବକୁ ଶ୍ରବଣ କରିବାସହ ଭାବ ଆଦାନପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜାତୀୟ ସେବା ଶିବିରର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ଓ ମୋନାଲିସା ଭୋଳ ପରିଚାଳନା କରିଥିଲେ। ଏହି ଶିବିରରେ ୬୦ ଛାତ୍ରୀ ଯୋଗଦାନ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଭୋଗରାଇ, ୨।୪ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୋହରିଆ ବିଜୟ କୁମାର ଏକାଡେମୀର ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ଦତ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ହାଇସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଡିଆଇ ତଥା ଶିକ୍ଷାବିତ୍ ଈଶ୍ୱରଚନ୍ଦ୍ର ଗିରି ପୌରୋହିତ୍ୟ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ବାନାର୍ଜୀ ମଙ୍ଗଳାଚରଣ କରିଥିଲେ। ମୁଖ୍ୟଅତିଥି ଭାବେ ଓଡିଶା ବନ ନିଗମ ଅଧ୍ୟକ୍ଷ ତଥା କେବିକେ ଜିଲାର ଅତିରିକ୍ତ ପ୍ରଶାସକ ବିଷ୍ଣୁପଦ ସେଠୀ, ମୁଖ୍ୟବକ୍ତା ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିହାରରଞ୍ଜନ ଦାସ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୌରାଙ୍ଗ ଦତ୍ତ ସହ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ଏଫଏମୟୁ ପକ୍ଷରୁ ସାପକାମୁଡା ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର, ଶିକ୍ଷକ ଓ ଗ୍ରାମବାସୀ।

### ମୃତ୍ୟୁ ନିରାକରଣ ଆନ୍ତର୍ଜାତୀୟ ଦିବସ

**ବାଲେଶ୍ୱର, ୨।୪ (ବାଞ୍ଛାନିଧି ଦେ)**

ମୃତ୍ୟୁ ନିରାକରଣ ଆନ୍ତର୍ଜାତୀୟ ଦିବସ ଅବସରରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଖାପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସାପ କାମୁଡ଼ା ପ୍ରତିରୋଧ ଓ ପ୍ରତିକ୍ରିୟା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଜନସଂଖ୍ୟା ଅଧ୍ୟୟନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ସଂଯୋଜକ ଡ଼. ଗ୍ରେସ ବାହାଲେନ ମୁଣ୍ଡୁଙ୍କ ନେତୃତ୍ୱରେ ସହାୟକ ଅଧ୍ୟାପକ ଡ଼. ଜଗନ୍ନାଥ ବେହେରା, ସମୀର କୁମାର ଜେନା ଓ ମାନସ କୁମାର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରାଧ୍ୟାପକ ଡ଼. ନିଳାଦ୍ରୀ ଭୂଷଣ କର ଯୋଗଦେଇ ସାପ କାମୁଡ଼ାର କାରଣ, ପ୍ରତିରୋଧ ଉପାୟ ଓ ଠିକ ପ୍ରାଥମିକ ଚିକିତ୍ସା ବିଷୟରେ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ନିଜର ସନ୍ଦେହ ଦୂର କରିଥିଲେ। ସାପ କାମୁଡ଼ା ସମୟରେ ତୁରନ୍ତ ଚିକିତ୍ସାଳୟକୁ ନେବା, ଅନ୍ଧବିଶ୍ୱାସରୁ ଦୂରେଇବା ଓ ସଚେତନ ରହିବା ଆଦି ବିବିଧ ପରାମର୍ଶ ଦିଆଯାଇଥିଲା।

## ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ଚଡ଼କ ପର୍ବ ଶୁଭାରମ୍ଭ

ବାଲିଆପାଳ, ୨।୪ (ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନିଖିରା ଗ୍ରାମର ବାବା ନିଖିରେଶ୍ୱର ମହାଦେବଜୀଉଙ୍କ ଚଡ଼କ ପର୍ବ ବୁଧବାରଠାରୁ ଶୁଭାରମ୍ଭ ହୋଇଛି। ଏହି ଅବସରରେ ପାଟଭକ୍ତା ଭାବେ ପାଳବେଗୁନିଆ ଗ୍ରାମର ମଳୟରଞ୍ଜନ ଭୂୟାଁ, ଶ୍ରୀ ବେକଡି ଭାବେ ନିଖିରା ଗ୍ରାମର ଈଶ୍ୱର ଚନ୍ଦ୍ର ବେହେରା, ଘଟୁଆଳ ଭକ୍ତା ଭାବେ ଜାମଲା ଗ୍ରାମର ସୁଜୟ କୁମାର ଦେ, ଦେଉଳିଆ ଭକ୍ତା ଗୋପନାରାୟଣ ଜେନା, ମାଳି ଭକ୍ତା ରାଜେଶ ଜେନା, ଚନ୍ଦନିଆ ଭକ୍ତା ବିଜୁ ପାଳ, ମାଣିକ ଭକ୍ତା ଗଣେଶ ଦେ, ଆଲମଧାରୀ ଭକ୍ତା ପ୍ରସାଦ ବେହେରା, ଭୋଗସ୍ୱାମୀ ଭକ୍ତା ଗୁରୁ ପ୍ରସାଦ ପାତ୍ର, ଭଣ୍ଡାରିଆ ଭକ୍ତା କାଶୀନାଥ ଜେନା, ଦାନ୍ତକାଠିଆ ଭକ୍ତା ପ୍ରମିତ କୁମାର ଜ୍ୟୋତି, ଘଣ୍ଟ ବାଦକ ଭକ୍ତା ଇନ୍ଦ୍ରଜିତ ମହାପାତ୍ର, ଗୋବରିଆ ଭକ୍ତା ସୁମନ ଜେନା ପ୍ରମୁଖ ୧୩ ଜଣ ଭକ୍ତ ଉପବୀତ ଧାରଣ କରିଛନ୍ତି। ୧୩ ଭକ୍ତାମାନଙ୍କ ଦ୍ୱାରା ଦୈନନ୍ଦିନ ଗ୍ରାମ ପରିକ୍ରମା ଚାଲୁ ରହିଛି । ବାବା ନିଖିରେଶ୍ୱର ଚଡ଼କ ମେଳା କମିଟିର ସମସ୍ତ ସଦସ୍ୟ ପରିଚାଳନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ୭ ତାରିଖରେ ପଡ଼ା କାମିନୀ ଘଟ ଉତ୍ତୋଳନ ହୋଇ ୮ ତାରିଖ ହର ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଚଳିତ ମାସ ୧୩ ତାରିଖରେ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ପାଟୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ଭୋଗମଣ୍ଡପ ଉଦ୍‌ଘାଟିତ

ଭୋଗରାଇ, ୨।୪ (ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଗ୍ରଣୀ ମହେଶପୁର ପଞ୍ଚାୟତ ରଇପୁର ଗ୍ରାମରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ୩ଲକ୍ଷ ୬ଶହ ୭୭ ଟଙ୍କା ବ୍ୟୟରେ ନିର୍ମିତ ଚଣ୍ଡୀମାତା ଭୋଗ ମଣ୍ଡପ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ମଣ୍ଡପକୁ ଉଦଘାଟନ କରିଥିଲେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା ଓ ଏମପି ପ୍ରତିନିଧି ଆଶିଷ ପାତ୍ର। ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର ମା' ଚଣ୍ଡୀଙ୍କ ଭୋଗ ମଣ୍ଡପ ନିର୍ମାଣ ଗ୍ରାମବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିବାରୁ ବିଡ଼ିଓଙ୍କୁ ସାଧୁବାଦ ଜଣାଇବା ସହିତ ବିକଶିତ ଓଡିଶା ଓ ବିକଶିତ ଗାଁର ଉନ୍ନତି ନିମନ୍ତେ ପଞ୍ଚାୟତବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅନୁଷ୍ଠାନରେ ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ଭାଜପା ନେତା ପରମାନନ୍ଦ ପରିଡା, ଏପିଓ ଜଗବନ୍ଧୁ ବେହେରା, ପିଇଓ ସୁନୀତା ଭଞ୍ଜ, ଜେଇ ମଦନମୋହନ ଜେନା ସହ ଗ୍ରାମବାସୀ ଯୋଗ ଦେଇଥିଲେ।

**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -UDD/DNP/01/2026-27Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka

# ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଶୁଭ ଆବିର୍ଭାବ



ଭୋଗରାଇ, ୨।୪ (ପ୍ରଦୀପ ଦାସ): ଅବକ୍ଷୟ ସମାଜରେ ଆଜି ବହୁ ସଂଘର୍ଷ, ପରସ୍ପର ମଧ୍ୟରେ ବିଦ୍ୱେଷ, ଅହଙ୍କାର, ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଓ ସ୍ୱାର୍ଥପରତା ଲାଗିରହିବା ଯୋଗୁ ମାନବିକତା, ଭଲପାଇବା ମଣିଷ ପ୍ରତି ମଣିଷର ଦାୟିତ୍ୱ ଓ କର୍ତ୍ତବ୍ୟ ପଥରେ ଅମାନବୀୟ ଚରମ ବ୍ୟର୍ଥତା ଦେଖାଦେଇଛି। ଏଭଳି ସ୍ଥିତିରେ ସମାଜ ବ୍ୟବସ୍ଥାର ସୁଧାର ନିମନ୍ତେ ଏବଂ ଭଲ ମଣିଷ ଗଢି ତୋଳିବାରେ ଯୁଗ ପୁରୁଷୋତ୍ତମ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ନୀତି ଆଦର୍ଶବାଣୀ ଜରୁରୀ ହୋଇପଡିଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଧା ସାର୍ବଜନୀନ ବାସନ୍ତୀ ପୂଜା କମିଟି ଓ ଠାକୁରଙ୍କ ସତ୍‌ସଙ୍ଗ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଦୁର୍ଗାମଣ୍ଡପ ପରିସରରେ ଆୟୋଜିତ ବୁଧୁବାର ମଧ୍ୟାହ୍ନରେ ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ୧୩୮ତମ ଶୁଭ ଆବିର୍ଭାବ ସତ୍‌ସଙ୍ଗରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ସ.ପ୍ର. ରିତ୍ୱିକ ଈଶ୍ୱର ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସତ୍‌ସଙ୍ଗରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଠାକୁରଙ୍କ ଶିଷ୍ୟ ତଥା ସାମାଜିକ କର୍ମୀ ଅନୁପ କୁମାର ମିଶ୍ର ମତ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସତ୍‌ସଙ୍ଗ କେନ୍ଦ୍ରର ସ. ପ୍ର. ରିତ୍ୱିକ ଶେଷଦେବ ସାମନ୍ତରାୟ, ମୁଖ୍ୟବକ୍ତା ସ. ପ୍ର ରିତ୍ୱିକ କେଦାର ନାଥ ମହାନ୍ତି, ସ.ପ୍ର.ରିତ୍ୱିକ ଡ଼ଃ ବିଜୟକେତନ ପଟ୍ଟନାୟକ, ପଶ୍ଚିମବଙ୍ଗ ପାନିପାରୁଲି ସତସଙ୍ଗ କେନ୍ଦ୍ରରୁ ଆସିଥିବା ସ.ପ୍ର ରିତ୍ୱିକ ବିମଳ ପରିଡ଼ା, କମର୍ଦ୍ଧା ସତସଙ୍ଗ କେନ୍ଦ୍ରରୁ ସ.ପ୍ର ରିତ୍ୱିକ ପାର୍ଥସାରଥି ଘୋଷାଲ, ସ.ପ୍ର ରିତ୍ୱିକ ବଙ୍କିମ ଚନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ହୋଇ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ପ୍ରବେଶ ଦ୍ୱାର ସର୍ବଧର୍ମ ନିମନ୍ତେ ଉନ୍ମୁକ୍ତ ରହିଛି ବୋଲି ପ୍ରକାଶ କରିଥିଲେ।

## ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

ନୀଳଗିରି, ୨।୪ (ପ୍ରଶାନ୍ତ କୁମାର ବିଶ୍ୱାଳ): ବାବା ପଞ୍ଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷାସାହିତ୍ୟ ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ମାର୍ଚ୍ଚ ୩୧ତାରିଖ ପୂର୍ବାହ୍ନରେ ଡଃ ଗୌରହରି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ବାବା ପଞ୍ଚଲିଙ୍ଗେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ନୀଳଗିରି ମହିଳା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡଃ ପ୍ରଦୀପ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଜୀବନୀ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଧାମନଗର ମହାବିଦ୍ୟାଳୟ ଅଧ୍ୟାପିକା ହରିପ୍ରୀୟା ସେଠୀ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼ ଗଦାଧର ବେହେରାଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଗୁଣଗାନ କରିଥିଲେ। ଏହି ଅବସରରେ ଓଡ଼ିଆ ବିଭାଗ ଓ ଜାତୀୟ ସେବାଯୋଜନାରେ ବିଦାୟୀ ଅଧ୍ୟକ୍ଷ ସାହୁ ଏବଂ ସ୍ତ୍ରୀ ସରସତୀ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

## ନାମ ଓ ପ୍ରେମ ଦ୍ୱାରା ସମଗ୍ର ବିଶ୍ୱକୁ ଜୟ କରାଯାଇପାରିବ

**ସିମୁଳିଆ, ୨।୪ (ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ମାର୍କୋଣାରେ ୨୩ବର୍ଷ ଶିକ୍ଷାଦାନ କରି ଅବସର ନେଇଥିବା ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତିଙ୍କୁ ମଙ୍ଗଳବାର ଏହିବିଦ୍ୟାଳୟ ପରିସରରେ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ପଣ୍ଡା ଯୋଗଦେଇ ଉଭୟ ଶିକ୍ଷକ, ଶିକ୍ଷାର୍ଥୀ ଓ ଅତିଥିମାନଙ୍କ ଉଦ୍ଦେଶ୍ୟରେ ପିଲାମାନେ ଫମ୍ପା ମାଠିଆ ନୁହନ୍ତି, ପିଲାମାନଙ୍କ ମଧ୍ୟରେ ସବୁକିଛି ରହିଛି, କେବଳ ଶିକ୍ଷକମାନଙ୍କ ପ୍ରଚେଷ୍ଟାରେ ଉତ୍ତମ ଛାତ୍ରୀଛାତ୍ର ଗଠନ ସମ୍ଭବ ହୁଏ। ଅନ୍ୟମାନଙ୍କୁ ଆକ୍ଷେପ କରିବା ପରିବର୍ତ୍ତେ ଶିକ୍ଷକମାନେ ନିଜେ ନିଜକୁ ଲକ୍ଷ୍ୟ କରନ୍ତୁ ଓ ନାମ ଓ ପ୍ରେମ ଦ୍ୱାରା ସମଗ୍ର ବିଶ୍ୱକୁ ଜୟ କରାଯାଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ଏହି ବିଦ୍ୟାଳୟ ବିଭିନ୍ନ ପ୍ରାକ୍ତନ ପ୍ରଧାନ ଶିକ୍ଷକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ପୁରାତନ ଛାତ୍ର ସଂସଦର ସଭାପତି ଗୋକୁଳାନନ୍ଦ ମିଶ୍ର, ଓଷ୍ଟା ସଭାପତି ଭଗବାନ ବାରିକ, ସମ୍ପାଦକ ଉତ୍ତମ କୁମାର ଲେଙ୍କା, ଡା. ଚିତ୍ତରଞ୍ଜନ ମହାପାତ୍ର, ଓଷ୍ଟା ଜିଲା ସଭାପତି ମନୋରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ଚନ୍ଦ୍ର ପଣ୍ଡା ସହଯୋଗୀ ଥିଲେ। ଶିକ୍ଷୟିତ୍ରୀ କାଞ୍ଚନବାଳା ମଲିକ ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

# ଶ୍ରମ କୋର୍ଡକୁ ବିରୋଧ କରି ଶ୍ରମିକଙ୍କ ବିକ୍ଷୋଭ ସମାବେଶ

**ବାଲେଶ୍ୱର, ୨।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**




କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଚଳିତ ଶ୍ରମ ଆଇନକୁ ସଂଶୋଧନ କରାଯିବା ପରେ ୪ଟି ଶ୍ରମକୋର୍ଡ ଲାଗୁ ହୋଇଛି। ଏହାକୁ ବିରୋଧ କରି ଗୁରୁବାର ଜିଲାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ତରଫରୁ ଜିଲା ଶ୍ରମ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଭିଜନାଲ ଶ୍ରମ କମିଶନର ସନ୍ତୋଷ କୁମାର ମହାନ୍ତିଙ୍କୁ ଶ୍ରମିକମାନେ ଦାବିପତ୍ର ଦେଇଥିଲେ। ଏହି ବିକ୍ଷୋଭ ସମାବେଶରେ ରାଜକିଶୋର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଟ୍ରେଡ ୟୁନିୟନ ମିଳିତ ମଞ୍ଚର ସାଧାରଣ ସମ୍ପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁଞ୍ଜିପତିଙ୍କ ସ୍ୱାର୍ଥରେ ଏହି ୪ଟି ଶ୍ରମ କୋର୍ଡ ପ୍ରଣୟନ ହୋଇଛି। ଏହା ଲାଗୁ କରାଗଲେ, ଶ୍ରମିକ ସ୍ୱାର୍ଥରେ ପୂର୍ବରୁ ଲାଗୁ ହୋଇଥିବା ଆଇନଗୁଡ଼ିକ ଅକାମୀ ହୋଇଯିବ। ଏହି ସମାବେଶରେ ଆଇଏନଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଚଏମଏସ, ଏଆଇୟୁଟିୟୁସି ଓ ଟିୟୁସିସି ପ୍ରମୁଖ ସଙ୍ଗଠନର ନେତୃତ୍ୱମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନବିରୋଧୀ ପୁଞ୍ଜିପତି ତୋଷଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ। କାର୍ଯକ୍ରମରେ ଭାଗବତ ପ୍ରତିହାରୀ, ଅରୁଣ କୁମାର ସ୍ୱାଇଁ, ବାସନ୍ତୀ ସାମଲ, ଶିଶିର ହୁଇ, ଉମାକାନ୍ତ ଦାସ, ଜୀବନ କିଶୋର ବାରିକ, ପିତାମ୍ବର ମାଝୀ, ମାୟାଧର ନାୟକ, ଶ୍ୟାମସୁନ୍ଦର ଜେନା, ନିରାକାର ପାଣ୍ଡବ, କୃଷକନେତା ଅରୁଣ ଜେନା, ରାଜେନ୍ଦ୍ର ବେହେରା, ବିଜୟ କୁମାର ପାତ୍ର, ଉଠାଜଳସେଚନ କର୍ମଚାରୀ ନେତା ଶ୍ୟାମ ସୁନ୍ଦର ଜେନା, ମୃତ୍ୟୁଞ୍ଜୟ ରାଉତ, ପ୍ରେମରଞ୍ଜନ ପାତ୍ର, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ସ୍କିମ ୱାର୍କର୍ସ ନେତ୍ରୀ ଆରତୀ ଦାସ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई०–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र० सं० | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू० में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि०मी। | 30208200 | तीन करोड़ दो लाख आठ हजार दो सौ रू० मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं०– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

## ସଂକ୍ଷେପରେ

### ନିଖୋଜ ନାବାଳିକା ଉଦ୍ଧାର

ଗୋପବନ୍ଧୁ ନଗର,୨।୪(ଶାନ୍ତନୁ କୁମାର ମଡୁଆଲ)

ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୬ ବର୍ଷିୟା ନାବାଳିକା ଗତ ସୋମବାର ରାତିରେ ନିଖୋଜ ହୋଇଯାଇଥିଲେ। ଏ ନେଇ କୁଆମରା ଫାଣ୍ଡିରେ ତାଙ୍କ ବାପା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବୁଧବାର ରାତିରେ ସାଇଁକୁଳା ଅଞ୍ଚଳର ଜଣେ ବନ୍ଧୁ ଘରୁ ନାବାଳିକାଙ୍କୁ ଉଦ୍ଧାର କରିଛି ପୋଲିସ। ଗୁରୁବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ବୟାନ ସଂଗ୍ରହ କରି ପରିବାରକୁ ହସ୍ତାନ୍ତର କରାଯାଇଥିବା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି।

### ଅସୁସ୍ଥ ହଷ୍ଟେଲ ୱାର୍ଡେନଙ୍କ ମୃତ୍ୟୁ

ବୈଶିଙ୍ଗା,୨।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ଥିବା 'ପ୍ରିୟାଂଶୀ ରାଧେ' ନାମକ ଏକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହଷ୍ଟେଲ ୱାର୍ଡେନଙ୍କ ଗୁରୁବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ବାଲେଶର ଜିଲା ନିଳଗିରି ଅଞ୍ଚଳର ଅବସରପ୍ରାପ୍ତ ସାମରିକ କର୍ମଚାରୀ ଯୋଗେନ୍ଦ୍ର ସେନାପତି(୫୮) ହଷ୍ଟେଲ ୱାର୍ଡେନ ଭାବେ କାର୍ଯ୍ୟରତ ଥିଲେ। ଗୁରୁବାର ଦ୍ୱିପ୍ରହର ସମୟରେ ସେ ଅସୁସ୍ଥ ଅନୁଭବ କରିବାରୁ ବୈଶିଙ୍ଗା ଡାକ୍ତରଖାନା ଯାଇ ଡାକ୍ତରୀ ପରୀକ୍ଷା ପାଇଁ ସେଠାରେ ଅନ୍ୟ ରୋଗୀଙ୍କ ସହ ଧାଡ଼ି ରେ ଛିଡ଼ା ହୋଇଥିବା ବେଳେ ହଠାତ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ତୁରନ୍ତ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲେ ହେଁ ଅଳ୍ପ ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଡାକ୍ତର ତ୍ରୀନାଥ ହାଁସଦା କହିଛନ୍ତି। ତେବେ ତାଙ୍କ ସ୍ତ୍ରୀଙ୍କ ସହ ପରିବାରବର୍ଗ ସୁଦୂର ଦାମନ ଅଞ୍ଚଳରେ ରହୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେମାନଙ୍କୁ ଖବର ଦିଆଯାଇଥିବା ପ୍ରକାଶ କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୬) ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ସେ ଅସୁସ୍ଥ ହୋଇ ପଡ଼ିଥିବା କୁହାଯାଉଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଯୋଡ଼ା,୨।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବାମେବାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରାମଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଓଏମ୍‌ସି ଉଚ୍ଚବାଲିର ଖଣି ପରିଚାଳକ ବିକାଶ ପରିଡ଼ା, ମୁଖ୍ୟ ବକ୍ତାଭାବେ ବଡବିଲ ସଙ୍କୁଳ ପ୍ରମୁଖ ଦୁଃଖବନ୍ଧୁ ମିଶ୍ର, ସମ୍ମାନିତ ଅତିଥିଭାବେ ଟାଟା ଷ୍ଟିଲ ଖଣି ବାମେବାରୀର ଖଣି ପରିଚାଳକ ଦିବେନ୍ଦୁ ବେହେରା, ପଳସା ସରପଞ୍ଚ ଅରୁଣ ମୁଣ୍ଡା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡା. ରମଣି ରଞ୍ଜନ ପାତ୍ର, ସମ୍ପାଦକ ନାରାୟଣ ଦାସ, କୋଷାଧ୍ୟକ୍ଷ ପ୍ରଦୀପ ଜୟସ୍ୱାଲ ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରିଚାଳନା ସମିତିର ସଭାପତି ଡା. ରମଣୀ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ମଳୟ ମହାନ୍ତ, ଅରବିନ୍ଦ ମହାନ୍ତ, ଜୀବନାନନ୍ଦ ମହାନ୍ତ, ଗୁରୁମା ସାଲେନ ସୁଣ୍ଡି ପ୍ରମୁଖ ସହଯୋଗ କରିଥଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଠାବ ହେଲା ନକଲି ମୃଦୁପାନୀୟ ପ୍ୟାକିଂ ୟୁନିଟ୍

ଉଦଳା,୨।୪(ସନ୍ତୋଷ କୁମାର ବାଛିନୀ)

ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ମୃଦୁ ପାନୀୟ ବ୍ୟବସାୟ ବଢୁଥିବା ବେଳେ ଏହାକୁ ନଜରରେ ରଖି ସକ୍ରିୟ ହୋଇଛନ୍ତି ଅସାଧୁ ବ୍ୟବସାୟୀ। ମୃଦୁପାନୀୟ ନାମରେ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି। ଏକ ନକଲି ମୃଦୁ ପାନୀୟ ପ୍ୟାକିଂ ୟୁନିଟରେ ଚଢ଼ାଉ ପରେ ଖୋଲିଛି ସବୁ ରହସ୍ୟ। ପାଣି ସାଙ୍ଗରେ ବିଷାକ୍ତ କେମିକାଲ ମିଶାଇ ମୃଦୁ ପାନୀୟ ପ୍ରସ୍ତୁତ କରାଯାଉଥିବା ଉଦଳା ଥାନା ରାଇଦାଣ୍ଡିଆ ଗ୍ରାମର ଏକ ପ୍ୟାକିଂ ୟୁନିଟରେ ଖାଦ୍ୟ ନିରାପତ୍ତା ବିଭାଗ ଏବଂ ପୋଲିସ ଗୁରୁବାର ମଧ୍ୟାହ୍ନ ୧୨ଟା ସମୟରେ ଚଢ଼ାଉ କରିଥିଲେ। ଗ୍ରାମର ସିପୁନ ବେହେରା



ଖାଦ୍ୟ ନିରାପତ୍ତା ଅଧିକାରୀ ଯାଞ୍ଚ କରୁଛନ୍ତି।

ନାମକ ଜଣେ ଯୁବକ ବିନା ଲାଇସେନ୍ସ ଏବଂ ବିନା ଶିକ୍ଷଣରେ କେବଳ ପାଣି ଏବଂ ବିଷାକ୍ତ କେମିକାଲରେ ନକଲି ମୃଦୁପାନୀୟ ତିଆରି କରୁଥିଲେ। ତାଙ୍କ ଘରେ ଚଢ଼ାଉ ସମୟରେ ବ୍ୟାପକ ପରିମାଣର ଖାଲି ବୋତଲ, ଠିପି, ଏକ ନକଲି କମ୍ପାନୀ ଲେଖାଯାଇଥିବା ଲେବଲ, ଅନେକ ପ୍ରକାର ରଙ୍ଗ ଏବଂ ପ୍ୟାକିଂ ମେସିନ ଥିବା ଜଣାପଡ଼ିଥିଲା। ପରେ ପୋଲିସ ସହାୟତାରେ ଖାଦ୍ୟ ନିରାପତ୍ତା ଅଧିକାରୀ ସୌମ୍ୟକାନ୍ତ ନାଏକ ରାଇଦାଣ୍ଡିଆ ଛକ ନିକଟରେ ତାଙ୍କ ଦୋକାନରେ ଚଢ଼ାଉ କରି ସେଠାରୁ ବିପୁଳ ପରିମାଣର ପ୍ୟାକିଂ ହୋଇଥିବା ନକଲି ମୃଦୁ ପାନୀୟ ଜବତ କରିଥିଲେ। ସିପୁନଙ୍କୁ ଖାଦ୍ୟ ନିରାପତ୍ତା ବିଭାଗ ନୋଟିସ ଜାରି କରିବା ସହିତ ସମସ୍ତ ଉତ୍ପାଦର ନମୁନା ପରୀକ୍ଷା ପାଇଁ ନେଇଛି। ବିଷାକ୍ତ କେମିକାଲର ପ୍ରମାଣ ମିଳିବା ପରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ନିରାପତ୍ତା ଅଧିକାରୀ ନାଏକ କହିଛନ୍ତି।

# ବେଆଇନ ମଦ ବ୍ୟବସାୟ ବନ୍ଦ ଦାବି


ଥାନା ଆଗରେ ମହିଳାମାନେ।

ପାଟଣା,୨।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ବେଆଇନ ମଦ ବ୍ୟବସାୟ ବନ୍ଦ ଦାବି ହୋଇଛି। ଏ ନେଇ ମହିଳାମାନେ ଗୁରୁବାର ବାଦୁଡିଘେରା ସ୍ଥିତ ଅବକାରୀ ଥାନା ଘେରାଉ କରିଥିଲେ। ଘଟଣାସ୍ଥଳରେ କିଛି ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ୭ ଦିନ ମଧ୍ୟରେ ସମସ୍ତ ବେଆଇନ ମଦ ବ୍ୟବସାୟକୁ ବନ୍ଦ କରିବାକୁ ଅବକାରୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ମହିଳା ଆନ୍ଦୋଳନରୁ ହଟିଥିଲେ।

ପ୍ରକାଶ ଯେ, ସଅଁରାପୋଷି, ବଡ଼ପାଟଣା, ସାଧୂପଡ଼ା, କାମେଶ୍ୱରପୁର, ବାଦୁଡି ଘେରା ଗ୍ରାମର ଶତାଧିକ ମହିଳା ଠେଙ୍ଗାବାଡ଼ି ଧରି କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ଅବକାରୀ ପ୍ରତିନିଧି ମଧୁସୁଦନ ମହାନ୍ତଙ୍କ ନେତୃତ୍ୱରେ ବେଆଇନ ଅପ ମିଶ୍ରିତ

## ଥାନା ଘେରିଲେ ମହିଳା

ମହୁଲି ମଦ ସହ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଦୋକାନରେ ବିଦେଶୀ ମଦ ବିକ୍ରି ବନ୍ଦ ଦାବିରେ ଅବକାରୀ ଥାନା ଘେରାଉ କରିଥିଲେ। ଏହା ପରେ ଅବକାରୀ ଥାନା ଭିତରକୁ ମହିଳା ମାନେ ଧସେଇ ପଶିଥିଲେ। ଅବକାରୀ ଥାନାରେ ସବୁବେଳେ ତାଲା ଝୁଲୁ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ମଦ ବନ୍ଦ ପାଇଁ ଅବକାରୀ ଅଧିକାରୀ ପଦ୍ମାବତୀ ମୁର୍ମୁଙ୍କୁ ମହିଳାମାନେ ଦାବିପତ୍ର ଦେଇଛନ୍ତି। ଖୁବ୍‌ଶୀଘ୍ର ଉକ୍ତ ଗ୍ରାମଗୁଡ଼ିକରେ ବେଆଇନ ମହୁଲି ମଦ ବିକ୍ରି ଉପରେ ଅବକାରୀ ପୋଲିସ ପକ୍ଷରୁ ବନ୍ଦ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରୀ ତୀବ୍ର ତର କରାଯିବ ବୋଲି ମହିଳାମାନେ ଅବକାରୀ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି।

# ମହିଳା ମହାବିଦ୍ୟାଳୟରେ ପାରମ୍ପରିକ ପୋଷାକ ପରିଧାନ ଦିବସ



କେନ୍ଦୁଝର,୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ମଣ୍ଡୁଆସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁଙ୍କ ମାର୍ଗଦର୍ଶନରେ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ଓଡ଼ିଶାର ଗର୍ବ ଓ ଗୌରବ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ମହାବିଦ୍ୟାଳୟକୁ ଆସିଥିଲେ। ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ଭାବେ ସମ୍ବଲପୁରୀ ବସ୍ତ୍ର ପ୍ରତ୍ୟେକ ଓଡ଼ିଆଙ୍କ ସୁନ୍ଦରତା ବଢ଼ାଇଥାଏ। ସାରା ରାଜ୍ୟରେ ଅପ୍ରେଲ ୧ ତାରିଖ ଓଡ଼ିଆ ଦିବସରୁ ୧୪ ଅପ୍ରେଲ ପର୍ଯ୍ୟନ୍ତ ସମୟକୁ ଓଡ଼ିଆ ପକ୍ଷ ଭାବରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପାଳନ କରାଯାଉଛି। ୨୦୨୫ରୁ ଶ୍ରଦ୍ଧା ଓ ଉତ୍ସାହର ସହିତ ସମସ୍ତ ଓଡ଼ିଆ ଭାଷା ଭାଷୀ ଲୋକେ ଏହି ଓଡ଼ିଆ ପକ୍ଷ ମହା ଆଡମ୍ବରରେ ସହରରୁ ପୁରପଲ୍ଲୀ ପର୍ଯ୍ୟନ୍ତ ପାଳନ କରୁଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଚିତ୍ତରଞ୍ଜନ ସାହୁ, ଡ଼ ରାମଚନ୍ଦ୍ର ମଲ୍ଲ, ଡ଼ ଆଲ୍ଲା ସରିତା ମହାନ୍ତି, ଜାତୀୟ ସେବା ଯୋଜନା ସଂଯୋଜିକା ଗୀତାଞ୍ଜଳି ନାଏକ, ଓଡ଼ିଆ ବିଭାଗର ଡ଼ ରଶ୍ମିନାଥ ନାୟକ, ଡ. ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ମୋ ଓଡ଼ିଆ ସମାଜ ପାଳିଲା ଓଡ଼ିଶା ଦିବସ

ବୈଶିଙ୍ଗା,୨।୪(ରତନ ଦାଶ)

ମୁମ୍ବାଇଠାରେ ଓଡ଼ିଆଙ୍କ ଉତ୍କଳୀୟ ସଂସ୍କୃତିର ଝଲକ ପ୍ରତିଫଳିତ ହୋଇଛି। ବେତନଟୀ ଓ ବଡ଼ସାହି ବ୍ଲକ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଓଡ଼ିଆମାନେ ଦୀର୍ଘ ବର୍ଷ ଧରି ଏକତାର ସୂତ୍ରରେ ରହି ଆସୁଥିବା ମୀରା ଭାୟନ୍ଦର ଅଞ୍ଚଳରେ ଗଠନ କରିଥିବା 'ମୋ ଓଡ଼ିଆ ସମାଜ' ପକ୍ଷରୁ ବୁଧବାର ଓଡ଼ିଶା ଦିବସ ଆୟୋଜନ କରାଯାଇଥିଲା। ଉପସ୍ଥିତ ଥିବା ବ୍ୟୟୋଜ୍ୟଷ୍ଠମାନେ ଓଡ଼ିଶା ଦିବସ ପାଳନ ଅବସରରେ ଓଡ଼ିଶାର ଗୌରବ ଓ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଆକର୍ଷଣୀୟ ସାଜସଜ୍ଜା ସହିତ ଭଜନ ଓ ଆଧୁନିକ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଓଡ଼ିଶାର ବିଭିନ୍ନ ପୁରପଲ୍ଲୀର ସୁସ୍ୱାଦୁ ବ୍ୟଞ୍ଜନ ସହିତ ସାମୁହିକ ରାତ୍ରୀ ଭୋଜନର ଆୟୋଜନ କରାଯାଇଥିଲା।

## ଭାଜପା କନ୍ହେଇବନ୍ଧ ମଣ୍ଡଳର ବୈଠକ

ଗୋପବନ୍ଧୁ ନଗର,୨।୪ (ଶାନ୍ତନୁ କୁମାର ମଡୁଆଲ)

ଖୁଣ୍ଟା ବ୍ଲକ କନ୍ହେଇବନ୍ଧ ମଣ୍ଡଳ ପକ୍ଷରୁ ସ୍ଥାନୀୟ ବଡାମ ମଣ୍ଡପଠାରେ ଭାଜପା ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ପଦ୍ମଲୋଚନ ନାୟକ, କୋଷାଧ୍ୟକ୍ଷ ଉପେନ୍ଦ୍ର ନାୟକ, ଉପସଭାପତି ସୁଶାନ୍ତ ମହାପାତ୍ର, ବାହାନଡା ପଞ୍ଚାୟତ ସରପଞ୍ଚ ସାବିତ୍ରୀ ଟୁଡୁ, ବରିଷ୍ଠ କର୍ମୀ ଧନେଶ୍ୱର ଟୁଡୁ, ଜିଲା ଭାଜପା ଉପ ସଭାପତି ରଞ୍ଜନ କୁମାର ମଡୁଆଲ ପ୍ରମୁଖ ଯୋଗଦେଇ ଉକ୍ତ ମଣ୍ଡଳ ଅଧୀନରେ ଥିବା ଧାନଘେରା, ବିରିପୁର, ଗଡ଼ିଗାଁ, କରକଟିଆ, ବାହାନଡ଼ା ଓ ବଡ଼ଫେଣୀ ପଞ୍ଚାୟତର ଉପସ୍ଥିତ ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଆସନ୍ତା ୬ ତାରିଖରେ ଭାଜପାର ପ୍ରତିଷ୍ଠା ଦିବସ ଏବଂ ୧୧ ଓ ୧୨ ରେ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନକୁ ସଫଳ କରିବା ପାଇଁ ଆଲୋଚନା କରାଯାଇଥିଲା। ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ମଡୁଆଲ ଆହ୍ୱାନ ଦେଇଥିଲେ।

## ଉପାନ୍ତ ଭୂୟାଁରୋଇଡ଼ାରେ ଓଡ଼ିଶା ଦିବସ

ଯୋଡ଼ା,୨।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଭୂୟାଁରୋଇଡ଼ାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଚନ୍ଦ୍ରଗୁପ୍ତ ପ୍ରସାଦ, ସମ୍ମାନିତ ଅତିଥିଭାବେ ଭାଜପା ନେତା ଓମାନ ଗୁପ୍ତା, ଭାଜପା ଯୁବନେତା ସନ୍ୟାସୀ ମାଝୀ, ରୁଗୁଡ଼ି ଆଇଆଇସି ସମ୍ପଦ ମହାନ୍ତି, ଭାଜପା ଯୁବ ସଂଗଠକ ସୋନୁ ଗୁପ୍ତା ଯୋଗଦେଇଥିଲେ। ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ ଓଡ଼ିଆ ପରମ୍ପରାକୁ ବଜାୟ ରଖିବା ପାଇଁ ପୂର୍ବତନ ସରପଞ୍ଚ ମନବୋଧ ଓରାମଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ପାଳନ କରାଯାଉଛି। ଓଡ଼ିଶା ଦିବସ କମିଟି ମୁଖ୍ୟ ସରୋଜ ଓରାମ ଓ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ବାହାରି ଅତିଥିଙ୍କ ଉପସ୍ଥିତିରେ ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କୁନି ପିଲାଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କମିଟି ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ୧୨ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ବାରିପଦା,୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟସ୍ତରୀୟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ ଉତ୍ସବ ଅବସରରେ ମୟୂରଭଞ୍ଜ ଜିଲା ବିଭିନ୍ନ ଅଞ୍ଚଳରେ ନବନିର୍ମିତ ୧୨ଟି ଅଙ୍ଗନୱାଡି କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦଘାଟିତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି କେନ୍ଦ୍ରଗୁଡ଼ିକୁ ଲୋକାର୍ପଣ କରିଥିଲେ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ମେଁଗା, କରଞ୍ଜିଆ ବ୍ଲକର ସିମିଗାଁ ଓ ସରସପୋଷି, କୁଳିଅଣା ବ୍ଲକର ସୁନାପୋଷି ଓ କେଉଁଗୁଣିମାରୀ-୨, ବିଶୋଇ ବ୍ଲକର ଟିଆକାଟି, ରାସଗୋବିନ୍ଦପୁର ବ୍ଲକର ପୁରୁଣାପାଣି, ଠିଂ ବ୍ଲକର ଉମଡିହି, ବେତନଟୀ ବ୍ଲକର ଯୁଗୋଳ ଓ ପଡପଡା, କପ୍ତିପଦାର ଧଡ଼ାସାହି ଓ ଉପେରଖୁଣ୍ଟା ପ୍ରଭୃତି ସ୍ଥାନରେ ନବ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ନବନିର୍ମିତ ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ପାଇଁ ଆକର୍ଷଣୀୟ ପ୍ରି-ସ୍କୁଲ ଶିକ୍ଷା ପରିବେଶ, ଖେଳନା ଓ ଶିକ୍ଷା ସାମଗ୍ରୀ, ବିଶୁଦ୍ଧ ପାନୀୟଜଳ, ପରିଷ୍କାର ପାଇଖାନା ଓ ପୋଷଣ ସେବା ସୁବିଧା ଉପଲବ୍ଧ କରାଯାଇଛି। ଜିଲାର ଓସୱାନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ହେମକାନ୍ତ ସୟ ସଭାପତିତ୍ୱ କରି ଏହି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଦ୍ୱାରା ଜିଲାରେ ପୋଷଣ ସେବା ଓ ପ୍ରାରମ୍ଭିକ ଶିକ୍ଷାର ଗୁଣବତ୍ତାରେ ସୁଧାର ଆସିବ ଏବଂ ଏହା ଶିଶୁ ଓ ମହିଳାଙ୍କ ସମଗ୍ରିକ ବିକାଶକୁ ନୂତନ ଦିଗ ଦେବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା, ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ଅଧିକାରୀ, ପୋଷଣ ଅଧିକାରୀ, ସମସ୍ତ ସିଡିପିଓ, ସୁପରଭାଇଜର୍, ଅଙ୍ଗନୱାଡ଼ି କର୍ମୀ ଯୋଗଦେଇଥିଲେ।

# ୧୫୦୦ ଲିଟର ମହୁଲ ପୋଚ ନଷ୍ଟ


ଜବତ ମଦରନ୍ଧା ସରଞ୍ଜାମ।

ମୋରଡ଼ା,୨।୪(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଗୁରୁବାର ଏକ ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ପୂର୍ବାହ୍ନ ୧୧ଟାରେ ଚମାରଦାନୀ ଗ୍ରାମର ପଶ୍ଚିମ ଦିଗରେ ଥିବା ଏକ ଜଙ୍ଗଲରେ ଉକ୍ତ ମଦ ଭାଟି ଉପରେ ବିଭାଗ ଚଢ଼ାଉ କରିଥିଲା। ସେଠାରେ ୧୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯିବା ସହ ୮୦ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ମୁନସୀ ହେମ୍ବ୍ରମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର,୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଚପରାଶିଭାବେ କାର୍ଯ୍ୟରତ ପ୍ରଶାନ୍ତ ନାଏକ ମଙ୍ଗଳବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ତାଙ୍କର ଦୀର୍ଘ ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଆନ୍ତରିକତା, ଶୃଙ୍ଖଳା ଏବଂ ଦୃଢ଼ କର୍ତ୍ତବ୍ୟବୋଧ ସହିତ ଜିଲା ପ୍ରଶାସନର ସେବା କରି ବେଶ ପ୍ରଶଂସା ସାଉଁଟିଥିଲେ। ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ତାଙ୍କୁ ବିଦାୟ ଦେଇ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଏବଂ ଅବସର ପରବର୍ତ୍ତୀ ଶାନ୍ତିପୂର୍ଣ୍ଣ ଜୀବନ କାମନା କରିଥିଲେ। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ସାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ବିନତୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ସିଲାବସ୍‌ରେ ଦେବନାଗରୀ ଲିପି



## ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦୁଝର,୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଝାଡ଼ଖଣ୍ଡ ରାଜ୍ୟରେ ଓଡ଼ିଆ ସିଲାବସ୍‌ରେ ଓଡ଼ିଆ ପରିବର୍ତ୍ତେ ଦେବନାଗରୀ ଲିପିରେ ପ୍ରକାଶ ପାଇଛି। ଫଳରେ ଝାଡ଼ଖଣ୍ଡ ରାଜ୍ୟରେ ବସବାସ କରୁଥିବା ସମସ୍ତ ଓଡ଼ିଆ ଭାଷାଭାଷୀ ଅଳ୍ପସଂଖ୍ୟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ସ୍ଥାନୀୟ ଷଢ଼େଇକଳା ଖରସୁଆଁ ଜିଲାପାଳଙ୍କ ଜରିଆରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, ଜେଏଟ୍‌ଇଟି ପାଇଁ ଝାଡ଼ଖଣ୍ଡ ଏକାଡେମିକ କାଉନ୍‌ସିଲ(ଜେଏସ୍‌ସି) ରାଞ୍ଚି ଦ୍ୱାରା ଏହି ଓଡ଼ିଆ ସିଲାବସ୍ ଜାରି କରାଯାଇଛି। ତେବେ ଓଡ଼ିଆ ଲିପି ପରିବର୍ତ୍ତେ ଦେବନାଗରୀ ଲିପିରେ ପ୍ରକାଶ କରାଯାଇଛି। ଓଡ଼ିଆ ଭାଷାର ନିଜସ୍ୱ ଲିପି, ବର୍ଣ୍ଣମାଳା ଓ ବ୍ୟାକରଣ ରହିଛି, ଯାହା ଅନ୍ୟ ଭାଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଝାଡ଼ଖଣ୍ଡରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମର୍ଯ୍ୟାଦା ମିଳିଛି। ଏପରି ସ୍ଥିତିରେ ଜେଏସ୍‌ସି ଦ୍ୱାରା ଜେଏଟ୍‌ଇଟି ସୂଚନା ସହିତ ପ୍ରକାଶିତ ପ୍ରଥମ ଶ୍ରେଣୀରୁ ପଞ୍ଚମ ଓ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ପର୍ଯ୍ୟନ୍ତ ଓଡ଼ିଆ ସିଲାବସ୍‌କୁ ଦେବନାଗରୀ ଲିପିରେ ପ୍ରକାଶ କରାଯିବା ଓଡ଼ିଆ ଭାଷା ଓ ଲିପି ପ୍ରତି ସ୍ପଷ୍ଟ ଅସମ୍ମାନ । ଏହା ଓଡ଼ିଆ ଭାଷାଭାଷୀ ସମ୍ପ୍ରଦାୟର ଭାବନାକୁ ଗଭୀର ଭାବେ ଆଘାତ ପହଞ୍ଚାଇଛି। ଏହାକୁ ଓଡ଼ିଆ ଲିପିରେ ପୁନଃ ପ୍ରକାଶ କରିବା ପାଇଁ ନନ୍ଦୁ କୁମାର ପାଣ୍ଡେ, ବିପ୍ଳବ କୁମାର ପାଣି, ଶୁଭେନ୍ଦୁ ଶତପଥୀ, ବ୍ରଜ ଗୋପାଳ ନନ୍ଦ, ସୁମନ ସାଥୁଆ ପ୍ରମୁଖ ନିବେଦନ କରିବା ସହ ଲିଖିତ ଦାବିପତ୍ର ଦେଇ ଓଡ଼ିଆ ଭାଷାଭାଷୀ ଅଳ୍ପ ସଂଖ୍ୟକ ପ୍ରାର୍ଥୀଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ପ୍ରଥମେ ଅତିରିକ୍ତ ଡେପୁଟି କମିଶନରଙ୍କୁ ଭେଟିବା ପରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଗତ କିଛି ବର୍ଷ ଧରି ରାଜ୍ୟରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ପାଠ୍ୟପୁସ୍ତକ ଓ ଶିକ୍ଷକଙ୍କର ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ। ଏହିପରି ସ୍ଥିତିରେ ଏନ୍‌ସିଇ ଓ ଏନ୍‌ଇପି ୨୦୨୦ର ବ୍ୟବସ୍ଥା ଅନୁଯାୟୀ ଅଞ୍ଚଳୀୟ ଭାଷା ଆଧାରରେ ମୂଲ୍ୟାଙ୍କନ ପ୍ରଣାଳୀ ନିର୍ଦ୍ଧାରଣ କରିବା ଆବଶ୍ୟକ। ଓଡ଼ିଆ ସିଲାବସ୍‌କୁ ଓଡ଼ିଆ ଲିପିରେ ପୁନଃ ପ୍ରକାଶ କରିବା, ଓଡ଼ିଆ ବିଷୟରେ ଗଦ୍ୟାଂଶ ଓ ପଦ୍ୟାଂଶ (୧୦+୧୦ = ୨୦ ଅଙ୍କ) ସମ୍ମିଳିତ କରିବା, ଅନ୍ୟ ଭାଷା ଭଳି ଓଡ଼ିଆ ଭାଷା ପାଇଁ ମଡେଲ ପ୍ରଶ୍ନପତ୍ର ଓଡ଼ିଆ ଲିପିରେ ଜାରି କରିବା ଆଦି ଦାବି ରହିଛି।

## ଅଲୋଡ଼ା ମୃତଦେହ ଦାହ କଲା ଭରସା ପରିବାର

କେନ୍ଦୁଝର,୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ସ୍ୱେଚ୍ଛାସେବୀ ସଂଗଠନ 'ଭରସା ପରିବାର' ଟ୍ରଷ୍ଟ ପକ୍ଷରୁ ଅଲୋଡ଼ା ମୃତଦେହ ଦାହ କରାଯାଇଛି। କେନ୍ଦୁଝର ମୁଖ୍ୟାଳୟ ମଣ୍ଡୁଆର ମୁଣ୍ଡା ସାହିର ତୁଳସୀ ମୁଣ୍ଡା ନାମକ ବୃଦ୍ଧାଙ୍କ ଗୁରୁବାର ସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଶବସତ୍କାର ପାଇଁ ତାଙ୍କର କେହି ଆତ୍ମୀୟ ନ ଥିବାରୁ ମଣ୍ଡୁଆର ବୁଦ୍ଧିଜୀବୀ ଭରସା ପରିବାରର ସଭାପତି ଲମ୍ବୋଦର ମହାନ୍ତଙ୍କୁ ସ୍ଥାନୀୟ ଲୋକେ ଜଣାଇଥିଲେ। ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିକ୍‌ଅପ୍ ଯୋଗେ ମୃତଦେହକୁ ମଣ୍ଡୁଆରୁ ଧାଙ୍ଗରପଡ଼ାସ୍ଥିତ ଆଦର୍ଶ ଶ୍ମଶାନକୁ ଅଣାଯାଇଥିଲା। ଟ୍ରଷ୍ଟର କର୍ମକର୍ତ୍ତା ସେକ୍ ତହିଦ, ଗୌତମ ଦାସ, କରଣ ରାୟ, ଶ୍ରୀତମ ପାତ୍ର, ରୁଦ୍ରନାରାୟଣ ନାଏକ, ପ୍ରେମ ନାଏକ, ଶିବୁ ସେନ, ଅମନ ହାସମୀ ଓ ଶ୍ମଶାନ ରକ୍ଷକ ସିଦ୍ଧେଶ୍ୱର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଭରସା ପରିବାର ପକ୍ଷରୁ ଆଜି ପର୍ଯ୍ୟନ୍ତ ୧୬୪ ଅଲୋଡ଼ା ଶବସତ୍କାର କରି ପ୍ରଶଂସା ସାଉଣ୍ଟୁଛନ୍ତି।


**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -UDD/DNP/01/2026-27Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka



**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई०–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

# ପାଚେରି ନିର୍ମାଣ ନାମରେ ୧୨ଲକ୍ଷ ହଡ଼ପ ଉଦ୍ୟମ



ପାଣିସାଉଁଳି ନିକଟରେ ପୋଲ ନିକଟରେ ନିର୍ମିତ ପାଚେରି।

ଖଇରା,୨।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ-୨ ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ମାର୍କୋଣା ସବ୍‌ଡିଭିଜନରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପେଡି ଖୋଲିବାରେ ଲାଗିଛି। ନିକଟରେ ସ୍ୱିଟଅପ ବା ୫ ଲକ୍ଷିଆ ଆୱାର୍ଡ କାମରେ ୪୦ଲକ୍ଷ ଟଙ୍କାର ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ପରେ ଏବେ ଏସ୍ଆର ଟେଣ୍ଡର କାମରେ ଦୁର୍ନୀତି କରାଯାଇଥିବା ଅଭିଯୋଗ ସାମନାକୁ ଆସିଛି । ଭିଜିଲାନ୍ସ ତଦନ୍ତ କରି ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ରୁଢିଙ୍ଗିଆ, ପାଣିସାଉଁଳି, ଶ୍ରୀରାମପୁର ଓ କଖାରୁଆ ଗ୍ରାମର ଅଧିବାସୀମାନେ ଅଭିଯୋଗ କରିଛନ୍ତି।

ଖଇରା ବ୍ଲକର ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ସଂଯୋଗ କରୁଥିବା ପାଣିସାଉଁଳି ଶ୍ରୀରାମପୁର ରାସ୍ତା ଆରମ୍ଭରେ ଥିବା ପୋଲ ନିକଟରେ ୨ ପାର୍ଶ୍ୱର କଂକ୍ରିଟ ପାଚେରି ନିର୍ମାଣ ପାଇଁ ପାଖାପାଖି ୧୨ଲକ୍ଷ(ଜିଏସଟି ସହ) ଟଙ୍କା ପ୍ରଦାନ କରାଯାଇଥିଲା । ଫାଉଣ୍ଡେଶନରେ ୬ଇଞ୍ଚ ବାଲି, ପୁରା ମେଟାଲ ବେସ୍‌ରେ ୬ ଇଞ୍ଚ କଂକ୍ରିଟ ଢଳେଇ ଦେବା ପରେ କଂକ୍ରିଟ ପାଚେରି ଉଠିବା କଥା। ଜଳନିଷ୍କାସନକୁ ଦୃଷ୍ଟିରେ ରଖି ରାସ୍ତା ଉଚ୍ଚତାଠାରୁ ପାଚେରି ଉଚ୍ଚତା କମ୍ ରଖାଯିବା କଥା। ହେଲେ ଠିକାଦାର ଫାଉଣ୍ଡେଶନଠାରୁ ଆରମ୍ଭ

## ଗ୍ରାମ୍ୟ ଉନ୍ନୟନ ବିଭାଗରେ ମହାଦୁର୍ନୀତି

କରି ପାଚେରିର ମାନ, ମାଟି ଫିଲିଂ ଭଳି ସବୁ ଭାଗରେ ଏଷ୍ଟିମେଟକୁ ଉଲ୍ଲଂଘନ କରିଥିବା କୁହାଯାଉଛି। ଜଣେ ସାଧାରଣ ଲୋକ ଉକ୍ତ କାର୍ଯ୍ୟ ଉପରେ ଥରେ ନଜର ପକାଇଲେ ଜଳ ଜଳ କରି ଦେଖାଯାଉଥିବା ଦୁର୍ନୀତିକୁ ହୃଦୟଙ୍ଗମ କରିପାରିବ। ହେଲେ ୩ମାସ ଧରି ଚାଲିଥିବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯନ୍ତ୍ରୀଙ୍କ ଆଖିରେ ନ ପଡିବାକୁ ନେଇ ବର୍ତ୍ତମାନ ଡିଭିଜନରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ଠିକାଦାର ପାଚେରି ଉଚ୍ଚତାକୁ ରାସ୍ତା ଉଚ୍ଚତାରୁ ୨ଫୁଟ ଅଧିକ କରିଥିବାରୁ ଏହା ଏବେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ଏଭଳି ଦୁର୍ନୀତି ପାଇଁ ଖଇରା ସବଡିଭିଜନର ସହକାରୀ ଯନ୍ତ୍ରୀ ପଦବୀକୁ ଖାଲି କରି ରଖାଯାଇ ଅନ୍ୟ ସହକାରୀ ଯନ୍ତ୍ରୀଙ୍କୁ ଖଇରା ଦାୟିତ୍ୱ ଦିଆଯାଉଥିବା ନେଇ ଆଲୋଚନା ହେଉଛି । ବିସ୍ମୟର କଥା ଯେ, ଡିଭିଜନ ଯନ୍ତ୍ରୀ ଓ ଠିକାଦାରଙ୍କ ସହମତିରେ ଏହି କାର୍ଯ୍ୟରେ ମଧ୍ୟ ଡେଭିଏଶନ କରାଯାଇ ଅଧିକ ୨ଲକ୍ଷ ଟଙ୍କା ଉଠାଯିବାକୁ କାଗଜପତ୍ରରେ ପ୍ରସ୍ତୁତି ଚାଲିଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କ ପ୍ରତିକ୍ରିୟା ନିଆଯିବାରେ ଅଧିକ ଉଚ୍ଚ ହୋଇଥିବା ଅଂଶକୁ କମାଇବା ପରେ ଚୂଡାନ୍ତ ବିଲ ପୈଠ କରାଯିବ ବୋଲି କହିଛନ୍ତି।

# ଶିକ୍ଷକ ଯୋଗାଇ ଦେବାକୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଅଭିଭାବକ ଓ ଗ୍ରାମବାସୀ।

ବାଲେଶ୍ୱର, ୨।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

## ବିଦ୍ୟାଳୟରେ ଶିକ୍ଷକ ଅଭାବ

ବାଲେଶ୍ୱର ସଦର ବ୍ଲକ ସାର୍ଥା ପଞ୍ଚାୟତ ସାର୍ଥାଚକ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକ ନାହାନ୍ତି। ଯଥାଶୀଘ୍ର ଏହି ବିଦ୍ୟାଳୟକୁ ଶିକ୍ଷକ ନିଯୁକ୍ତି ଦାବିରେ ଗୁରୁବାର ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ସଦର ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଚକସାର୍ଥା ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୧୭୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୩ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଛାତ୍ରୀଛାତ୍ର ସଂଖ୍ୟା ତୁଳନାରେ ଶିକ୍ଷକ ଅଭାବ ରହିଥିବା ଯୋଗୁ ପିଲାମାନଙ୍କ ପାଠପଢ଼ାରେ ଅବହେଳା ହେଉଛି। ୩ଜଣ ଶିକ୍ଷକଙ୍କ ଦ୍ୱାରା ୫ଟି ଶ୍ରେଣୀର ୧୭୫ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ସମ୍ଭବପର ହେଉନି। ତେଣୁ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଏହି ବିଦ୍ୟାଳୟକୁ ଆଉ ଅଧିକ ୩ଜଣ ଶିକ୍ଷକ ଯୋଗାଇ ଦେବାକୁ ଦାବି କରି ବିଜେଡି ଯୁବନେତା ମାନସ ଦାସ ପଟ୍ଟନାୟକଙ୍କ ନେତୃତ୍ୱରେ ଅଭିଭାବକ ଓ ଗ୍ରାମବାସୀ ଉପରୋକ୍ତ ଅଧିକାରୀ ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# କିଓସ୍କ କର୍ମଚାରୀଙ୍କୁ ଆକ୍ରମଣ କରି ଲୁଟିନେଲେ ୩ ଲକ୍ଷ

ଜଳେଶ୍ୱର, ୨।୪(ନବୀନ ସାହୁ)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳରେ ଜଣେ କିଓସ୍କ ବ୍ୟାଙ୍କ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ୩ ଲକ୍ଷ ଟଙ୍କା ସହ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଛଡ଼ାଇ ନେଇ ଲୁଟେରାମାନେ ଚମ୍ପଟ ମାରିଛନ୍ତି।

ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତ ନାଗେଶ୍ୱରପୁର ଗ୍ରାମର ଅନିଲ ଗିରି ସରହିଁ ହାଟ ପଡ଼ିଆରେ ଏକ ବ୍ୟାଙ୍କ ଅଫ୍ ବରୋଦା କିଓସ୍କ ପରିଚାଳନା କରନ୍ତି। ବୁଧବାର ରାତି ପ୍ରାୟ ୯ଟାରେ ସେ ନିଜ କାର୍ଯ୍ୟାଳୟ ବନ୍ଦ କରି ବାଇକ ଯୋଗେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା କଷାଫଳିଆସ୍ଥିତ ନିଜ ଘରକୁ ଫେରୁଥିଲେ। ଅନିଲ ପ୍ରାସାଦୋଲ ପଡ଼ିଆ ନିକଟରେ ପହଞ୍ଚିବା ସମୟରେ ସାମ୍ନାପଟୁ ଏକ ବାଇକରେ ୩ଜଣ ଯୁବକ ଆସି ତାଙ୍କ ରାସ୍ତା ଅଟକାଇଥିଲେ। ଦୁର୍ବୃତ୍ତମାନେ ଅନିଲଙ୍କୁ ବାଇକରୁ ଖସାଇ ନିର୍ଘୁମ ପିଟିବା ସହ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ସେମାନେ ଅନିଲଙ୍କ ପାଖରେ ଥିବା ପ୍ରାୟ ୩ଲକ୍ଷ ଟଙ୍କା, ୩ଟି ବ୍ୟାଙ୍କ ଚେକ ବହି ଏବଂ ୨ଟି ଏଟିଏମ କାର୍ଡ ଲୁଟି ନେଇ କଷାଫଳିଆ ଅଭିମୁଖେ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ରାଇବଣିଆ ପୋଲିସ ଏଏସ୍ଆଇ ରାମେଶ୍ୱର ସୋରେନ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# 'ଆମ ପୋଷାକ ଆମ ପରିଚୟ'



ପାରମ୍ପରିକ ପୋଷାକରେ ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ।

ବାଲେଶ୍ୱର, ୨।୪(ବାଞ୍ଛାନିଧି ଦେ)

## ପାରମ୍ପରିକ ପୋଷାକ ପରିଧାନ ଦିବସ

ବାଲେଶ୍ୱର ଜିଲା ପ୍ରଶାସନ ତଥା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ଓଡ଼ିଆ ପକ୍ଷର ଦ୍ୱିତୀୟ ଦିବସ ଅବସରରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏପ୍ରିଲ ୨ ଓ ୩ ତାରିଖ ଦୁଇ ଦିନ ବ୍ୟାପୀ 'ଓଡ଼ିଆ ପକ୍ଷ'କୁ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ କରାଯିବାର ସ୍ଥିର ହୋଇଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାଏକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପଜିଲାପାଳ ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ଼. ମଧୁସ୍ମିତା ସାମନ୍ତରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନାଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ଆମ ପୋଷାକ ଆମ ପରିଚୟ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ। ସମସ୍ତେ ଏକତ୍ର ହୋଇ ଓଡ଼ିଶାର ଗୌରବମୟ ହସ୍ତତନ୍ତ ପରମ୍ପରାକୁ ପ୍ରସାର କରିବାକୁ ସମସ୍ତ ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରିଣୀ ମନସିନୀ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବିଦ୍ୟୁତ୍ ନିରାପତ୍ତାକୁ ଟିପିଏନ୍‌ଓଡିଏଲ୍‌ର ପ୍ରାଥମିକତା

ବାଲେଶର, ୨।୪(ବାଞ୍ଛାନିଧି ଦେ)

## ୧୭ଶହରୁ ଅଧିକ ଶିକ୍ଷାନୁଷ୍ଠାନ ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାନାନ୍ତର

ବିଦ୍ୟୁତ ସେବା ବିତରଣରେ ନିରାପତ୍ତାକୁ ସର୍ବଦା ପ୍ରାଥମିକତା ଦେଇଆସିଛି ଟିପିଏନ୍‌ଓଡିଏଲ୍। ବିଶେଷତଃ ଶିକ୍ଷାନୁଷ୍ଠାନଗୁଡିକରେ ପିଲାମାନଙ୍କ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ୧୭ଶହରୁ ଅଧିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ନିରାପତ୍ତା ପାଇଁ ସୁରକ୍ଷା ପ୍ରାଚୀର ମଧ୍ୟ ନିର୍ମାଣ ହୋଇଛି।

ସୂଚନା ମୁତାବକ ବାଲେଶ୍ୱର ଜିଲାରେ ୫୬୭ଟି ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ଯାଜପୁରରେ ୩୫୬ଟି ଶିକ୍ଷାନୁଷ୍ଠାନ ପରିସରରୁ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ସେହିପରି କେନ୍ଦୁଝରରେ ପ୍ରାୟ ୩୫୦, ଭଦ୍ରକରେ ୨୧୭ ଏବଂ ମୟୂରଭଞ୍ଜର ୨୫୦ରୁ ଅଧିକ ଶିକ୍ଷାନୁଷ୍ଠାନରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ପିଲାମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଟିପିଏନ୍‌ଓଡିଏଲ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ତଥା ଅବ୍ୟବସ୍ଥିତ ଥିବା ଟ୍ରାନ୍ସଫର୍ମରଗୁଡିକ ପାଇଁ ଫେନ୍ସିଂ ବା ସୁରକ୍ଷା ବାଡ ମଧ୍ୟ ନିର୍ମାଣ କରାଯାଉଛି। ସୂଚନା ମୁତାବକ ବାଲେଶ୍ୱର ଜିଲାରେ ୭୮୧ଟି ଟ୍ରାନ୍ସଫର୍ମର ପରିସରକୁ ସୁରକ୍ଷା ବାଡ ନିର୍ମାଣ କରାଯାଇ ଆବଦ୍ଧ କରାଯାଇଥିବା ବେଳେ ବାରିପଦାରେ ୫୮୬, ଯାଜପୁରରେ ୪୭୬, ଭଦ୍ରକରେ ପ୍ରାୟ ୪ଶହ ଏବଂ କେନ୍ଦୁଝରରେ ୩ଶହରୁ ଅଧିକ ଟ୍ରାନ୍ସଫର୍ମର ପରିସରରେ ସୁରକ୍ଷା ବାଡ ନିର୍ମାଣ କରାଯାଇଛି। ସୁରକ୍ଷା ବାଡ ନିକଟରେ ପିଲାମାନଙ୍କୁ ଖେଳିବାକୁ ନ ଦେବା, ଗୋରୁ କିମ୍ବା ଅନ୍ୟ ପଶୁମାନଙ୍କୁ ନ ବାନ୍ଧିବା ଅବା ଓଦା କପଡା ନ ଶୁଖାଇବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଅସୁରକ୍ଷିତ ଅବସ୍ଥାରେ ଥିବା ବୈଦ୍ୟୁତିକ ଟ୍ରାନ୍ସଫର୍ମର ତଥା ଖୁଣ୍ଟି କିମ୍ବା ଛିଣ୍ଡା ତାର ସମ୍ପର୍କରେ ଜନସାଧାରଣ ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ସୂଚନା ଦେବା ପାଇଁ ଟିପିଏନଓଡିଏଲ୍ ପକ୍ଷରୁ କୁହାଯାଇଛି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ



ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ପଞ୍ଚାୟତର ୱାର୍ଡସଭ୍ୟମାନେ।

ଜଳେଶ୍ୱର,୨।୪( ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ବର୍ତ୍ତନା ପଞ୍ଚାୟତରେ ଏବେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ବର୍ତ୍ତମାନର ସରପଞ୍ଚ ମଧୁସ୍ମିତା ବେହେରାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପଞ୍ଚାୟତର ୱାର୍ଡସଭ୍ୟମାନେ। ପଞ୍ଚାୟତର ମୋଟ ୧୩ଜଣ ସଭ୍ୟଙ୍କ ମଧ୍ୟରୁ ୧୧ଜଣ ସଭ୍ୟ ଏକାଠି ହୋଇ ସରପଞ୍ଚଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଛନ୍ତି। ଗୁରୁବାର ଏହି ୧୧ ଜଣ ସଭ୍ୟ ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ଏକ ସ୍ୱାକ୍ଷର ସମ୍ବଳିତ ଦରଖାସ୍ତ ପ୍ରଦାନ କରିଛନ୍ତି। ସରପଞ୍ଚ ସାମାଜିକ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ସଭ୍ୟମାନଙ୍କ ଅଗୋଚରରେ ଅନ୍ୟତ୍ର ବିନିଯୋଗ କରିଛନ୍ତି। ଆବାସ ଯୋଜନା, ରାସ୍ତା ନିର୍ମାଣ ଓ ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଆର୍ଥିକ ହେରଫେର ହୋଇଥିବା ଦର୍ଶାଯାଇଛି। ପଞ୍ଚାୟତ ପରିଚାଳନାରେ ସରପଞ୍ଚ ୱାର୍ଡ ସଭ୍ୟମାନଙ୍କୁ ଅଣଦେଖା କରି ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛନ୍ତି।

# ୯ରେ ଦନ୍ତୋର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଔପଦା, ୨।୪(ଧରିତ୍ରୀ ପଣ୍ଡା)

ଆସନ୍ତା ୯ ଓ ୧୦ତାରିଖରେ ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ଦନ୍ତୋର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ହେବ। ଏନେଇ ପୁରାତନ ଛାତ୍ର ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମାରୋହରେ ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଅଭ୍ୟର୍ଥନା କମିଟି ସଭାପତି କୈଳାଶ ଚନ୍ଦ୍ର ମଲ୍ଲିକ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୁରାତନ ଛାତ୍ର ସଂସଦର ସଭାପତି ପର୍ଶୁରାମ ସାହୁ, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ବାରିକ, ପୁରାତନ ଛାତ୍ର ଅରୁଣ କୁମାର ବେହେରା, ବସନ୍ତ କୁମାର ଦାସ, ଲକ୍ଷ୍ମୀକାନ୍ତ ବେହେରା, ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ସର୍ବଦା ବଡ଼ ହେବା ଲକ୍ଷ୍ୟ ନେଇ ପ୍ରଚେଷ୍ଟା ଜରୁରୀ'

## ସୋର ପବ୍ଲିକ ସ୍କୁଲର ୨୭ତମ ବାର୍ଷିକ ଉତ୍ସବ



ସୋର, ୨।୪ (ଜନ୍ମେଜୟ ମିଶ୍ର)

ସୋର ପବ୍ଲିକ ସ୍କୁଲର ୨୭ତମ ବାର୍ଷିକ ଉତ୍ସବ, କମରପୁରସ୍ଥିତ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାକୁ ବିଦ୍ୟାଳୟ ସଭାପତି ମାୟାଧର ନାୟକ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ସିପିଆଇ ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ସମ୍ବିଧାନ ପ୍ରଦତ୍ତ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା ସରକାରଙ୍କର ମୌଳିକ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ସରକାରୀ ବିଦ୍ୟାଳୟଗୁଡ଼ିକରେ ଘରୋଇ ଶିକ୍ଷାନୁଷ୍ଠାନ ଭଳି ସମାନ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକମାନେ ଉତ୍ତରଦାୟୀ ହେବା ଜରୁରୀ। ଏହି ବିଦ୍ୟାଳୟରେ ୨୮ ବର୍ଷ ଧରି ଓଡ଼ିଆ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ଦେଇ ଛାତ୍ରୀଛାତ୍ରମାନଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ଅଭିଭାବକମାନଙ୍କର ମାନସିକତା ନିଶ୍ଚିତ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ସମ୍ମାନିତ ଅତିଥି ଶିକ୍ଷାବିତ ଡକ୍ଟର ସତ୍ୟନାରାୟଣ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ତାଙ୍କ ବକ୍ତବ୍ୟରେ ପିଲାମାନେ ସର୍ବଦା ବଡ ହେବାର ଲକ୍ଷ୍ୟ ନେଇ ନିରନ୍ତର ପ୍ରଚେଷ୍ଟା କଲେ ନିଶ୍ଚିତ ସଫଳତା ପାଇବେ। ବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ବରିଷ୍ଠ ସଦସ୍ୟ ଅନାମ ପ୍ରସାଦ ବାରିକ, ହିମାଂଶୁ ଭୂଷଣ ପଣ୍ଡା, ଲୋକନାଥ ରାଉତ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମନାରାୟଣ ଦାସ, ଦିବାକର ସାହୁ, ଶଶୀକାନ୍ତ ଘଡ଼ାଇ, ଗୌରାଙ୍ଗ ଖୁଣ୍ଟିଆ, ଗୁଲତାଜ ଖାଁ, ସନ୍ତୋଷ କୁମାର ନାୟକ, ଉମ୍ବରୁଧର ଜେନା, ରମେଶ ଚନ୍ଦ୍ର ମହାପାତ୍ର, ବିବେକ ମହାପାତ୍ର, ଉମାକାନ୍ତ ପ୍ରଧାନ, ତନୁଜା ପଣ୍ଡା, ସନ୍ଧ୍ୟାରାଣୀ ସେଠୀ ଓ ବିଦ୍ୟୁସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଓମ୍‌ପ୍ରକାଶ ଓଡ଼ିଶା ମାନବାଧିକାର ଫାଉଣ୍ଡେଶନ ଉପସଭାପତି

ନୀଳଗିରି, ୨।୪ (ପ୍ରଶାନ୍ତ କୁମାର ବିଶ୍ୱାଳ)



ବାଲେଶ୍ୱର ଜିଲା ନୀଳଗିରି ଏନଏସି ଅଧୀନ ସାନଅତା ଗ୍ରାମର ଓମ୍‌ପ୍ରକାଶ ଜେନା (୨୦) ଅନ୍ତର୍ଜାତୀୟ ମାନବାଧିକାର ଫାଉଣ୍ଡେଶନ ପକ୍ଷରୁ ଓଡିଶାର ରାଜ୍ୟ ମାନବାଧିକାର ଫାଉଣ୍ଡେଶନ ଉପସଭାପତି ରୂପେ ମନୋନୀତ ହୋଇଛନ୍ତି। ତାଙ୍କର ସମାଜପ୍ରତି ନିସ୍ୱାର୍ଥପର ସେବା, ମିଷ୍ଟଭାଷୀ ସତ୍ୟବାଦୀ ଗୁଣରୁ ତାଙ୍କୁ ମନୋନୀତ କରାଯାଇଛି। ସେ ବୃତ୍ତିରେ ଠିକା ବିଦ୍ୟୁତ୍ କର୍ମଚାରୀ। ଭାଲୁକାଶୁଣି ଷ୍ଟ୍ରକଚର୍‌ରେ କାର୍ଯ୍ୟରତ ସଞ୍ଜୟଙ୍କ ପୁଅ ଓମ୍‌ପ୍ରକାଶ ଜେନା (୨୦)ଏବେ ଭୁବନେଶ୍ୱର ସେଞ୍ଚୁରିଆନ ୟୁନିଭରସିଟିରେ ମାଇକ୍ରୋବାୟୋଲୋଜିରେ ପ୍ରଥମବର୍ଷର ଛାତ୍ର ଅଟନ୍ତି। ତାଙ୍କ ଉଦ୍ୟମରେ ସେ ଶ୍ରୀରାମସେବା ସାମାଜିକ ଫାଉଣ୍ଡେଶନ ଗଢିଛନ୍ତି। ଯେଉଁଠି ପ୍ରଶାସନ ପହଞ୍ଚି ନ ଥାଏ, ସେଠାରେ ଫାଉଣ୍ଡେଶନ ପହଞ୍ଚି ଜନକଲ୍ୟାଣ କାର୍ଯ୍ୟ କରିଥିବା ଦେଖାଯାଇଛି। ନୀଳଗିରି ଭଳି ଆଦିବାସୀ ଜନବହୁଳ ଅଞ୍ଚଳରେ ଗୌରବ ଆଣିବା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇପାରିଛନ୍ତି। ପୂର୍ବରୁ ସାଧାରଣ ସଦସ୍ୟ ରୂପେ ଓଡିଶା ମାନବଅଧିକାର ଫାଉଣ୍ଡେଶନରେ କାର୍ଯ୍ୟକରି ଉକ୍ତ ଅଞ୍ଚଳରେ ନ୍ୟାୟ ଦେବାରେ ଉଦାହରଣ ସାଜିଥିଲେ।

# ଓଡ଼ିଶା ଦିବସରୁ ଓଡ଼ିଆ ପକ୍ଷ ଶୁଭାରମ୍ଭ

ବାଲିଆପାଳ, ୨।୪ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ବୁଧବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଦିବସରୁ ଓଡ଼ିଆ ପକ୍ଷ ୨୦୨୬ ପାଳନର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ଲକ ପରିସରରେ ଥିବା ମହାତ୍ମାଗାନ୍ଧୀ ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବାଲିଆପାଳ ବ୍ଲକ ଜିପିଓ ପ୍ରିୟବ୍ରତ ଗିରି, ବାଲିଆପାଳ ବ୍ଲକ ଯୋଗଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ବିପିଏମ ଓଏଲଏମ୍ ଉତ୍ତମ କୁମାର ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସରୁ ଓଡ଼ିଆ ପକ୍ଷ ୨୦୨୬ ପାଳନ ବିଷୟରେ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଏମ୍‌ବିକେ ଓ ସିଆରପିମାନେ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ଏସ୍ଏଚ୍‌ଜି, ଏମ୍‌ବିକେ ଓ ସିଆରପିମାନେ।

# ପାଣି ଚିନ୍ତାରେ ଆଦିବାସୀ ପରିବାର

## ୩ ମାସ ହେଲା ନଳକୂପ ଅଚଳ



ଲଙ୍ଗଳେଶ୍ୱର, ୨।୪(କମଳାକାନ୍ତ ଦାସ)

ତୃଣମୂଳ ସ୍ତରରେ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ବସୁଧା ଭଳି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ତାହାର ସଫଳ ରୂପାୟନ ହୋଇପାରୁନାହିଁ। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଦାଣ୍ଡିପଦା ଆଦିବାସୀ ସାହିରେ ଗ୍ରୀଷ୍ମଋତୁ ଆରମ୍ଭରୁ ହିଁ ପାଣି ପାଇଁ ଡହଳବିକଳ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ଧୀରେ ଧୀରେ ଖରା ବଢୁଛି। ଆଉ ଏହା ସାଙ୍ଗକୁ ତାଳ ଦେଇ ବଢି ଚାଲିଛି ଜଳଯନ୍ତ୍ରଣା। ଗତ ୩ମାସ ହେଲା ଏହି ସାହି ଭିତରେ ଏକମାତ୍ର ନଳକୂପ ଏବେ ଅଚଳ ହୋଇଯାଇଛି। ସାହି ଭିତରେ ଥିବା ୧୨ଟି ପରିବାରର ୪୦ରୁ ଊର୍ଦ୍ଧ୍ୱ ଲୋକେ ଏବେ ୧ କି.ମି. ଦୂରରେ ଥିବା ଅନ୍ୟ ଗାଁର ବ୍ୟକ୍ତିଗତ ବୋରୱେଲ ପାଣି ଉପରେ ନିର୍ଭର କରୁଛନ୍ତି। ଗ୍ରାମର ଲୋକଙ୍କ ଅଭିଯୋଗ ଅନୁସାରେ ସାହି ଭିତରେ ଥିବା ନଳକୂପ ଆଜକୁ ଦୀର୍ଘ ୨ବର୍ଷ ହେବ ଗ୍ରୀଷ୍ମଋତୁ ଆସିବା ପୂର୍ବରୁ ଭୂତଳ ଜଳ କମିଯିବାରୁ ଅକାମୀ ହୋଇଯାଉଛି । ଫଳରେ ସମସ୍ତ ପରିବାର ପାଣି ବୁନ୍ଦାଏ ପାଇଁ ପ୍ରତିବର୍ଷ ଭଳି ଚିନ୍ତାରେ ରହୁଛନ୍ତି। ଚଳିତବର୍ଷ ଗତ ୩ ମାସ ହେବ ଏହି ନଳକୂପ ଅକାମୀ ହେବାରୁ ବର୍ତ୍ତମାନ ସାହି ଭିତରେ ପାଣି ସଙ୍କଟ ଦେଖାଦେଇଛି। ପାଣି ସମସ୍ୟା ବାବଦରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଜୟନ୍ତ ଦାସଙ୍କୁ ଜଣାଇଥିଲେ ବି ସମାଧାନ ପୂର୍ବ ବର୍ଷ ଭଳି ଶୂନ ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଆଦିବାସୀ ସାହି ମୁଣ୍ଡ ପର୍ଯ୍ୟନ୍ତ ପାଣି ପାଇପ ବିଛାଯାଇଥିଲେ ବି ପାଣି ବାହାରୁ ନାହିଁ। ସାହି ଭିତରେ ସମସ୍ତ ଆଦିବାସୀ ଅଶିକ୍ଷିତ ଓ ସରକାରୀ ନିୟମ ଜାଣି ନ ଥିବା ହେତୁ ନିଜ ପଞ୍ଚାୟତର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ପାଣି ପାଇଁ ବାରମ୍ବାର ଗୁହାରି କରିଥିଲେ ବି କିଛି ସୁଫଳ ମିଳୁନି। ନଳକୂପ ଅଚଳ ଥିଲେ କିମ୍ବା ପାଇପ ଯୋଗେ ପାନୀୟ ଜଳ ସମସ୍ୟା ଦେଖାଦେଲେ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଗାଡ଼ିରେ ଟାଙ୍କି ସାହାଯ୍ୟରେ ପାଣି ବାଣ୍ଟିବା ପାଇଁ ସରକାରୀ ନିୟମ ଥିଲେ ବି ଆଜି ପର୍ଯ୍ୟନ୍ତ ଏମାନେ ନିଜ ସାହି ଭିତରେ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି । ତେବେ ଏହି ଆଦିବାସୀ ସାହି ଭିତରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟା ବାବଦରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ବସୁଧା ହେଲପଲାଇନ ନମ୍ବର ୧୯୧୬ ଜରିଆରେ ଅଭିଯୋଗ କରିବା ସହିତ ବାଲିଆପାଳ ବିଡ଼ିଓ ରାଧାରଞ୍ଜନ ଦାସଙ୍କୁ ଜଣାଇଥିଲେ। ପରେ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବିଡିଓ ଦାସ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଆଜି ପର୍ଯ୍ୟନ୍ତ ଏହି ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହୋଇନାହିଁ। ରାଜେଶ ସୋରେନ, ମୋହନ ହେମ୍ବ୍ରମ, ଚକ୍ରଧର ମାରାଣ୍ଡି, ମଧୁ ହେମ୍ବ୍ରମ ଭଳି ପ୍ରମୁଖ ଗ୍ରାମବାସୀ ପୂର୍ବରୁ ଥିବା ଅଚଳ ନଳକୂପକୁ ମରାମତି ବା ନୂତନ ନଳକୂପ ନିର୍ମାଣ ବା ସାମୟିକ ଭାବେ ଟାଙ୍କି ଯୋଗେ ପାନୀୟ ଜଳ ବଣ୍ଟନ ପାଇଁ ଦାବି କରିଛନ୍ତି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବୈଶିଙ୍ଗା,୨।୪ (ରତନ ଦାଶ)

ମଛପଦା ନିକଟରେ ବୁଧବାର ରାତି ୮ଟା୩୦ରେ ବାଙ୍ଗିରିପୋଷି–ରୂପ୍‌ସା ଡିଏମ୍‌ୟୁ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମଲକଡ଼ି ଗ୍ରାମର ରବି ସିଂହ(୬୦)। ସୂଚନା ଅନୁଯାୟୀ, ଟ୍ରେନ୍ ଆସୁଥିବା ଜାଣି ନ ପାରି ରେଳ ଲାଇନ୍ ପାରି ହେଉଥିବା ବେଳେ ଡିଏମ୍‌ୟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ଚାଳକ ଟ୍ରେନ୍ ଅଟକାଇ ସ୍ଥାନୀୟ ଲୋକଙ୍କୁ ଖବର ଦେବା ସହିତ ଜିଆର୍‌ପିକୁ ଜଣାଇଥିଲେ। ଖବରପାଇ ବୃଦ୍ଧଙ୍କ ପରିବାର ବର୍ଗ ସମେତ ଗ୍ରାମବାସୀ ପହଞ୍ଚିଥିଲେ। ବାଲେଶ୍ୱର ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଟ୍ରାକ୍ଟର ଧକ୍କାରେ ଜୀବନଗଲା

ଠାକୁରମୁଣ୍ଡା,୨।୪(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଥାନା ଅଧୀନ ତାଳପଦା ଛକ ନିକଟରେ ବୁଧବାର ରାତିରେ ଟ୍ରାକ୍ଟର ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କରଞ୍ଜିଆ ଏନ୍‌ଏସି ଅଧୀନ ଶରଧା ଗ୍ରାମର ରାଜେନ୍ଦ୍ର ମାଟିଆଣ। ରାଜେନ୍ଦ୍ର ତାଙ୍କ ଶ୍ୱଶୁର ଘର ତାଳପଦା ଗ୍ରାମ ପଞ୍ଚାୟତର ଲକ୍ଷ୍ମୀପଷି ଗାଁକୁ ଏକୋଇଶା ଭୋଜି ଖାଇବା ପାଇଁ ଆସିଥିଲେ। କୌଣସି କାର୍ଯ୍ୟ ପାଇଁ ସେ ତାଳପଦା ଗାଁକୁ ଯାଇ ଲକ୍ଷ୍ମୀପଷି ଫେରିବା ସମୟରେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୭/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

### ଗୋରୁ ବୋଝେଇ ଗାଡ଼ି ଜବତ

ବାରିପଦା,୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କପ୍ତିପଦା ପୋଲିସ ଚଢ଼ାଉ କରି ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ସେଥିରୁ ୬ଟି ଗୋରୁ ଉଦ୍ଧାର ପରେ ବାଲେଶ୍ୱର ଗୋଶାଳାକୁ ପଠାଯାଇଛି। ସୂଚନାଯୋଗ୍ୟ, ବିଶ୍ୱସ୍ତସୂତ୍ରରୁ ଖବରପାଇ କପ୍ତିପଦା ଥାନା ଏସ୍‌ଆଇ ଶଶିକାନ୍ତ ଜେନା ସଦଳବଳେ ନୁଦଡିହା ଫାଣ୍ଡି ଅଧୀନ ପଡ଼ାଡିହା ନିକଟରେ ଗୋରୁ ବୋଝେଇ ହୋଇ ଆସୁଥିବା ଉକ୍ତ ପିକ୍‌ଅପ୍ ଭ୍ୟାନକୁ ଅଟକାଇଥିଲେ। ତେବେ ପୋଲିସକୁ ଦେଖି ଡ୍ରାଇଭର ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ଆଣିବା ସହିତ ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲା।

# ପୋଖରୀ ପୁନରୁଦ୍ଧାର ପାଇଁ ଗଛକଟାକୁ ବିରୋଧ

## ଅଭିଯୋଗ ପରେ କାମ ବନ୍ଦ କଲା ବନ ବିଭାଗ

ବାରିପଦା,୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାରେ ପୁଣିଗଛ କାଟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ବିବାଦ ଏନ୍‌ଜିଟିରେ ବିଚାରାଧୀନ ଥିବା ବେଳେ ପୁନର୍ବାର ପୋଖରୀ ପୁନଃରୁଦ୍ଧାର ଭଳି ଉନ୍ନୟନ କାର୍ଯ୍ୟ ନାମରେ ବାରିପଦା ପୌରପରିଷଦ କିମ୍ବା ବନ ବିଭାଗର ବିନା ଅନୁମତିରେ ଶତାଧିକ ଗଛ କଟା ଯାଇଥିବା ଅଭିଯୋଗ ହୋଇଛି। ଗଛ କାଟାଯାଇଥିବାରୁ ଅନେକ ପକ୍ଷୀ ନିଜର ଆଶ୍ରୟ ହରାଇଛନ୍ତି। ଅଭିଯୋଗ ପରେ ବନ ବିଭାଗ ତଦନ୍ତ ଆରମ୍ଭ କରି କାର୍ଯ୍ୟ ବନ୍ଦ କରିଛି।

ସୂଚନା ଅନୁଯାୟୀ, ବାରିପଦା ସହର ମଧ୍ୟ ଭାଗରେ ବହୁବର୍ଷ ପୂର୍ବରୁ ପକ୍ଷୀ ବିହାର ରହିଛି। ବର୍ଷତମାମ ହଜାର ହଜାର ପକ୍ଷୀ ସେଠାରେ ଆଶ୍ରୟ ନେଇଥାନ୍ତି। ବିକାଶ ଆଳରେ ବର୍ତ୍ତମାନ ମେଶିନ ଲଗାଇ



କଟା ହୋଇଥିବା ଗଛ।

ଶତାଧିକ ଗଛ କଟା ଯାଉଥିବା ଦେଖି ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ବାରିପଦା ପୌରପରିଷଦର ଏଭଳି ମନମୁଖୀ କାର୍ଯ୍ୟକଳାପକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ନାମରେ ଗଛ କାଟି ଦିଆଯିବାରୁ ସେଠାରେ ବସା ବାନ୍ଧିଥିବା ହଜାର ହଜାର ପକ୍ଷୀ ଆଶ୍ରୟ ହରାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତଥା ପରିବେଶପ୍ରେମୀ ବିଶାଲ ସିଂ ଓ କାହ୍ନା ମହାନ୍ତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ବିନା କୌଣସି ସରକାରୀ ଅନୁମତିରେ ଗଛଗୁଡ଼ିକ କାଟାଯାଇଛି। ଅନ୍ୟପକ୍ଷରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଗଛ କାଟାଯାଇଥିବା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସଫେଇ ଦେଇଛନ୍ତି। ସ୍ଥାନୀୟ ଗୁଗୁଲି ପାର୍କକୁ ମିଶାଇ ଏକ ବୃହତପାର୍କ ନିର୍ମାଣ କାର୍ଯ୍ୟ କରାଯାଉଛି। ସେ ସବୁ ସ୍ଥାନରେ ପୁର୍ନବାର ଗଛ ଲଗାଯିବ ବୋଲି ନଗରପାଳ ମହାନ୍ତି କହିଛନ୍ତି।

ତେବେ ପ୍ରଶ୍ନ ଉଠୁଛି ଜଙ୍ଗଲ କିସମ ଜମିରେ ବିନା କୌଣସି ଅନୁମତିରେ ଏତେ ସଂଖ୍ୟକ ଗଛ କଟାଗଲା କିପରି। ଅନ୍ୟପଟେ ବନ ବିଭାଗ ଘଟଣାକୁ ଗୁରୁତ୍ୱର ସହିତ ନେଇଛି। କାର୍ଯ୍ୟ ବନ୍ଦ କରି ତଦନ୍ତ ଆରମ୍ଭ କରିଛି। ଯଦି କୌଣସି ଅନିୟମିତତା ହୋଇଥିବା ଜଣାପଡ଼େ ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବସ୍‌ଷ୍ଟାଣ୍ଡ ନିର୍ମାଣ ନାମରେ ହଜାର ହଜାର ଗଛ କଟା ଘଟଣାର ଏପର୍ଯ୍ୟନ୍ତ ସମାଧାନ ହୋଇ ପାରି ନ ଥିବା ବେଳେ ପୁଣି ଏଭଳି ଏକ ଘଟଣା ବାରିପଦାରେ ପରିବେଶ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

# ପୋଲ ମରାମତି ନ ହେଲେ ଆନ୍ଦୋଳନ

## ଶିଳଦା ପୋଲ ପାଇଁ ଅଣ୍ଟା ଭିଡ଼ିଲେ ଅଞ୍ଚଳବାସୀ



ଜିଲାପାଳ ହେମକାନ୍ତ ସୟଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମୋରଡା,୨।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଚିତ୍ରଡ଼ା–ମୋରଡ଼ା ମୁଖ୍ୟ ରାସ୍ତାର ଶିଳଦା ନିକଟରେ ଥିବା ଜମ୍ବୀରା ପୋଲ ମଧ୍ୟ ଭାଗ ଦବି ଯାଇଥିବାରୁ ପୂର୍ତ୍ତବିଭାଗ ତରଫରୁ ଉକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଛି। ଉକ୍ତ ପୋଲକୁ ଯଥାଶୀଘ୍ର ମରାମତି କରିବା ତଥା ଆସ୍ଥାୟୀ ପୋଲ ନିର୍ମାଣ ପାଇଁ ଏକ ଦାବିପତ୍ର ଗୁରୁବାର ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଜନ ଆନ୍ଦୋଳନ ହେବା ସହିତ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି।

ଉକ୍ତ ପୋଲଟି ୩ ବର୍ଷ ହେବ ବିପଦସଂକୁଳ ଅବସ୍ଥାରେ ଥିବାବେଳେ ପୂର୍ତ୍ତବିଭାଗ ତରଫରୁ ବ୍ୟାରିକେଡ୍ ଲଗାଯାଇ ଭାରୀଯାନ ଯିବା ଆସିବା ପାଇଁ ନିଷେଧ କରାଯାଇଥିଲା। କିନ୍ତୁ ଠିକ୍ ଭାବେ ବସି ନ ଥିବାରୁ ବ୍ୟାରିକେଡ୍ କଡ ଦେଇ ପ୍ରତିଦିନ ରାତିରେ ବଡ଼ ବଡ଼ ହାଇୱାରେ ଚୋରା ବାଲି ଚାଲାଣ ହେଉଥିଲା। ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ ବସିଥିଲା। ଫଳରେ ପୋଲଟି ଦବି ଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏବେ ଚିତ୍ରଡ଼ା–ମୋରଡ଼ା ସିଧା ସଳଖ ଯୋଗାଯୋଗ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି।

ସୂଚନାଯୋଗ୍ୟ, ଚିତ୍ରଡ଼ାରେ ବ୍ଲକ୍, ତହସିଲ୍, ସବ୍ ରେଜିଷ୍ଟ୍ରାର ଅଫିସ, ଶିଶୁ ବିକାଶ କାର୍ଯ୍ୟାଳୟ, କଲେଜ ଏବଂ ମୋରଡାରେ ଥାନା, କୋର୍ଟ, ଆଦର୍ଶ ବିଦ୍ୟାଳୟ ଥିବାରୁ ଅଞ୍ଚଳବାସୀ ଏବେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗତ ୨୦୨୫ ଫେବୃଆରୀ ୬ ତାରିଖରେ ଏକ ନୂତନ ପୋଲ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବାରୁ ଉକ୍ତ କାର୍ଯ୍ୟ କେବେ ସରିବ ଓ ଅଞ୍ଚଳବାସୀ କେବେ ଯିବା ଆସିବା କରି ପାରିବେ ତାହା ଏବେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି।

### ହରିଣ ମାଂସ ଜବତ, ଶିକାରୀ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୨।୪(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ରେଞ୍ଜ କେନ୍ଦୁମୁଣ୍ଡି ଫରେଷ୍ଟ ବିଟ୍ ଅନ୍ତର୍ଗତ ବିସିପୁର ଗ୍ରାମ କଦଳୀବାଡ଼ି ଗ୍ରାମରେ ବୁଧବାର ଠାକୁରମୁଣ୍ଡା ବନ ବିଭାଗ ଚଢ଼ାଉ କରି ରୋଷେଇ ହୋଇଥିବା ୮୦୫ ଗ୍ରାମ ଓଜନର ହରିଣ ମାଂସ ଜବତ କରିଛି। ହରିଣ ଶିକାରରେ ଜଡ଼ିତ ଜଣେ ବ୍ୟକ୍ତିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଶିକାରୀ ଜଣକ ହେଲେ ସେହିଗ୍ରାମର ସୁରେଶ ଚନ୍ଦ୍ର ସର୍ଦ୍ଦାର। ତାଙ୍କ ନିକଟରୁ ରନ୍ଧା ମାଂସ ସହିତ ଶିକାର ନିମନ୍ତେ ବ୍ୟବହୃତ ତୀର ଓ ଛୁରି ସହ ମାଂସ ରୋଷେଇରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

### ପିଲାଚୋର ସନ୍ଦେହରେ ଯୁବକ ଅଟକ

ମୋରଡ଼ା,୨।୪ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ଥାନା ଅଞ୍ଚଳରେ ପିଲା ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ବୁଧବାର ରାତିରେ ଗ୍ରାମବାସୀ ଅଟକ ରଖିବା ସହ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଧୀନ ଶିଳଦା ପଟାକୁଣ୍ଡିଆ ନିକଟରେ ସ୍ଥାନୀୟ ଲୋକେ ଜଣେ ଅଚିହ୍ନା ଯୁବକଙ୍କୁ ଦେଖି ଅଟକ ରଖି ପଚରାଉଚୁରା କରିଥିଲେ। ଯୁବକ ଜଣକ ତାଙ୍କ ଘର ବିହାର କହିଥିବା ବେଳେ ନାମ ପରିଚୟ ଦେଇ ନ ଥିଲେ। ସେହିପରି ଏହି ସମୟରେ ୨ଜଣ ବ୍ୟକ୍ତି କିଛି ଦୂରରେ ଥିବା ଦେଖି ଲୋକେ ସେମାନଙ୍କୁ ମଧ୍ୟ ପଚରାଉଚୁରା କରିଥିଲେ। ସେମାନେ ଏକ ବ୍ୟାଗରୁ ତମ୍ବା ତାର କାଢି ଦେଖାଇ ଏସି ମରାମତି କରନ୍ତି ବୋଲି କହିଥିଲେ। କିଛି ସମୟ ପରେ ସେମାନେ ଘଟଣାସ୍ଥଳରୁ ପଳାଇଥିଲେ। ଉଲ୍ଲେଖଯୋଗ୍ୟ,କିଛି ଦିନ ତଳେ ଜଣେ ଯୁବକଙ୍କୁ ପିଲା ଚୋର ସନ୍ଦେହରେ ସ୍ଥାନୀୟ ଲୋକେ ପିଟି ପିଟି ମାରି ଦେଇଥିଲେ। ସେହିପରି ଚିତ୍ରଡ଼ାସ୍ଥିତ ମୋରଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ୧୨ଟି ଏସିରୁ ତମ୍ବା ତାର ଚୋରି ହୋଇଥିବା ମୋରଡ଼ା ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା।

# ୨ ନୂଆ ଉପଜିଲାପାଳଙ୍କ ଯୋଗଦାନ



ଡା. ଦୟାସିନ୍ଧୁ ପରିଡ଼ା



ଅଜୟ ପ୍ରକାଶ ତିର୍କୀ

କରଞ୍ଜିଆ/ ରାଇରଙ୍ଗପୁର, ୨।୪ (କବିତା ମହାନ୍ତ/ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡରେ ଦୁଇ ନୂଆ ଉପଜିଲାପାଳ କାର୍ଯ୍ୟରେ ଯୋଗ ଦେଇଛନ୍ତି। କରଞ୍ଜିଆ ଉପଜିଲାପାଳ ଭାବେ ଡା.ଦୟାସିନ୍ଧୁ ପରିଡ଼ା ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ବାରିପଦା ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଡା. ପରିଡ଼ା ଜଣେ ସୁସାହିତ୍ୟକ, ଲେଖକ, ସୁବକ୍ତା ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ଉପଜିଲାପାଳ ଡା. ପରିଡ଼ାଙ୍କୁ ଅନେକ ପ୍ରଶାସନିକ ଅଧିକାରୀ,ସାମ୍ବାଦିକ, ସାଧାରଣ ନାଗରିକ ସୌଜନ୍ୟମୂଳକ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଡା. ପରିଡା ଗରିବ ଲୋକ ଓ ଚାଷୀମାନଙ୍କ ବିକାଶ ଦିଗରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

ସେହିପରି ରାଇରଙ୍ଗପୁର ଉପଜିଲାପାଳ ଭାବେ ଅଜୟ ପ୍ରକାଶ ତିର୍କୀ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା, ସହକାରୀ ଉପଜିଲାପାଳ ବାସନ୍ତୀ ଲାକ୍ରା ଏବଂ ସହକାରୀ ଜିଲାପାଳ ସୁଧାକର ସେଠୀ, ଅନିତା ରାଣୀ ମହାନ୍ତ ଏବଂ ଅପର୍ଣ୍ଣା ଅପରାଜିତା ପ୍ରମୁଖ ପଦାଧିକାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ନୂତନ ଉପଜିଲାପାଳ ତିର୍କୀ ଏହା ପୂର୍ବରୁ କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ।

# ସଦ୍ଭାବନା ସମିତିର ବାର୍ଷିକୋତ୍ସବ

## ଜିଲାର ଶ୍ରେଷ୍ଠ ୪ ସେବକଙ୍କୁ ସେବକଶ୍ରୀ ଉପାଧି ଓ ସର୍ବଧର୍ମ ସଞ୍ଚାଳକ ବର୍ଗଙ୍କୁ ଭବ୍ୟ ଅଭ୍ୟର୍ଥନା

ବାରିପଦା,୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସଦ୍ଭାବନା ସମିତିର ୪୭ତମ ମାନବ ଧର୍ମ ସମ୍ମିଳନୀ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଓଡ଼ଶାରେ ମାନବ ଧର୍ମ ତଥା ବାରିପଦା ସଦ୍ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରହିତ୍ୟ କରି ମାନବ ଧର୍ମର ଅର୍ଥ ନ ବୁଝି ଆଜି ସମାଜ ଦାନବ ଧର୍ମୀମାନଙ୍କ ଚରାଭୂଇଁ ବୋଲି ମନ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ଯିଏ ସଚ୍ଚୋଟ ସେ ସତ୍‌କର୍ମରେ ଝଡ଼ରେ ଇଗଲ ସଦୃଶ୍ୟ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ମାନବ ସେବା ମାଧବ ସେବା ଏବଂ ମାନବ ଧର୍ମ ମାଧବ ଧର୍ମ କହିଥିଲେ। ମୁଖ୍ୟବକ୍ତା ଭାବେ ଆର୍ଯ୍ୟ ସମାଜର ଆଚାର୍ଯ୍ୟଦେବ ବିଜୟଜୀ ଦେବାଦେବୀଙ୍କ ପୂଜା ମାନବ ଧର୍ମ ମାତ୍ର ଆଲୋକ ତୋରଣ ସଜ୍ଜା ବାବଦକୁ ଅଯଥା ଅପବ୍ୟୟ ମାତ୍ସର୍ଯ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଦିବସରେ ଜିଲାର ଶ୍ରେଷ୍ଠ ପୋଲିସ କନଷ୍ଟେବଲ୍ ଭାବେ ପ୍ରଶାନ୍ତ କୁମାର ମହାନ୍ତ, ଜିଲାର ଶ୍ରେଷ୍ଠ ନର୍ସିଂ ଅଧିକାରୀ ଭାବେ ଦେବାଶିଷ ବେହେରା, ଜିଲାର ଶ୍ରେଷ୍ଠ ଆଗ୍ନିକ ଭାବେ ପ୍ରଭାସ କୁମାର ଜେନା, ବାରିପଦା ପୌର ପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖୀଙ୍କୁ ସେବକଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ସେମାନଙ୍କୁ ସମ୍ବର୍ଦ୍ଧନା ସନନ୍ଦ, ସାଲ, ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ଅତିଥିବର୍ଗ ସମ୍ବର୍ଦ୍ଧିତ କରିଥିଲେ। ସମିତିର ସତ୍ୟର ସ୍ରୋତ ନୀତି ଓ ନୈତିକତା ନିକିତିରେ ସାମିଲ ବିବେକାନନ୍ଦ କେନ୍ଦ୍ରର ସଞ୍ଚାଳକ ସନ୍ଦୀପ କୁମାର ଚାନ୍ଦ, ଶିବାନନ୍ଦ ଶରତାଗତ, ଡ. ଝରଣା ବେହେରା, ସତ୍ୟସାଇ ସେବା ସଙ୍ଗଠନର ବିଶ୍ୱ ରଞ୍ଜନ ସାହୁ, ସତ୍‌ସଙ୍ଗ ବିହାରର ବେଣୁଧର ମହାରଣା, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ପ୍ରଜାପିତାର ବି କେ ମାମୁନି, ଖାଲସା ପନ୍ଥର ସର୍ଦ୍ଦାର ହରଚରଣ ସିଂ, ଇସଲାମ ଶାଖାର ସେକ ନିଜାମଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦିଆଯାଇ ଅଭ୍ୟର୍ଥନା ଜ୍ଞାପନ କରାଯାଇଥିଲା। ସଭାରେ କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ସ୍ୱାଗତ ସମ୍ଭାଷଣ ରଖିଥିବା ବେଳେ ସଦସ୍ୟ ମନୋଜ କୁମାର ପଣ୍ଡା ଅତିଥି ପରିଚୟ ଏବଂ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ନାମେଣ୍ଟ: ଆଜାଦ କ୍ଲବ୍ ଚାମ୍ପିୟନ

ବାରିପଦା,୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଓଡ଼ିଶା ଦିବସ ଅବସରରେ ବାରିପଦାସ୍ଥିତ ପୋଲିସ ପରେଡ୍ ପଡ଼ିଆରେ କିଚକେଶ୍ୱରୀ ଭଲିବଲ ଏକାଡେମୀ ଓ ଆରଆଇ ପୋଲିସଙ୍କ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଆଜାଦ କ୍ଲବ, ପୋଲିସ ଟିମ, ଫାୟାର ଟିମ ଓ କିଚକେଶ୍ୱରୀ ଭଲିବଲ ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜାଦ କ୍ଲବ ୨–୧ ସେଟରେ ପୋଲିସ ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ, ଆରଆଇ ପୋଲିସ ଆଲୋକ କୁମାର କାନୁନ୍‌ଗୋ, ସରଜେଣ୍ଟ ଗୌତମ ପ୍ରଧାନ, ଫାୟାର ଅଫିସର ଗଜେନ୍ଦ୍ର ସିଂହ, କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଓ ରନରଅପ ଦଳ ସହ ଶ୍ରେଷ୍ଠ ଖେଳାଳି ଭାବେ ସତ୍ୟଜିତ ବାରିକ, ଦେବୀପ୍ରସାଦ ବେହେରା ଓ ଗୁଲ୍ଲୁଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜାତୀୟ ରେଫେରୀ ରାଜେଶ କୁମାର ଦାସ, ହରିହର ମଲ୍ଲିକ, ଦୀପକ କୁମାର ମୁଣ୍ଡା, ଦୀପକ ବେହେରା, ଚନ୍ଦ୍ରମୋହନ ଦଳେଇ, ସ୍ନେହାଶିଷ ଓ ପିନାକୀ ମହାନ୍ତି ଖେଳ ପରିଚାଳନା କରିଥିଲେ। ରାଜେନ୍ଦ୍ର ନାଥ ନାଏକ ସ୍କୋରିଂରେ ସହଯୋଗ କରିଥିବା ବେଳେ ଗଦାଧର ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ଏନ୍‌ଆଇଏସ୍ କୋଚ୍ ମନୋରଞ୍ଜନ ଜୀଉ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଶ୍ରମିକ ସଙ୍ଗଠନର ବିକ୍ଷୋଭ

## ଶ୍ରମିକ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋଡ୍ ବାତିଲ ଦାବି

ବାରିପଦା,୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ରର ଭାଜପା ସରକାର ୪ଟି ଶ୍ରମ କୋଡ୍‌କୁ କାର୍ଯ୍ୟକାରୀ କରିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରମିକ ଶ୍ରେଣୀର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ରଦ୍ଦ ଦାବିରେ ଦେଶବ୍ୟାପୀ କଳା ଦିବସ ପାଳନ ଲାଗି ଗୁରୁବାର ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୟୂରଭଞ୍ଜ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁର ଜିଲା ସଭାପତି ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦେଶ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଲଗାତାର ଭାବରେ ଦେଶର ଶ୍ରମଶକ୍ତିକୁ କର୍ପୋରେଟ ସଂସ୍ଥାମାନଙ୍କ ସ୍ୱାର୍ଥରେ ବିନିଯୋଗ କରିବାକୁ ପଛାଉନାହାନ୍ତି। ସମସ୍ତ ପ୍ରକାରର ଆନ୍ଦୋଳନକୁ ଭୃକ୍ଷେପ ନ କରି ଏବଂ ଦେଶର ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସହ ଆଲୋଚନା ନ କରି ୪୪ଟି ଶ୍ରମ ଆଇନକୁ ଭାଙ୍ଗି ୪ଟି ଘୃଣ୍ୟ ଶ୍ରମ କୋର୍ଡକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଛନ୍ତି।

ଏଥିରେ ଏଆଇଟିୟୁସିର ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, କାହ୍ନୁଚରଣ ବେହେରା, ବଳରାମ ମହାନ୍ତ, ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ ସଭାପତି ରଘୁନାଥ ପଣ୍ଡା, ଅଜିତ୍ କୁମାର ବେହେରା, ଲକ୍ଷ୍ମୀନାରାୟଣ ପରିଡ଼ା, ଏଆଇୟୁଟିୟୁସି ପକ୍ଷରୁ ସାଥୀ ପୀତାମ୍ବର ନାଏକ ବକ୍ତବ୍ୟ ଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଶାଖୀ ମହାନ୍ତ, ମନୋରଞ୍ଜନ ପରିଡ଼ା, ସୁରିଆ ମହାନ୍ତ, ଅଶୋକ ଭଞ୍ଜଦେଓ, ସୁବାସ ଚନ୍ଦ୍ର ତ୍ରିପାଠୀ, ଶାନ୍ତ ମହାନ୍ତ, ଗଙ୍ଗାଧର ସାମଲ, ଦାଶରଥି ରାଉତ, ଅଜିତ୍ ବେହେରା, କବିତା ରାଣୀ ଦାସ, ବିଶ୍ୱନାଥ ସିଂ, ରଞ୍ଜିତ ମୁଦୁଲି, ସେକ ରିଜୁଆନ, କ୍ଷିତିଶ ସାସମଲ, ବୁଧାନ ମୁର୍ମୁ, କୁନା ସିଂ, ମୁକେଶ ମହାନ୍ତ, ଜିତରାୟ ସିଂ, ଅରୁଣ ମହାନ୍ତ, ଗୀତା ମହାନ୍ତ, ମହେଶ୍ୱର ବେହେରା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।




ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଭୁଲ୍ ସର୍ଭେ ରିପୋର୍ଟକୁ ନେଇ ଏନ୍‌ଜିଟିରେ ମାମଲା

## ୧୩କୁ ଘୁଞ୍ଚିଲା ପରବର୍ତ୍ତୀ ଶୁଣାଣି

ବାରିପଦା,୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବାଲି ଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ସର୍ଭେ ରିପୋର୍ଟ(ଡିଏସ୍‌ଆର୍)କୁ ବେଆଇନ ଦର୍ଶାଇ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ହୋଇଛି। ଜଷ୍ଟିସ ଅରୁଣ ତ୍ୟାଗି ଓ ଜୁଡିସିଆଲ ଏକ୍ସପର୍ଟ ମେମ୍ବର ଇଶ୍ୱର ସିଂଙ୍କ ଖଣ୍ଡପୀଠ ଶୁଣାଣି କରି ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମୟୂରଭଞ୍ଜ ଜିଲାପାଳ, ବଡ଼ସାହି ତହସିଲଦାର, ବାରିପଦା ସର୍କଲର ଖଣି ଉପ ନିର୍ଦ୍ଦେଶକ, ଏସ୍‌ଇଆଇଏଏ୍‌ର ସଦସ୍ୟ ସଚିବ, ରାଜ୍ୟ ପରିବେଶ ନିୟନ୍ତ୍ରଣ ମନ୍ତ୍ରଣାଳୟର ସଦସ୍ୟ ସଚିବ ଓ ଲିଜ୍‌ଧାରୀ ଦୀନେଶ ଅଗ୍ରୱାଲଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ମେ ୧୩ରେ ହେବ ବୋଲି ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପ୍ରକାଶ କରିଛନ୍ତି।

ବାରିପଦାର ବିଶିଷ୍ଟ ପରିବେଶବିତ୍ ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକଙ୍କ ଅଭିଯୋଗକୁ ଭିତ୍ତିକରି ୪୬/୨୨ ଇଜେଡରେ ଏକ ମାମଲା ରୁଜୁ ହୋଇଥିଲା। ଲଘୁ ଖଣିଜ ଦ୍ରବ୍ୟର ପରିଚାଳନା ପାଇଁ ୨୦୧୯ରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଅନ୍ତରିଣ ରିପୋର୍ଟ ତଥା ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରକାର କ୍ଷେତ୍ର ପରିଦର୍ଶନ କରାଯାଇ ନାହିଁ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ବଡ଼ସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ବାଲି ଘାଟ ନିଲାମ ପାଇଁ ବାହାରିଥିବା ୪ଟି ବାଲି ସଇରାତକୁ ୫ହେକ୍ଟର କମ୍ କରିଦିଆଯାଇଛି । ଯାହାକି ଡିଏସ୍‌ଆର୍‌ରେ ତାହା ୫ହେକ୍ଟରରୁ ଅଧିକ ରହିଛି । ପ୍ରସ୍ତାବିତ ବାଲି ଘାଟ ମଧ୍ୟରୁ ବେଲପାଳ ସଇରାତ ନିକଟରେ ପୋଲ ଥିଲା ବେଳେ ତାହାକୁ ଅଣଦେଖା କରାଯାଇଛି। ଏହି ବିଷୟକୁ ଅନୁଧ୍ୟାନ ନ କରି ରିପୋର୍ଟକୁ ବେପରୁଆ ଭାବେ ପ୍ରସ୍ତୁତ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହା ବ୍ୟତୀତ ପ୍ରସ୍ତୁତ ରିପୋର୍ଟରେ ସହନଶୀଳ ବାଲି ଖନନ ମାର୍ଗଦର୍ଶିକା ୨୦୧୬ ଏବଂ ୨୦୨୦ର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ସଂଶୋଧିତ ଜିଲା ସର୍ଭେ ରିପୋର୍ଟ ମୟୂରଭଞ୍ଜ ଜିଲାପାଳ ଉପସ୍ଥାପନା କରିଥିଲେ ହେଁ ଏହାକୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ(ଏସ୍‌ଇଆଇଏଏ) ପକ୍ଷରୁ ଅନୁମୋଦନ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଅନ୍ୟ ଏକ ନୂଆ ସର୍ଭେ ରିପୋର୍ଟ ଏସ୍‌ଇଆଇଏଏ କମିଟି ପାଖରେ ଦାଖଲ କରାଯାଇଥିଲା। କମିଟି ଉକ୍ତ ରିପୋର୍ଟକୁ ସମୀକ୍ଷା କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହି ଉକ୍ତିକୁ ଆଧାର କରି ଖଣ୍ଡପୀଠ ଜିଲା ସର୍ଭେ ରିପୋର୍ଟକୁ ନେଇ ସୁପ୍ରିମକୋର୍ଟଙ୍କ ଆଦେଶନାମା ଓ ବାଲେଶ୍ୱର ଜିଲା ସର୍ଭେ ରିପୋର୍ଟ ମାମଲାରେ ଥିବା ଆଦେଶନାମାକୁ ବିଚାର କରି ମୟୂରଭଞ୍ଜ ଜିଲା ସର୍ଭେ ରିପୋର୍ଟର ପ୍ରାମାଣିକତାକୁ ସମୀକ୍ଷା କରିବା ପାଇଁ ଏସ୍‌ଇଆଇଏଏକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଜିଲାପାଳଙ୍କ ସତ୍ୟପାଠକୁ ଆଧାର କରି ଆଗତ ହୋଇଥିବା ୪ଟି ବାଲି ସଇରାତର ଟେଣ୍ଡରକୁ ଏସ୍‌ଇଆଇଏଏ କମିଟିର ଚୂଡ଼ାନ୍ତ ଆଦେଶ ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଯାହାକୁ ନେଇ ମାମଲାର ଶୁଣାଣି ପରିବେଶ ମଞ୍ଜୁରୀକୁ ବାତିଲ କରିବାକୁ ଆଇନଜୀବୀ ପାଣି ଯୁକ୍ତି ଦର୍ଶାଇଛନ୍ତି। ଏପରିକି ସଇରାତର ପୁନଃ ଭରଣା, ସାମଗ୍ରିକ ପ୍ରଭାବ, ତହସିଲଦାରଙ୍କ ପକ୍ଷରୁ ଦିଆଯାଇଥିବା ପରିବେଶ ମଞ୍ଜୁରୀଟି ପରିବେଶ ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ ବୋଲି ଆଇନଜୀବୀ ପାଣି ତାଙ୍କ ଯୁକ୍ତିରେ ଦର୍ଶାଇଛନ୍ତି।



ଠିକ୍ ନିଷ୍ପତ୍ତି ନେବା ବିଷୟକୁ ମୁଁ ବିଶ୍ୱାସ କରେ ନାହିଁ, ବରଂ ନିଷ୍ପତ୍ତି ନେବା ପରେ ଏହାକୁ ଠିକ୍ କରିବାକୁ ଉଦ୍ୟମ କରେ ।
– ରତନ୍ ଟାଟା





ବିଏସ୍ଇ ସେନ୍‌ସେକ୍ସ
୭୩,୩୧୯(+୧୮୬)



୧ ଡଲାର = ୯୨.୯୭ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୭.୬ ଡଲାର

# ‘ବାଏ ବ୍ୟାକ୍ ଶେୟାର’ ବ୍ୟବସ୍ଥା ଲାଗୁ କରିପାରେ ସେବି



**ମୁମ୍ବାଇ, ୨।୪**

ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ପୁଣିଥରେ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରିବ ବୋଲି ସୂଚନା ମିଳିଛି। ଏଥିପାଇଁ ଗୁରୁବାର ପ୍ରସ୍ତାବ ଦିଆଯିବା ସହ ସାମ୍ପ୍ରତିକ ସ୍ଥିତିରେ ଏହି ବ୍ୟବସ୍ଥାର ବିଭିନ୍ନ ଦିଗକୁ ତର୍ଜମା କରାଯାଉଛି। ବାଏ ବ୍ୟାକ୍ ବ୍ୟବସ୍ଥାରେ ସାଧାରଣତଃ ଷ୍ଟକ୍ ଏକ୍ସଚେଞ୍ଜ ମାଧ୍ୟମରେ ଯେକୌଣସି କମ୍ପାନୀ ଖୋଲା ବଜାରରୁ ନିଜର ବଳକା ଶେୟାର କିଣିବାକୁ ସୁଯୋଗ ମିଳିଥାଏ। ସାମ୍ପ୍ରତିକ ଟିକସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହାର ପୁନଃ ପ୍ରଚଳନ ପାଇଁ ସେବି ପ୍ରସ୍ତାବ ଦେଇଛି। ପୂର୍ବରୁ ଟିକସ ବ୍ୟବସ୍ଥାକୁ ନେଇ ୨୦୨୫, ଏପ୍ରିଲ ୧ରେ ଏହାକୁ ବନ୍ଦ କରିଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିବାରୁ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରାଗଲେ କମ୍ପାନୀଙ୍କୁ ସୁବିଧା ମିଳିପାରିବ ବୋଲି ସେବି କହିଛି।

## ସୁଧୁରୁଛି ଶେୟାର ବଜାର

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅସ୍ଥିର ରହିଆସିଥିବା ଭାରତୀୟ ଶେୟାର ବଜାରରେ ଗୁରୁବାର ସାମାନ୍ୟ ସୁଧାର ପରିଲକ୍ଷିତ ହୋଇଛି। କାରବାର ଆରମ୍ଭ ହେବା ମାତ୍ରେ ଏସୀୟ ବଜାର ପ୍ରଭାବରେ ମଧ୍ୟାହ୍ନ ସୁଦ୍ଧା ବିଏସ୍ଇ ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ଦ୍ରୁତ ଅବନତି ଘଟିଥିଲେ ହେଁ ପରବର୍ତ୍ତୀ ସମୟରେ ସ୍ଥିତିରେ ସୁଧାର ଆସିଛି। ବୁଧବାର କାରବାର ତୁଳନାରେ ସେନ୍‌ସେକ୍ସରେ ୧୮୬ ପଏଣ୍ଟ ବୃଦ୍ଧି ଘଟିବା ସହ କାରବାର ଶେଷବେଳକୁ ଏହା ୭୩,୩୧୯ରେ ବନ୍ଦ ରହିଛି। ସେହିପରି ନିଫ୍ଟି ୩୩ ପଏଣ୍ଟ ବୃଦ୍ଧିରେ ଏହା ୨୨,୭୧୩ ପଏଣ୍ଟରେ ବନ୍ଦ ରହିଛି। ଗୁରୁବାର କାରବାରରେ ଆଇଟି କ୍ଷେତ୍ରର ଶେୟାର ଭଲ ପ୍ରଦର୍ଶନ କରିଛି। ଆସନ୍ତାକାଲି ଗୁଡ୍ ଫ୍ରାଇଡେ ଯୋଗୁ ଷ୍ଟକ୍ ମାର୍କେଟ ବନ୍ଦ ରହୁଥିବାରୁ ମଧ୍ୟାହ୍ନ ପରେ ବିଭିନ୍ନ କ୍ଷେତ୍ରର କାରବାର ପୂର୍ବ ତୁଳନାରେ ଉନ୍ନତ ରହିଥିବା କୁହାଯାଇଛି।

# ସଚେତନତା ହିଁ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ



ଦୁର୍ଗା ପ୍ରିୟଦର୍ଶିନୀ

**‘ଗୋମାୟା ପେଣ୍ଟ୍‌ସ’ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରିୟଦର୍ଶିନୀ ତାଙ୍କ ବ୍ୟବସାୟିକ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜଣେ ଗୃହିଣୀ ଭାବେ ସମାଜ ଓ ପରିବେଶ ପାଇଁ କିଛି କରିବାର ସ୍ୱପ୍ନ ଦେଖୁଥିଲେ। ୨୦୨୦ ମସିହାରେ ଡେଏରୀ ଫାର୍ମିଂ ବିଷୟରେ ଅନୁସନ୍ଧାନରୁ ଜାଣିପାରିଥିଲେ ଯେ ବଜାରରେ କ୍ଷୀରର ମୂଲ୍ୟ ଥିବାବେଳେ ଗୋବରକୁ ପ୍ରାୟତଃ ଅବହେଳା କରାଯାଉଛି, ଯଦିଓ ଏହାକୁ ନେଇ ଅନେକ ସମ୍ଭାବନା ରହିଛି। ସେହି ଚିନ୍ତାଧାରା ତାଙ୍କ ଜୀବନ ବଦଳାଇଦେଲା। ସେ ସ୍ଥିର କରିଥିଲେ ଯେ, ଲୋକେ ଯାହାକୁ ଆବର୍ଜନା ବୋଲି ବିବେଚନା କରନ୍ତି, ତାହାକୁ ଏକ ମୂଲ୍ୟବାନ୍ ପରିବେଶ ଅନୁକୂଳ ଉତ୍ପାଦରେ ରୂପାନ୍ତରିତ କରିବେ। ଏଥିପାଇଁ ସେ ଗୋମାୟା ପେଣ୍ଟ୍‌ସ ପ୍ରତିଷ୍ଠା କରିଥିଲେ। ଏହା କେବଳ ଏକ ରଙ୍ଗ କମ୍ପାନୀ ନୁହେଁ, ଏହା କୃଷକଙ୍କୁ ସମର୍ଥନ କରିବା, ପରିବେଶକୁ ସୁରକ୍ଷିତ ରଖିବାର ଏକ ମିଶନ। ଦୁର୍ଗାଙ୍କ ବ୍ୟବସାୟିକ ଯାତ୍ରା ସମ୍ପର୍କରେ ତାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର– ପରିବେଶ ଅନୁକୂଳ ଗୋବର ପେଣ୍ଟ ତିଆରି କରିବାର ଚିନ୍ତାଧାରା ଆପଣଙ୍କୁ କେଉଁଠାରୁ ମିଳିଲା ଏବଂ ଏହି ଧାରଣା କିପରି ଏକ ବ୍ୟବସାୟର ରୂପ ନେଲା?**

ଉ– ଡେଏରୀ ଟ୍ରେନିଂ ସମୟରେ ମୁଁ ଦେଖିଲି ଯେ ବୟସ୍କ ଗାଈମାନେ କ୍ଷୀର ନ ଦେବା ଫଳରେ ଚାଷୀମାନଙ୍କ ରୋଜଗାର ପ୍ରଭାବିତ ହେଉଛି। ଗୋବର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲେ ମଧ୍ୟ ଏହାର କୌଣସି ବାଣିଜ୍ୟିକ ମୂଲ୍ୟ ପ୍ରାୟ ନ ଥିଲା। ଏହି ବର୍ଜ୍ୟକୁ ଏକ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦରେ କିପରି ପରିଣତ କରାଯାଇପାରିବ, ସେ ନେଇ ମନରେ ପ୍ରଶ୍ନ ଉଠିଥିଲା। ଚାଷୀ ଏବଂ ପରିବେଶ ଉଭୟକୁ ଲାଭଦାୟକ କରିବା ଉଦ୍ଦେଶ୍ୟରେ ଗୋବରର ପାରମ୍ପରିକ ବ୍ୟବହାର ଏବଂ ଆଧୁନିକ ପେଣ୍ଟ କେମିଷ୍ଟ୍ରି ଉପରେ ଗବେଷଣା କରି ଏକ ପରିବେଶ–ଅନୁକୂଳ ରଙ୍ଗ ବିକଶିତ କରିଥିଲୁ। ଏନେଇ ଅନେକ ପରୀକ୍ଷା, ବିଫଳତା ଏବଂ ସଂସ୍କାର ପରେ ଆମେ ସଫଳତା ପାଇଥିଲୁ। ଗୋମୟ ପେଣ୍ଟ୍‌ସ କେବଳ ରଙ୍ଗ ଉତ୍ପାଦନ କରେ ନାହିଁ, ବରଂ ଚାଷୀମାନଙ୍କଠାରୁ ଗୋବର କିଣି ଏକ ଗ୍ରାମୀଣ ଅର୍ଥନୈତିକ ଇକୋସିଷ୍ଟମ ମଧ୍ୟ ନିର୍ମାଣ କରିଛି, ଯାହାକି ସେମାନଙ୍କୁ ଅତିରିକ୍ତ ଆୟ ପ୍ରଦାନ କରୁଛି।

**ପ୍ର– ଗୋମୟ ପେଣ୍ଟ୍‌ସ ଅନ୍ୟ ସାଧାରଣ ଏବଂ ପରିବେଶ ଅନୁକୂଳ ପେଣ୍ଟ ବ୍ରାଣ୍ଡଠାରୁ କିପରି ଅଲଗା? ୧୫ ବର୍ଷ ପର୍ଯ୍ୟନ୍ତ ରହୁଥିବା ଏହି ଉତ୍ପାଦ ପାଇଁ କିପରି ଗବେଷଣା କରାଯାଇଛି?**

ଉ– ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ପ୍ରଯୁକ୍ତିର ମିଶ୍ରଣ ହେଉଛି ଆମର ସବୁଠାରୁ ବଡ଼ ଶକ୍ତି। ଗୋବରର ପ୍ରାକୃତିକ ଆଣ୍ଟି–ବ୍ୟାକ୍ଟେରିଆଲ ଏବଂ ଆଣ୍ଟି–ଫଙ୍ଗାଲ ଗୁଣ ବ୍ୟବହାର କରି କମ୍-



ଭିଓସି (ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ୍‌ସ) ଏବଂ ବିଷାକ୍ତ ଦ୍ରବ୍ୟମୁକ୍ତ ଫର୍ମୁଲେଶନ ପ୍ରସ୍ତୁତ କରିଛୁ। ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ହୋଇଥିବାରୁ ୧୫ ବର୍ଷ ପର୍ଯ୍ୟନ୍ତ ସ୍ଥାୟିତ୍ୱ ପ୍ରଦାନ କରେ। ଆମର ଗବେଷଣା ଓ ବିକାଶ କାର୍ଯ୍ୟରେ ବହୁତ ସମୟ ଲାଗିଥିଲା। ଆମେ ଏହାର ସ୍ଥିରତା, ମଜଭୁତ ଶକ୍ତି, ପାଣିପାଗ ପ୍ରତିରୋଧକ ଶକ୍ତି ଏବଂ ଜୀବାଣୁ ପ୍ରତିରୋଧ ଉପରେ କାମ କରିଥିଲୁ। ଏନେଇ ଅନେକଥର ବିଫଳ ହୋଇଥିଲୁ। ଲାବ୍ ଟେଷ୍ଟିଂ ଏବଂ ଫିଲ୍ଡ ଫିଡ୍‌ବ୍ୟାକ୍ ମାଧ୍ୟମରେ ଏହାକୁ ଆମେ କ୍ରମାଗତ ଭାବେ ଉନ୍ନତ କରିଛୁ।

**ପ୍ର– ସହରାଞ୍ଚଳ ବଜାରରେ ଗୋବର ଆଧାରିତ ରଙ୍ଗ ବିଷୟରେ ଗ୍ରାହକଙ୍କ ଆଶଙ୍କାକୁ କିପରି ଦୂର କରନ୍ତି?**

ଉ– ପ୍ରାରମ୍ଭରେ ଅନେକ ଗ୍ରାହକ ଗୋବର ରଙ୍ଗ ବିଷୟରେ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ଏହାର ଉତ୍କୃଷ୍ଟତା ଦେଖି ଧାରଣା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆମେ ପ୍ରତ୍ୟକ୍ଷ ପ୍ରଦର୍ଶନ, ସାମ୍ପଲ ବ୍ୟବହାର, ପ୍ରକ୍ରିୟାକରଣ ପ୍ରଯୁକ୍ତିର ବୈଜ୍ଞାନିକ ବ୍ୟାଖ୍ୟା, ଗ୍ରାହକ ପ୍ରଶଂସାପତ୍ର ଏବଂ ପ୍ରକୃତ ପ୍ରୋଜେକ୍ଟର ଉଦାହରଣ ମାଧ୍ୟମରେ ସନ୍ଦେହ ଦୂର କରୁ। କଞ୍ଚାମାଲ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ ହୋଇଛି ଏବଂ ସ୍ୱାସ୍ଥ୍ୟକର ବୋଲି ବୁଝିବା ପରେ ଗ୍ରାହକଙ୍କର ଆଶଙ୍କା ଦୂର ହୋଇଯାଏ। ବାସ୍ତବରେ ଶିଶୁ, ବୟସ୍କ ଲୋକ ଏବଂ ପରିବେଶ ପାଇଁ ସୁରକ୍ଷିତ ହୋଇଥିବାରୁ ସହରାଞ୍ଚଳ ଗ୍ରାହକ ଏହାକୁ ବେଶି ପସନ୍ଦ କରୁଛନ୍ତି। ସଚେତନତା ହିଁ ଲୋକଙ୍କ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ।

**ପ୍ର– ଗୋମୟ ପେଣ୍ଟ୍‌ସର ଜାତୀୟ ସ୍ତରରେ ସମ୍ପ୍ରସାରଣ, ରପ୍ତାନି କିମ୍ବା ଉତ୍ପାଦ ବିବିଧତା ଭଳି କିଛି ଯୋଜନା ରହିଛି କି?**

ଉ– ସାରା ଭାରତରେ ବ୍ୟବସାୟ ସମ୍ପ୍ରସାରଣ ସହ ରପ୍ତାନି ବଜାରରେ ପ୍ରବେଶ କରିବା, ଅଧିକ ସ୍ଥାୟୀ ନିର୍ମାଣ ସାମଗ୍ରୀ ବିକାଶ କରିବା ଯୋଜନା ରହିଛି। ଆମର ଗବେଷଣା ଏବଂ ବିକାଶ କ୍ଷମତାକୁ ସୁଦୃଢ଼ କରିବା ମଧ୍ୟ ଲକ୍ଷ୍ୟ ରଖିଛୁ। ଆମେ ଚାହୁଁ ଗୋମୟ ପେଣ୍ଟ୍‌ସ ଏକ ପ୍ରତୀକ ହେଉ ଯେ, କିପରି ଗ୍ରାମୀଣ ନୂତନତ୍ୱ ଜାତୀୟ ସ୍ତରରେ ପ୍ରଭାବ ପକାଇପାରେ।

**ପ୍ର– ଯୁବୋଦ୍ୟୋଗୀଙ୍କୁ ଏହି କ୍ଷେତ୍ରରେ କ’ଣ ପରାମର୍ଶ ଦେବେ?**

ଉ– ଯୁବୋଦ୍ୟୋଗୀମାନଙ୍କୁ କହିବି ଯେ, କେବଳ ଲାଭ ଉପରେ ଧ୍ୟାନ ଦେଇ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ କାର୍ଯ୍ୟ ଆରମ୍ଭ କରନ୍ତୁ। ବିଫଳତାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ। ନିରନ୍ତର ଶିଖିବା ଜାରି ରଖିବା, ପ୍ରକୃତ ସମସ୍ୟା ସମାଧାନ ଉପରେ ଧ୍ୟାନ ଦେବା ଏବଂ ଏକ ଦୃଢ଼ ସମର୍ଥନ ଦଳ ଗଠନ କରିବା ଉଚିତ। ପ୍ରତିକୂଳ ପରିସ୍ଥିତିରେ ଆଦୌ ହାର୍ ମାନିବା ଉଚିତ ନୁହେଁ। ସଫଳତା ରାତାରାତି ଆସିବ ନାହିଁ– ଏହା ସ୍ଥିରତା, ଧୈର୍ଯ୍ୟ ଏବଂ ଆପଣଙ୍କ ଦୃଷ୍ଟିକୋଣ ପ୍ରତି ଗଭୀର ବିଶ୍ୱାସରୁ ଆସିଥାଏ।

# ଡଲାର–ଟଙ୍କା ବିନିମୟ ମୂଲ୍ୟରେ ସର୍ବାଧିକ ଉନ୍ନତି

## ୧୨ ବର୍ଷରେ ପ୍ରଥମ



**ନୂଆଦିଲ୍ଲୀ , ୨।୪**

ବିଭିନ୍ନ କାରଣକୁ ନେଇ ଭାରତୀୟ ଶେୟାର ବଜାର ଗତବର୍ଷଠାରୁ ଅସ୍ଥିର ରହିଆସିବା ସହ ଚଳିତ ବର୍ଷ ପ୍ରାରମ୍ଭରେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆହୁରି ପ୍ରଭାବିତ ରହିଛି। ବିଶେଷକରି ବିଦେଶୀ ନିବେଶକଙ୍କ ଦ୍ୱାରା ବିପୁଳ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଶେୟାର ବଜାର ସ୍ଥିତି ଦୁର୍ବଳ ହୋଇଛି। ସେପଟେ ଯୁଦ୍ଧ ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଦ୍ୱାରା ଆମଦାନୀ କ୍ଷେତ୍ର ପ୍ରଭାବିତ ହେବା ସହ ଆମେରିକୀୟ ଡଲାର ଏବଂ ଭାରତୀୟ ଟଙ୍କା ବିନିମୟ ସ୍ଥିତି ମଧ୍ୟ ପ୍ରଭାବିତ ହୋଇଛି। ଏହାଦ୍ୱାରା ଗତ କିଛିଦିନ ହେଲା ଡଲାର ତୁଳନାରେ ଟଙ୍କା ମୂଲ୍ୟ ଲଗାତର ଅବମୂଲ୍ୟାୟନ ସହ ଏହାର ସର୍ବାଧିକ ମୂଲ୍ୟ ହ୍ରାସ ଘଟିଛି। ତେବେ ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଯେଉଁଳି ଉନ୍ନତି ଦେଖାଯାଇଛି ତାହା ୧୨ ବର୍ଷ ମଧ୍ୟରେ ସର୍ବାଧିକ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ପାଇବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ବଜାରରେ ଡଲାର ବିତରକଙ୍କ ଉପରେ ନିୟନ୍ତ୍ରଣ ପରେ ଟଙ୍କା ମୂଲ୍ୟରେ ଉନ୍ନତି ଘଟିଥିବା କୁହାଯାଇଛି। ଗତ ୨ ଦିନ ଶେୟାର ବଜାର ବନ୍ଦ ରହିଥିଲାବେଳେ ଗୁରୁବାର କାରବାର ଆରମ୍ଭ ହୋଇଥିଲା। ଏହାପରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୧.୮ ପ୍ରତିଶତ ବୃଦ୍ଧି ଘଟିବା ସହ ୧ ଡଲାର ମୂଲ୍ୟ ୯୩.୧୪୧୩ ରହିଛି ; ଯାହାକି ୨୦୧୩ ପରେ ପ୍ରଥମଥର ପାଇଁ ମୂଲ୍ୟାୟନ ବୃଦ୍ଧି ବୋଲି କୁହାଯାଇଛି। ଇରାନ୍–ଆମେରିକା ଯୁଦ୍ଧକୁ ନେଇ ଏବେ ବି ଉତ୍ତେଜନା ଲାଗି ରହିବା ସହ ମଧ୍ୟପ୍ରାଚ୍ୟ ସ୍ଥିତି ଅଶାନ୍ତ ରହିଛି। ଏହାକୁ ନେଇ ପାକିସ୍ତାନ ଟଙ୍କା ଏବଂ ଅନ୍ୟାନ୍ୟ ଆଞ୍ଚଳିକ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ହ୍ରାସ ପାଇଥିଲେ ହେଁ ଭାରତୀୟ ଟଙ୍କା ମୂଲ୍ୟରେ ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୨୮ରେ ଇରାନ୍ ଉପରେ ଆକ୍ରମଣ ହେବା ପରେ ଅନ୍ତର୍ଜାତୀୟ ତୈଳ ବଜାର ପ୍ରଭାବିତ ହେବା ସହ ବୈଶ୍ୱିକ ନିବେଶ କ୍ଷେତ୍ର ମଧ୍ୟ ପ୍ରଭାବିତ ହେବା ଆରମ୍ଭ ହୋଇଥିଲା। ଏହାପରଠୁ ଡଲାର ତୁଳନାରେ ଟଙ୍କା ମୂଲ୍ୟର କ୍ରମାଗତ ଅବମୂଲ୍ୟାୟନ ଘଟିଚାଲିଥିଲା। ଗତ ୨ ମାସ ମଧ୍ୟରେ ଡଲାର–ଟଙ୍କା ବିନିମୟ ମୂଲ୍ୟରେ ଅନ୍ୟୂନ ୪ ପ୍ରତିଶତ ହ୍ରାସ ଘଟିବା ସହ ୧ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ୯୪ ଅତିକ୍ରମ କରିଥିଲା।

## ଅପରିବର୍ତ୍ତିତ ରହିପାରେ ରେପୋ ହାର

**ମୁମ୍ବାଇ, ୨।୪**

ସାମ୍ପ୍ରତିକ ପୁଞ୍ଜିବଜାର ସ୍ଥିତି ଏବଂ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାର(ବ୍ୟାଙ୍କ ସୁଧ) ଅପରିବର୍ତ୍ତିତ ରଖିପାରନ୍ତି ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ସ୍ୱାଭାବିକ ହୋଇନାହିଁ। ଏହାବ୍ୟତୀତ ଘରୋଇ ସ୍ତରରେ ମୁଦ୍ରାସ୍ଫୀତିକୁ ନେଇ ମଧ୍ୟ ଚିନ୍ତା ରହିଛି। ତେଣୁ ଡଲାର ଉପରେ ନିୟନ୍ତ୍ରଣ ରଖିବା ସହ ଦେଶର ପୁଞ୍ଜିବଜାର ଧାରାରେ ଅବନତି ନ ଆଣିବାକୁ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ରେପୋ ହାର ଅପରିବର୍ତ୍ତିତ ରଖିବେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

# ଏନ୍‌ଏମ୍‌ଡିସି ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଅନୁରାଗ କପିଲ



ଅନୁରାଗ କପିଲ

**ହାଇଦ୍ରାବାଦ, ୨।୪**

୧୯୯୮ ବ୍ୟାଚ୍‌ର ଆଇଆର୍‌ଏଏସ୍ ଅଧିକାରୀ ଅନୁରାଗ କପିଲ ଜାତୀୟ ଖଣିଜ ବିକାଶ ନିଗମ(ଏନ୍‌ଏମ୍‌ଡିସି)ର ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରେଳବାଇ ସମେତ ବହୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଗତ ୨୬ ବର୍ଷ ଧରି କାର୍ଯ୍ୟକରି ଅନୁରାଗ ବିତ୍ତୀୟ ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ର ପରିଚାଳନା ଦିଗରେ ଦୃଢ଼ ଅଭିଜ୍ଞତା ହାସଲ କରିଛନ୍ତି। ସେ ରେଳବାଇ ବିଭାଗରେ ବରିଷ୍ଠ ଡିଭିଜନାଲ ଫାଇନାନ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରିବା ସହ ଏଫ୍‌ଏ ଆଣ୍ଡ ସିଏଓ(ଟ୍ରାଫିକ୍), ଏଫ୍‌ଏ ଆଣ୍ଡ ସିଏଓ( ଫାଇନାନ୍ସ ଓ ଜେନେରାଲ) ସମେତ ଡେପୁଟି ଚିଫ୍ ଭିଜିଲାନ୍ସ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏନ୍‌ଏମ୍‌ଡିସିରେ ଯୋଗଦେବା ପୂର୍ବରୁ ସେ ରେଳବୋର୍ଡରେ ଫାଇନାନ୍ସ (ବ୍ୟୟ) ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ।

# ଚାନ୍ଦି ଭଣ୍ଡାରର ଅକ୍ଷୟତୃତୀୟା ଅଫର ଘୋଷଣା



**ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)**

ରୁପା ଅଳଙ୍କାର ଓ କଳାକୃତି ପାଇଁ ପ୍ରସିଦ୍ଧ ଚାନ୍ଦି ଭଣ୍ଡାର ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି। ଗୁରୁବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ତଥା ପ୍ରତିଷ୍ଠାତା ଲିପ୍‌ସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ହଂସ ବିସ୍ତୃତ ସୂଚନା ଦେଇଛନ୍ତି। ଲିପ୍‌ସା କହିଛନ୍ତି, ଓଡ଼ିଆଙ୍କ ପର୍ବ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରୁପା ଗହଣା ଓ କଳାକୃତି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ଏହି ଅଫର ଏପ୍ରିଲ୍ ୧୯ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଚାନ୍ଦି ଭଣ୍ଡାରର ବ୍ୟବସାୟ ସମ୍ପ୍ରସାରଣ ନେଇ ଲିପ୍‌ସା କହିଛନ୍ତି, ଜାତୀୟ ବ୍ରାଣ୍ଡ ଭାବେ ଯାତ୍ରା ଆରମ୍ଭ କରିଥିବା ଚାନ୍ଦି ଭଣ୍ଡାର ରାଜ୍ୟ ବାହାରେ ରାୟପୁରରେ ୨ଟି ଷ୍ଟୋର ଖୋଲିଛି। ଅନ୍ୟପଟେ ରାଜ୍ୟର ବରଗଡ଼ରେ ୨୮ତମ ଷ୍ଟୋର ଖୋଲିବାକୁ ଯାଉଛି। ଗହଣା କଲେକ୍ସନ ସମ୍ପର୍କ ସୂଚନା ଦେଇ ମାଣିକ୍ କହିଛନ୍ତି, ମହିଳାମାନଙ୍କ ପାଇଁ ଜିରଖନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ ଏବଂ ପାଉଁଜି ଆଦି ରହିଛି । ପୁରୁଷଙ୍କ ପାଇଁ ଆମୋଘ କଲେକ୍ସନ ଏବଂ ଶିଶୁମାନଙ୍କ ପାଇଁ ପ୍ରିମିୟମ କିଡସ୍ କଲେକ୍ସନ ରହିଛି। ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ୱାଇନ୍ ଗ୍ଲାସ୍,ବୋତଲ, ଚା’ ସେଟ୍ ଓ ଉଡେନ୍ ସିଲ୍‌ଭର ୱାର୍କ ଟ୍ରେ ସହ ବହୁ କିଛି ରହିଛି।

# ଓଡ଼ିଶାରେ ପ୍ରଥମ ପେଡିଆଟ୍ରିକ୍ କ୍ରିଟିକାଲ କେୟାର ସିଏମ୍ଇ ଆୟୋଜିତ

**ଭୁବନେଶ୍ୱର,୨।୪**

ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଥମ ‘ପେଡିଆଟ୍ରିକ୍ କ୍ରିଟିକାଲ କେୟାର କଣ୍ଟିନୁଇଂ ମେଡିକାଲ ଏଜୁକେଶନ (ସିଏମ୍ଇ)’ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଓଡ଼ିଶା ଶାଖା ଓ ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ଚାପ୍ଟର ପକ୍ଷରୁ ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍‌ଡ୍ରେନ ସହଭାଗିତାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ, ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ରାଜ୍ୟର ବିଭିନ୍ନ ଭାଗର ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ସହଯୋଗୀଙ୍କ ସମେତ ୧୦୦ରୁ ଅଧିକ ଡାକ୍ତର ଯୋଗ ଦେଇଛନ୍ତି । ଏହାଛଡ଼ା ରାଜ୍ୟ ଓ ଜାତୀୟସ୍ତରର ୩୦ରୁ ଅଧିକ ପ୍ରତିଷ୍ଠିତ ଅଧ୍ୟାପକଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ଉନ୍ନତ କରିଛି। ଉକ୍ତ ସିଏମ୍ଇରେ ସହଭାଗିତା କରି ଅଙ୍କୁରା ନିରବଚ୍ଛିନ୍ନ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଓଡ଼ିଶାକୁ ଅତ୍ୟାଧୁନିକ ଶିଶୁ ଚିକିତ୍ସା ପଦ୍ଧତି ଆଣିବା ଏବଂ ଏକ ସହଭାଗୀ ମେଡିକାଲ ଇକୋସିଷ୍ଟମ ଗଠନ କରିବାର ନିଜର ଦୃଷ୍ଟିକୋଣକୁ ସୁଦୃଢ଼ କରିବା ଜାରି ରଖିଛି । ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍‌ଡ୍ରେନ୍ ଭଳି ଅନୁଷ୍ଠାନଗୁଡ଼ିକ ସକ୍ରିୟ ଭାବେ ଏଭଳି ପ୍ରୟାସକୁ ପରିଚାଳନା କରୁଥିବା ବେଳେ ଶିଶୁ ସ୍ୱାସ୍ଥ୍ୟସେବା ଓ ଜରୁରିକାଳୀନ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠାଲାଭ କରିବାକୁ ଓଡ଼ିଶା ପ୍ରସ୍ତୁତ ରହିଥିବା କୁହାଯାଇଛି।

# ବେଦାନ୍ତ ଆଲୁମିନିୟମ ପାଳିଲା ଓଡ଼ିଶା ଦିବସ



**ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)**

ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳନ କରାଯାଇଛି। ଉତ୍ସବରେ ୩,୦୦୦ରୁ ଅଧିକ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟ ଏକାଠି ହୋଇଥିଲେ। ସଂଗୀତ, ନୃତ୍ୟ ଏବଂ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତି ସମେତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଚିକିତ୍ସକ ଡା. ସଞ୍ଜୀବ କୁମାର ମିଶ୍ରଙ୍କୁ ଏହି ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଏବଂ ସାମୁଦାୟିକ ସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ଅଞ୍ଜଳି ଦତ୍ତ ଏବଂ ସଚିନ ରାଉତଙ୍କ ମନୋରମ ପ୍ରଦର୍ଶନ ପ୍ରଦର୍ଶିତ ହୋଇଥିଲା। ଦେବଦାସୀ ଅନୁଷ୍ଠାନ ଏବଂ ଏକ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଆମେ ରାଜ୍ୟର ପରିଚୟକୁ ପରିଭାଷିତ କରୁଥିବା ପରମ୍ପରାଗୁଡ଼ିକୁ ପାଳନକରି ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ସ୍ଥାୟୀ ସୁଯୋଗ ସୃଷ୍ଟିକରିବା ନିମନ୍ତେ ସମ୍ପ୍ରଦାୟଗୁଡ଼ିକ ସହିତ ସହଭାଗୀ ହେବାକୁ ପ୍ରତିବଦ୍ଧ।

# ‘ଅରେଞ୍ଜ ଇକୋନୋମି’କୁ ପ୍ରୋତ୍ସାହନ

**୧୫,୦୦୦ ସ୍କୁଲ, ୫୦୦ କଲେଜରେ ହେବ କଣ୍ଟେଣ୍ଟ କ୍ରିଏଟର ଲାବ୍**

**ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)**

‘ଅରେଞ୍ଜ ଇକୋନୋମି’ କ୍ଷେତ୍ର ଭାବେ ପରିଚିତ ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ ଏବଂ କମିକ୍ସ(ଏଭିଜିସି) କ୍ଷେତ୍ର ସମେତ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ବଜେଟରେ ବ୍ୟାପକ ଅର୍ଥ ବ୍ୟବସ୍ଥା କରିଛନ୍ତି । ଭାରତକୁ ବିଶ୍ୱସ୍ତରୀୟ କଣ୍ଟେଣ୍ଟ କ୍ରିଏସନ୍ ହବ୍ ଭାବରେ ପରିଚିତ କରାଇବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରାଯାଇଛି। ନିକଟରେ ସଂସଦରେ ପାରିତ ହୋଇଥିବା କେନ୍ଦ୍ରୀୟ ବଜେଟ ୨୦୨୬–୨୭ ଘୋଷଣା ଅନୁଯାୟୀ, ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଏବଂ ୫୦୦ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ଲାବ୍(ସିସିଏଲ୍ ) ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଭିଜିସି – ଏକ୍ସଆର କ୍ଷେତ୍ର ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବରେ ଆଇଆଇସିଟି ଗଠନ କରାଯାଇଛି। ୨୦୨୫ ଜୁଲାଇରୁ ଏହା ମୁମ୍ବାଇର ଆଇଆଇସିଟି–ନ୍ୟାଶନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏଫ୍‌ଡିସି) ପରିସରରୁ କାର୍ଯ୍ୟ କରୁଛି। ଏହା ଅଧୀନରବ ବର୍ତ୍ତମାନ ୧୮ଟି ପାଠ୍ୟକ୍ରମ ଆରମ୍ଭ କରାଯାଇଛି, ଯେଉଁଥିରେ ୧୩୬ ଜଣ ଛାତ୍ର ନାମ ଲେଖାଇଛନ୍ତି ଏବଂ ୧୫ ଜଣ ଅଂଶଗ୍ରହଣକାରୀ ‘ଟ୍ରେନ୍–ଦି–ଟ୍ରେନର’ କାର୍ଯ୍ୟକ୍ରମ ସମାପ୍ତ କରିଛନ୍ତି। ମୁମ୍ବାଇର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି(ଆଇଆଇସିଟି)କୁ କଣ୍ଟେଣ୍ଟ କ୍ରିଏଟର ଲ୍ୟାବର ଯୋଜନା, ସମନ୍ୱୟ ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତ କରାଯାଇଛି।ଲୋକସଭାରେ କୃତି ଦେବୀ ଦେବବର୍ମନ ଏବଂ ଶ୍ରୀ ଏଟାଲା ରାଜେନ୍ଦ୍ରଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନଙ୍କ ଦ୍ୱାରା ଏକ ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି।

# ତ୍ରିଶୂଳିଆରେ କାନାରା ବ୍ୟାଙ୍କର ନୂଆ ଶାଖା



**ଭୁବନେଶ୍ୱର, ୨।୪**

କଟକ ଜିଲା ତ୍ରିଶୂଳିଆସ୍ଥିତ ପଦ୍ମନାଭନଗରରେ କାନାରା ବ୍ୟାଙ୍କର ଏକ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ସୁମନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଶାଖାକୁ ମିଶାଇ କାନାରା ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ରାଜ୍ୟରେ ୨୮୭ରେ ପହଞ୍ଚିବା ସହ କଟକ କ୍ଷେତ୍ରର ଶାଖା ସଂଖ୍ୟା ୬୧ରେ ପହଞ୍ଚିଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ ଯୋଗଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କ ଉପ ମହାପ୍ରବନ୍ଧକ ନେତ୍ରମୋହନ ପାତ୍ର, କଟକ ଅଗ୍ରଣୀ ଜିଲା ପ୍ରବନ୍ଧକ(ଏଲ୍‌ଡିଏମ୍) ସତ୍ୟରଞ୍ଜନ ମହାନ୍ତି, କଟକ କ୍ଷେତ୍ରୀୟ ମୁଖ୍ୟ ଟି. ଅଖିଲା, କଟକ କ୍ଷେତ୍ର ଡିଭିଜନାଲ ମ୍ୟାନେଜର ଏସ୍.ସି.ମଲ୍ଲ ଏବଂ ନୂତନ ଶାଖା ପ୍ରବନ୍ଧକ ତାପସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବନ୍ଧୁକ ସହ ବନ୍ଧାହେଲେ କାହ୍ନା

ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)

ବନ୍ଧୁକ ରଖି ସୁନ୍ଦରପଦା ଅଞ୍ଚଳରେ ଭାଇଗିରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରପଦା ତଳସାହିର ଅମରେଶ ରାଉତ ଓରଫ କାହ୍ନା। ସେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବୁଧବାର ଅପରାହ୍ନ ୨ଟାରେ ବସିଥିବାବେଳେ ଖବରପାଇ ପୋଲିସ ଅତର୍କିତ ଚଢ଼ାଉ କରି ମାଡ଼ି ବସିଥିଲା। କାହ୍ନାଙ୍କ ଅଣ୍ଟା ଯାଞ୍ଚ ପରେ ଦୁଇଟି ସେମି ଅଟୋମେଟିକ୍ ବନ୍ଧୁକ ସହ ୧୦ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ନେଇ ସନ୍ଦେହ କରାଯାଉଛି ବୋଲି ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏସିପି ମାନସ କୁମାର ସ୍ୱାଇଁ କହିଛନ୍ତି।

୨୦୨୧ରେ ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ଅଭିଯୁକ୍ତ କାହ୍ନା ଗିରଫ ହୋଇଥିଲେ। ଝରାଫୁଲଙ୍କୁ ରାଜଧାନୀରେ ଏକ ହୋଟେଲରେ ହତ୍ୟା କରି କୁଆଖିଆ ଥାନା ଅଞ୍ଚଳରେ




ଗିରଫ କାହ୍ନା ଏବଂ ଜବତ ବନ୍ଧୁକ, ଗୁଳି, ମୋବାଇଲ୍ ଓ ଟଙ୍କା।

- ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ
- ସୁନ୍ଦରପଦାରେ ଭାଇଗିରି କରୁଥିଲେ
- ୨ ସେମି ଅଟୋମେଟିକ ପିସ୍ତଲ,୧୦ ରାଉଣ୍ଡ ଗୁଳି ଜବତ

କାହ୍ନା ଫିଙ୍ଗି ଦେଇଥିଲେ। କୁଆଖିଆ ପୋଲିସ ତଦନ୍ତ କରିବା ପରେ ଅଭିଯୁକ୍ତ କାହ୍ନାଙ୍କୁ ସୁନ୍ଦରପଦାରୁ ଗିରଫ କରିଥିଲା। ସେ ଜେଲରେ କିଛି ବର୍ଷ ରହିବା ପରେ ଜାମିନ୍‌ରେ ବାହାରିଥିଲେ। ତେବେ ସେ ଜେଲରେ ଥିବା ସମୟରେ କିଛି ଆନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କ ସହ ସମ୍ପର୍କରେ ଆସିଥିଲେ। ଜେଲରୁ ବାହାରିବା ପରେ ସେ ଜମି ବିକ୍ରି ମାର୍କେଟିଂ କରୁଥିଲେ। ଏହାସହ ଜମି ପଜେଶନ୍ ଦେବାରେ ସେ ମଧ୍ୟସ୍ଥତା କରୁଥିଲେ। ସେଥିପାଇଁ ସେ ବନ୍ଧୁକ କିଣି ନିଜ ପାଖରେ ରଖିବା ସହ ଏହାକୁ ବିକ୍ରି କରୁଥିଲେ। ଜେଲରୁ ଫେରିଥିବାରୁ କାହ୍ନା ମଧ୍ୟ ଆଉ ପୋଲିସକୁ ଭୟ କରି ନ ଥିଲେ। ସୁନ୍ଦରପଦା ଅଞ୍ଚଳରେ ଅଣ୍ଟାରେ ବନ୍ଧୁକ ଖୋସି ଦାଦାଗିରି ଦେଖାଉଥିଲେ। ଏପରି କି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକମାନଙ୍କୁ ନେଇ ଏକ ଗ୍ୟାଙ୍ଗ୍ କରି ଭାଇଗିରି କରୁଥିଲେ। ଇତିମଧ୍ୟରେ କାହ୍ନାଙ୍କ ନିକଟରେ ୨ଟି ଚୋରା ବନ୍ଧୁକ ଥିବା ନେଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ସୁନ୍ଦରପଦା ଅଞ୍ଚଳରେ ଜାଲ ବିଛାଇଥିଲେ। କାହ୍ନା ବୁଧବାର ଅପରାହ୍ନରେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବସିଥିବାବେଳେ ସ୍ପେଶାଲ୍ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି କାହ୍ନା ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ତାଙ୍କ ଅଣ୍ଟାରେ ଖୋସା ହୋଇଥିବା ଦୁଇଟି ସେମି ଅଟୋମେଟିକ ପିସ୍ତଲ ସହ ୧୦ ରାଉଣ୍ଡ ଅଫୁଟା ଗୁଳି, ୨ଟି ମାଗାଜିନକୁ ଜବତ କରିଥିଲା। ଏହାସହ ଏକ ବାଇକ ମଧ୍ୟ ଜବତ ହୋଇଛି। ଏହି ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଠାବ କରାଯିବ ବୋଲି ପୋଲିସ କହିଛି। ଗତ ଦେଢ଼ ବର୍ଷରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୬ରୁ ଅଧିକ ବନ୍ଧୁକ ଜବତ କରିଥିବା ସୂଚନା ମିଳିଛି।

## କମ୍ପାନୀର ମ୍ୟାନେଜର ଲୁଟିଲେ ୪.୫୬କୋଟି

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁକଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)

ନୀଳଚକ୍ର ମେଟାଲ ପ୍ରୋସେସର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ମ୍ୟାନେଜର ସାଜି ନକଲି ବିଲ୍ ଏବଂ ଜିଏସ୍‌ଟି ଇନ୍‌ଭଏସ୍ ମାଧ୍ୟମରେ କମ୍ପାନୀର ମ୍ୟାନେଜର ପ୍ରଦୀପ କୁମାର ସାହୁ ୪.୫୬କୋଟି ଟଙ୍କା ଠକି ନେଇଛନ୍ତି। ଏନେଇ ଅଭିଯୋଗକାରୀ କୁମାର ଅଭିଜିତ ସାହୁ ଲକ୍ଷ୍ମୀସାଗର ଥାନାରେ ପ୍ରଥମେ ଅଭିଯୋଗ କରିଥିଲେ। ହେଲେ ସେଠାରୁ କିଛି ସୁଫଳ ନ ମିଳିବାରୁ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ତଦନ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ପରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏକ ମାମଲା( ନଂ.୭/୨୬ ମାମଲା ରୁଜୁ କରିଛି। ଅଭିଯୁକ୍ତ ପ୍ରଦୀପଙ୍କ ବିରୋଧରେ ଆଇପିସି ଦଫା ୪୦୮, ୪୪୮, ୪୬୮,୫୦୬ ଲଗାଇ ତଦନ୍ତ କରାଯାଉଛି। ଇଓଡବ୍ଲ୍ୟୁ ଇନ୍ସପେକ୍ଟର ସୁବ୍ରତ ପଣ୍ଡା ଏହି ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି। ତଦନ୍ତ ଅଧିକାରୀ ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବା ସହ ଟଙ୍କା ଯାଇଥିବା ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି।

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

### ଛାତ୍ରୀଙ୍କ ଆତ୍ମାହୁତି ଘଟଣା

ଆସିକା,୨।୪(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକ କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମରେ ଗତ ଶନିବାର ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଯୁକ୍ତ ୩ ଛାତ୍ରୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ଘଟିଥିଲା। ପ୍ରେମରେ ପ୍ରତାରଣାର ଶିକାର ହୋଇଥିବା ପୂର୍ବରୁ ଛାତ୍ରୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ପ୍ରକାରେ ପୋଲିସ ଗତ ଶନିବାର କୋଦଳା ନିକଟସ୍ଥ ଶାଳବଣି ଗ୍ରାମର କାହ୍ନୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଛାତ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ବାପା କୋଟିନଡ଼ା ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କାହ୍ନୁ ଝିଅକୁ ପ୍ରତାରିତ କରିବା ସହ ଟେଲିଫୋନରେ ତାଙ୍କୁ କଟୁ ମନ୍ତବ୍ୟ ଦେବାରୁ ହତୋତ୍ସାହିତ ହୋଇ ଝିଅ ଜୀବନ ହାରିଲା ବୋଲି ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏଥିରେ ଅଭିଯୁକ୍ତଙ୍କ ଭାଇଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରାଯାଇଛି। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ଛାତ୍ରୀଙ୍କୁ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ନଂ.୧୦୭/୨୬ରେ ଆଉ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ କାହ୍ନୁଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଆକ୍ରମଣ, ପ୍ରତି ଆକ୍ରମଣରେ ୨ ଆହତ

### ଦିନ ଦ୍ୱିପ୍ରହରରେ ଭୁଜାଲି ମାଡ଼

ଅତାବିରା,୨।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା ଫାଣ୍ଡି ଅଞ୍ଚଳରେ ଗତ ବୁଧବାର ଦିନ ଦ୍ୱିପ୍ରହରରେ ବିଚ ରାସ୍ତାରେ ଭୁଜାଲି ମାଡ଼ ହୋଇଛି। ଭୁଜାଲି ମାଡ଼ରେ ଜଣେ କୁକୁଡ଼ା ଦୋକାନୀ ଆହତ ହୋଇଥିବା ବେଳେ ପ୍ରତି ଆକ୍ରମଣରେ ଅଭିଯୁକ୍ତ ଜଣକ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ଗୋବର୍ଦ୍ଧନ ପାଣ୍ଡେ (୩୮) ଏବଂ ଗୋଡଭଗା ନିବାସୀ ପିଙ୍କୁଲ ଦାଶ(୩୫)। ଦୋକାନୀ ଗୋବର୍ଦ୍ଧନଙ୍କ ଏତଲା କ୍ରମେ ଅତାବିରା ପୋଲିସ ଗୁରୁବାର ଏକ (ନଂ. ୧୩୨/୨୬) ମାମଲା ରୁଜୁ କରି ଘଟଣାରେ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଦ୍ୱିପ୍ରହରରେ ଗୋଡଭଗା କ୍ୟାମ୍ପରୁ ଗୋଡ଼ଭଗା ଗ୍ରାମକୁ ସଂଯୋଗ କରୁଥିବା ପୁରୁଣା ରାସ୍ତା ପାର୍ଶ୍ୱରେ ଥିବା ଏକ କୁକୁଡ଼ା ଦୋକାନକୁ ପିଙ୍କୁଲ ଆସିଥିଲେ। ଦୋକାନରେ ଗୋବର୍ଦ୍ଧନ ଓ ପିଙ୍କୁଲଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ପିଙ୍କୁଲ ରାଗିଯାଇ ଗୋବର୍ଦ୍ଧନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୋବର୍ଦ୍ଧନ ଆହତ ହୋଇଥିଲେ। ପ୍ରତି ଆକ୍ରମଣରେ ପିଙ୍କୁଲ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଚିକିତ୍ସା ପରେ ଗୋବର୍ଦ୍ଧନ ଘରକୁ ଫେରିଛନ୍ତି। ପିଙ୍କୁଲଙ୍କୁ ଚିକିତ୍ସା ପାଇଁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋବର୍ଦ୍ଧନ ସ୍ଥାନୀୟ ଥାନାରେ ଏତଲା ଦେଇଥିବା ବେଳେ ପ୍ରତିପକ୍ଷରୁ ଏପର୍ଯ୍ୟନ୍ତ ଏତଲା ହୋଇ ନ ଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

ପ୍ରକାଶଥାଉକି, ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଥମିବାର ନାଁ ନେଉନି। ନିଶାକାରବାର ବୃଦ୍ଧି ପାଉଥିବାରୁ ଏଭଳି ଅପରାଧ ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏଥିପ୍ରତି ଦୃଷ୍ଟି ଦେଇ ବରଗଡ଼ ଏସପି ଏଠାରେ ନିଶା କାରବାର ଦମନ କରିବା ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସମ୍ବଲପୁର କୋର୍ଟକୁ ପୁଣି ବୋମା ଧମକ

### କୋର୍ଟ ପରିସର ଯାଞ୍ଚ କଲେ ବୋମା ନିଷ୍କ୍ରିୟକାରୀ ଦଳ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାଜଜ୍‌ଙ୍କ କୋର୍ଟକୁ ପୁଣି ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି। କୋର୍ଟ ରେଜିଷ୍ଟ୍ରାରଙ୍କ ନିକଟକୁ ଧମକପୂର୍ଣ୍ଣ ଇ-ମେଲ୍ ବାର୍ତ୍ତା ମିଳିବା ଜଣାପଡ଼ିବା ପରେ ପୋଲିସ ପ୍ରଶାସନ ତତ୍ପର ହୋଇଥିଲା। ତତ୍ପରତା ପ୍ରକାଶ ପୂର୍ବକ ପୋଲିସ ସୁରକ୍ଷା ବାହିନୀ, ଦମକଳ ବାହିନୀ ସହ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଜିଲାଜଜ୍‌ଙ୍କ କୋର୍ଟ ପରିସର ସହିତ ସିଭିଲ କୋର୍ଟ, ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଦି ସମଗ୍ର ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ତେବେ ୩ ଘଣ୍ଟାର ଯାଞ୍ଚ ପରେ ମଧ୍ୟ କୋର୍ଟ ପରିସର ବା ଆଖପାଖ ଅଞ୍ଚଳରୁ ସେଭଳି କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ଆଜିକୁ ମିଶାଇ ଗତ ୪ମାସ ମଧ୍ୟରେ ୩ଥର ଏଭଳି ଧମକ ମିଶି ସାରିଲାଣି। ଏଥିପୂର୍ବରୁ ଗତ ଜାନୁଆରୀ ୮, ମାର୍ଚ୍ଚ ୧ରେ ଧମକପୂର୍ଣ୍ଣ ମେଲ୍ ବାର୍ତ୍ତା ଆସିଥିଲା।



ଜିଲାଜଜ୍‌ଙ୍କ କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରୁଛନ୍ତି।

ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି, ଜିଲାଜଜ୍‌ଙ୍କ କୋର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ଏଠାରେ ବୋମା ଖଞ୍ଜା ଯାଇଛି ବୋଲି ଜିଲାଜଜ୍‌ଙ୍କ କୋର୍ଟର ରେଜିଷ୍ଟ୍ରାରଙ୍କ ନିକଟକୁ ଏକ ଇ-ମେଲ୍ ବାର୍ତ୍ତା ଆସିଥିବା ସମ୍ପର୍କରେ ଖବର ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ପୋଲିସ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି। କୋର୍ଟର ପ୍ରତ୍ୟେକ ପ୍ରବେଶ ପଥରେ ଲୋକଙ୍କର ସ୍କ୍ରିନିଂ କରାଯାଉଛି। ଡିଏଫ୍‌ଏମ୍‌ଡି ଏବଂ ଏଚ୍‌ଏଚ୍‌ଏମ୍‌ଡି ଭଳି ଅତ୍ୟାଧୁନିକ ଉପକରଣ ସାହାଯ୍ୟରେ କଡ଼ା ଯାଞ୍ଚ କରାଯାଇଛି। କୋର୍ଟ ପରିସର ସହିତ ଆଖପାଖ ଅଞ୍ଚଳରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ହୋଇଛନ୍ତି। ପୂର୍ବ ମେଲ୍ ବାର୍ତ୍ତାକୁ ନେଇ ପୋଲିସ ପକ୍ଷରୁ ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମେଲ୍‌ଗୁଡ଼ିକ ବିଦେଶରୁ ଆସୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ତଦନ୍ତକାରୀ ଦଳ ଏଭଳି ଇ-ମେଲ୍ ବାର୍ତ୍ତା ପ୍ରେରଣ କରିଥିବା ନେଦରଲାଣ୍ଡ ଏବଂ ଜର୍ମାନୀ ଭଳି ଦେଶରୁ ଆଇପି ଆଡ୍ରେସ ଚିହ୍ନଟ କରିସାରିଛି। ମାତ୍ର ପ୍ରକୃତ ଅପରାଧୀଙ୍କ ପାଖରେ ପହଞ୍ଚିବା ପାଇଁ ଅନ୍ତର୍ଜାତୀୟ ନିୟମ ଅନୁସାରେ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ସମ୍ବଲପୁର ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଡ. ପ୍ରମୋଦ ରଥ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଏହି ରହସ୍ୟ ଉପରୁ ପରଦା ହଟାଇବା ଜରୁରି ବୋଲି କହିଛନ୍ତି।

## ଚୌଦ୍ୱାର ଜେଲରୁ ଫେରାର ଅନ୍ୟତମ କଏଦୀ ରାଜା ଗିରଫ

### ପୂର୍ବରୁ ଗିରଫ ହୋଇଥିଲେ ମଧୁକାନ୍ତ ରାଣା

କଟକ/ଚୌଦ୍ୱାର୨।୪(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)

ଚୌଦ୍ୱାର ଜେଲ ପାଚେରି ଡେଇଁ ଫେରାର ହୋଇଥିବା ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ପୋଲିସର ସ୍ୱତନ୍ତ୍ର ଟିମ୍ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରିଛି। ଗିରଫ ରାଜାଙ୍କୁ ଓଡ଼ିଶା ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି। ଚୌଦ୍ୱାର ଜେଲରୁ ଫେରାର ୨ ହାର୍ଡକୋର ଅପରାଧୀଙ୍କ ମଧ୍ୟରୁ ମଧୁକାନ୍ତ ରାଣାଙ୍କୁ କମିଶନରେଟ୍ ପୋଲିସ ଗତ ଫେବୃଆରୀ ୧୪ରେ ଉତ୍ତର ପ୍ରଦେଶର ବୃନ୍ଦାବନରୁ ଗିରଫ କରିଥିବା ବେଳେ ରାଜା ପୋଲିସ ଆଖିରୁ ଖସି ବୁଲୁଥିଲେ। ପୋଲିସ ବିଭିନ୍ନ ଆଡ଼େ ଜାଲ ବିଛାଇ ରାଜାଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ପ୍ରୟାସ କରିଆସୁଥିଲା।



ରାଜା ସାହାଣୀ

ସୂଚନାଯୋଗ୍ୟ, ଚୌଦ୍ୱାର ଜେଲରେ ରହୁଥିବା ହାର୍ଡକୋର ଅପରାଧୀ ରାଜା ଓ ମଧୁକାନ୍ତ ଗତ ଅକ୍ଟୋବର ୨ ତାରିଖ ରାତିରେ ଜେଲର ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଗତ ଫେବୃଆରୀ ୧୪ରେ ତୀର୍ଥକ୍ଷେତ୍ର ବୃନ୍ଦାବନରୁ ମଧୁକାନ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ୬ ମାସ ପରେ ରାଜାଙ୍କୁ ଧରିଛି। ଉଭୟ ଅପରାଧୀ କର୍ଣ୍ଣାଟକ, ବିହାର, ଓଡ଼ିଶା ଆଦି ପୋଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ରହିଥିଲେ। ଜେଲରୁ ଫେରାର ହେବାପରେ ରାଜା ଓ ତାଙ୍କ ସହଯୋଗୀମାନେ ମହୀଶୂରରେ ଏକ ଗହଣା ଦୋକାନ ଲୁଟ କରିଥିଲେ ବୋଲି ଜଣାଯାଇଛି। ରାଜାଙ୍କୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ କଟକ କମିଶନରେଟ ପୋଲିସ୍ ଟିମ୍ ଚଢ଼ାଉ କରିଥିଲା। ଏଥିସହ ବିଶେଷ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଉତ୍ତରାଖଣ୍ଡ ପୋଲିସ ସହଯୋଗରେ ରାଜାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜାନୁଆରୀରେ ଯାଜପୁର ଜିଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନ ଡକାୟତି ମାମଲାରେ ମଧୁକାନ୍ତ ଓ ରାଜା ଗିରଫ ହୋଇ ଚୌଦ୍ୱାର ଜେଲରେ ରହୁଥିଲେ।


# Classified Everyday
0674-2580101, 9692975378




**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3




Four bed-ed working women hostel with attached toilet/ bathroom available on Janpath Saheed Nagar, Bhubaneswar. Contact: N.K. Mohanty, 7609861226, 7077703443. D-17




All types of physiotherapy and massage contact 9556924059 / 7656969134. D-06

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open spa positively health benefits (Expert therapist). Kalpana - 8984846329. D-76957

**AFFIDAVIT**

By virtue of an affidavit sworn before Notary, Bhubaneswar, Dated- 30.03.2016, I, Rama Soren, Address: At- G.G.P, Kimbhiria Basti, Pandara Near Jagannath Temple, Rasulgarh, Bhubaneswar, Dist.- Khorda, Odisha, PIN- 751025 declare that I have changed the name of my daughter from Barsha Soren to Sita Soren. Henceforth, she shall be known as Sita Soren for all purposes.
Rama Soren
D-11

By virtue of an affidavit dtd.- 23.03.2026 sworn before Executive Magistrate, Bhadrak, I, Prabhuparameswar Malik, S/o.- Prakash Chandra Malik, Vill.- Jahata, P.O.- Jalanga, P.S.- Bhadrak (R), Dist.- Bhadrak, Odisha, PIN- 756181 declare that I have changed my name from Prabhu Prameswar Malik to Prabhuparameswar Malik. Henceforth, I shall be known as Prabhuparameswar Malik for all future purposes. D-16

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

**୧୯ତମ ଶ୍ରାଦ୍ଧବାର୍ଷିକୀ**
୦୩।୦୪।୨୦୨୬ (ଶୁକ୍ରବାର)



✓ଡା. କ୍ଷୀରୋଦ କୁମାର ରଥ
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୦

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



✓ଇଂ ଲଲାଟେନ୍ଦୁ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



✓ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
(ପୂର୍ବତନ ରାଜ୍ୟ ସୂଚନା କମିଶନର )
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୩

**୧୯ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଶରଦଶଶୀ ନାୟକ
ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
:ଶୋକସନ୍ତପ୍ତ:
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର।
ଧ-୦୯

**ଶ୍ରଦ୍ଧାଞ୍ଜଳି**



✓ବିମ୍ବାଧର ମିଶ୍ର
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
୨୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଟୁ,ଢୁଢୁଲ, ନାତୁଣୀ-ଗୁଗୁଲ, ନନ୍ଦୁ
ଧ-୭୫୪୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ସୁଇମିଂ ସେନ୍‌ସେଶନ ଅଞ୍ଜଳି

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। ସମ୍ପ୍ରତି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଉଥିବା ଅଞ୍ଜଳି ଭାରତୀୟ ସନ୍ତରଣର ପାୱାର ହାଉସଭାବେ ପରିଚିତ କର୍ଣ୍ଣାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଇଥିଲେ କଡ଼ା ଟକ୍କର। ରାଜ୍ୟର ଏହି ସୁଇମିଂ ସେନ୍‌ସେଶନଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

–ତପନ କୁମାର ସ୍ୱାଇଁ



୫ ସ୍ୱର୍ଣ୍ଣ ପଦକ ସହ ଅଞ୍ଜଳି ମୁଣ୍ଡା

## ଗୌରବ ବଢ଼ାଉଛି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ ଅଞ୍ଜଳି ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ରାତାରାତି ତାରକା ପାଲଟି ଯାଇଛନ୍ତି। ସଭିଙ୍କ ମୁହଁରେ ଏବେ ତାଙ୍କ ପ୍ରଶଂସା। ଟ୍ରାଇବାଲ ଗେମ୍ସର ସୁଇମିଂ ପୁଲ୍‌ରେ ଏକପ୍ରକାର ରାଜୁତି କରିଥିଲେ ଅଞ୍ଜଳି। ଭାରତୀୟ ସୁଇମିଂର ପାୱାର ହାଉସଭାବେ ପରିଚିତ କର୍ଣ୍ଣାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ ଦେଇଥିଲେ କଡ଼ା ଟକ୍କର। ୨୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଜିତି ନିଜ ବହୁମୁଖୀ ପ୍ରତିଭା ଏବଂ ସହନଶକ୍ତି ପ୍ରତିପାଦନ କରିଥିଲେ। ଏହା ବ୍ୟତୀତ ସେ ୪x୧୦୦ ମିଟର ମିଡ୍‌ଲେ ରିଲେ ଦଳର ସଦସ୍ୟାଭାବେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଦଳରେ ଅଞ୍ଜଳିଙ୍କ ସହିତ ତାଙ୍କ କିଟ୍–କିସ୍ ସାଥୀ ଅଞ୍ଜଳି ମଲିକ, ରିତିକା ମିଞ୍ଜ ଓ ରୂପାଲି ହେମ୍ବ୍ରମ ସଦସ୍ୟା ଥିଲେ। ଏମାନେ ସମସ୍ତେ 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଇ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ଯୋଗୁ ଅଞ୍ଜଳି ପ୍ରତିଯୋଗିତାର ଅନ୍ୟତମ ସଫଳ ଆଥଲେଟ୍‌ର ମାନ୍ୟତା ପାଇଥିଲେ।

୧୫ ବର୍ଷୀୟା ଅଞ୍ଜଳି ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ପ୍ରଥମ ମହିଳା ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ଏହା ପୂର୍ବରୁ ସେ ଅସ୍ମିତା ଲିଗ୍‌ରେ ପଦକ ଜିତି ପ୍ରତିଭା ଦେଖାଇଥିଲେ। କ୍ରୀଡ଼ା ଶିକ୍ଷକଙ୍କ ସହ ଭାବ ବିନିମୟ ଅବସରରେ ସନ୍ତରଣ କରିବାକୁ ଇଚ୍ଛା କରିଥିଲେ ଅଞ୍ଜଳି। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଅଞ୍ଜଳି ଜଣେ ଭ୍ୟାନ୍ ଡ୍ରାଇଭରଙ୍କ ଝିଅ ଏବଂ କିସ୍‌ରେ ସମ୍ପ୍ରତି ତାଲିମପ୍ରାପ୍ତ। ଛୋଟବେଳେ ଯେତେବେଳେ ଜଣେ କ୍ରୀଡ଼ା ଶିକ୍ଷକ ରୁଟିନ କ୍ଲାସ୍ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କ୍ରୀଡ଼ାରୁ ମନ ପସନ୍ଦର ଖେଳ ବାଛିବାକୁ କହିଥିଲେ, ସେତେବେଳେ ୧୧ ବର୍ଷୀୟା ଅଞ୍ଜଳି ଚୁପଚାପ୍ ହାତ ଉପରକୁ ଉଠାଇ ସନ୍ତରଣକୁ ପସନ୍ଦ କରିଥିଲେ। କାରଣ ଏହି କ୍ରୀଡ଼ା ସହିତ ସେ ପୂର୍ବରୁ ଅଭ୍ୟସ୍ତ ଥିଲେ।

ଅଞ୍ଜଳି ଭୁବନେଶ୍ୱରରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ଯାଜପୁର ଜିଲାର ଗହିରାଗାଡ଼ିଆ ଗ୍ରାମର ବାସିନ୍ଦା। ପହଁରିବାକୁ ଏକ ମଜାଦାର ଇଭେଣ୍ଟ ଭାବେ ସେ ନେଇଥିଲେ, ଯେଉଁଥିରେ କି ପାଣିରେ ଅଧିକାଂଶ ସମୟ ବିତାଇବାକୁ ପଡ଼େ। ମାତ୍ର କେବେ କୌଣସି ସଂଗଠିତ ତାଲିମ ପାଇ ନ ଥିଲେ। ଚାରି ଭଉଣୀଭାଇଙ୍କ ମଧ୍ୟରୁ ସବୁଠାରୁ ସାନ ଅଞ୍ଜଳିଙ୍କ ବାପା ଏକ କାରଖାନାରେ ଭ୍ୟାନ୍ ଡ୍ରାଇଭର ଭାବରେ କାର୍ଯ୍ୟ କରନ୍ତି। ୧୦ ବର୍ଷର ହୋଇଥିବା ବେଳେ ସେ କିସ୍‌କୁ ଅଧ୍ୟୟନ ପାଇଁ ଆସିଥିଲେ, ଯେଉଁଠାରେ ରାଜ୍ୟର ବିଭିନ୍ନ ସ୍ଥାନର ଆଦିବାସୀ ପିଲାମାନେ ମାଗଣା ଶିକ୍ଷା ଏବଂ ରହିବା ସୁବିଧା ପାଇଥାନ୍ତି।

କ୍ୟାରିୟର ଆରମ୍ଭରେ ସେ ବଡ଼ ଭଉଣୀଙ୍କଠାରୁ ପ୍ରେରଣା ପାଇଥିଲେ। ତାଙ୍କ ଭଉଣୀ ଜଣେ ତୀରନ୍ଦାଜ। ମାତ୍ର ଅଞ୍ଜଳି ଚୟନ ସୁଯୋଗ ପାଇବାମାତ୍ରେ ନିଜ ପ୍ରିୟ ଖେଳ ସୁଇମିଂକୁ ବାଛିଥିଲେ ଏବଂ ଆତ୍ମବିଶ୍ୱାସର ସହ ଏଥିରେ ମନୋନିବେଶ କରିଥିଲେ। ଆତ୍ମବିଶ୍ୱାସକୁ ଦୃଢ଼ କରିବା ପାଇଁ ଯଦିଓ ସମୟ ଲାଗିଥିଲା ତେବେ ଗୋଟିଏ ବର୍ଷ ପରେ ଏକ ସ୍ଥାନୀୟ କ୍ଲବ୍ ଟୁର୍ନାମେଣ୍ଟରେ ରୌପ୍ୟ ପଦକ ଜିତିବା ପରଠାରୁ ଆଉ କେବେ ପଛକୁ ଫେରି ଚାହିଁ ନାହାନ୍ତି।

"କ୍ୟାରିୟର ଆରମ୍ଭରେ ପ୍ରଥମେ ରୌପ୍ୟ ପଦକ ହାସଲ କରିଥିବାରୁ ଏହା ମୋ ପାଇଁ ବହୁତ ସ୍ୱତନ୍ତ୍ର। ଏହା ମୋତେ ଆତ୍ମବିଶ୍ୱାସ ଦେଇଥିଲା ଯେ ମୁଁ ଏହି ଖେଳରେ ଭଲ କରିପାରିବି। ଟ୍ରେନିଂ ସେସନ ସମୟରେ ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ କୋଚ୍‌ମାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି" ବୋଲି ୧୫ ବର୍ଷୀୟା ଅଞ୍ଜଳି ପ୍ରକାଶ କରିଛନ୍ତି। ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ପ୍ରଥମ ଦିବସରେ ହିଁ ଅଞ୍ଜଳି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ସେ ଯଦି ୨:୩୯:୦୨ ସେକେଣ୍ଡ ସମୟ ନେଇ ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣରେ ସ୍ୱର୍ଣ୍ଣ ଜିତି ନ ଥାନ୍ତେ ତେବେ ଭାରତର ସୁଇମିଂ ପାୱାର ହାଉସ କର୍ଣ୍ଣାଟକ ପ୍ରଥମ ଦିନରେ ସମସ୍ତ ୬ଟି ଯାକ ସ୍ୱର୍ଣ୍ଣ ପଦକ ଜିତି ଯାଇଥାନ୍ତା।

କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟଦ୍ୱାରା ଆରମ୍ଭ କରାଯାଇଥିବା ଅସ୍ମିତା ଲିଗ୍‌ରୁ ହିଁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଥିଲା ବୋଲି ଅଞ୍ଜଳି ଜୋର୍‌ଦେଇ କହିଛନ୍ତି। ଅସ୍ମିତା ଲିଗ୍ ମହିଳା କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ସୁଯୋଗ ସୃଷ୍ଟି କରୁଛି। "୨୦୨୪ ରେ, ମୁଁ ସମ୍ବଲପୁରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍‌ରେ ୨ଟି ରୌପ୍ୟ ପଦକ ଜିତିଥିଲି। ଅନ୍ୟ ଦୁଇଟି ଇଭେଣ୍ଟରେ ମୁଁ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲି। ଏହି ପ୍ରଦର୍ଶନ ମୋର ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଥିଲା। ଆଗାମୀ ଟୁର୍ନାମେଣ୍ଟ ଗୁଡ଼ିକରେ ମୁଁ ଆହୁରି ଭଲ କରିପାରିବି ବୋଲି ବିଶ୍ୱାସ ଦୃଢ଼ ହୋଇଥିଲା" ବୋଲି ଅଞ୍ଜଳି କହିଛନ୍ତି। ଗୁଆହାଟୀରେ ମାର୍ଚ୍ଚ ୨୧ ଏବଂ ୨୨ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପୂର୍ବାଞ୍ଚଳ ଅସ୍ମିତା (୧୫ ଓ ୧୮ ବର୍ଷରୁ କମ୍) ସୁଇମିଂ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସେ ୨ଟି ରୌପ୍ୟ ପଦକ ଜିତିଥିଲେ। ଏହି ଫର୍ମକୁ ସେ ବଜାୟ ରଖି ଛତିଶଗଡ଼ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମକ ଦେଖାଇଥିଲେ।

ଏପରି ଐତିହାସିକ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶାର ଏହି ସନ୍ତରଣ ପ୍ରତିଭା ଆହୁରି ଭଲ ପ୍ରଦର୍ଶନ କରି ପାରିଥାନ୍ତେ ବୋଲି ସ୍ୱୀକାର କରିଛନ୍ତି। ସେ ନିଜ ବ୍ୟକ୍ତିଗତ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିଲେ, ଯାହାକି ସମ୍ଭବ ହୋଇ ନ ଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦିଗ୍‌ଦର୍ଶନରେ ଏହି ଅନୁଷ୍ଠାନରେ ପାଠପଢ଼ା ସହ କ୍ରୀଡ଼ାରେ ଉତ୍କର୍ଷ ହାସଲ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉଛି। ଏଠାରୁ ଅନେକ କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିସାରିଛନ୍ତି। ଅଞ୍ଜଳି ମୁଣ୍ଡା ହେଉଛନ୍ତି ଏହାର ଏକ ସଦ୍ୟତମ ଉଦାହରଣ।

## 'ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପଭାବେ ନିଆଯାଉଛି'


କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ

କିଟ୍ ଓ କିସ୍‌ରେ ସମୁଦାୟ ୧୫ଟି ସୁଇମିଂ ପୁଲ୍ ରହିଛି। 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'ରେ ୮୦୦ ଆଦିବାସୀ ପିଲା ଟ୍ରେନିଂ ନେଉଛନ୍ତି। ସେମାନଙ୍କୁ ଟ୍ରେନିଂ ଦେବାପାଇଁ ୫୨ କୋଚ୍/ଟ୍ରେନର ନିଯୁକ୍ତ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପ (life-saving activities) ଭାବେ ବିବେଚନା କରନ୍ତି। ତେଣୁ କିଟ୍ ଓ କିସ୍‌ର ସମସ୍ତ ଆଥଲେଟ୍‌ଙ୍କ ପାଇଁ ସୁଇମିଂ ଓ ଯୋଗକୁ ବାଧ୍ୟତାମୂଳକ କରାଯାଇଛି। କାରଣ ଆବଶ୍ୟକ ପଡ଼ିଲେ ସେମାନେ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନ ମଧ୍ୟ ରକ୍ଷା କରିପାରିବେ। 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'ରେ ବିଗ୍‌ନରଙ୍କଠାରୁ ଆରମ୍ଭ କରି ତାରକା ସୁଇମରଙ୍କୁ ଉଚ୍ଚସ୍ତରର ପ୍ରଶିକ୍ଷଣ ଦିଆଯାଉଛି। ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ କୋଚିଂ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ସୁଇମିଂ ଇଭେଣ୍ଟ ଓପନ ଥିଲା। ଏଥିରେ ସିନିୟର ସୁଇମରମାନେ ମଧ୍ୟ ଭାଗ ନେଇଥିଲେ। ସେମାନଙ୍କୁ ଟକ୍କର ଦେଇ ଏତେ ଛୋଟ ବୟସରୁ ଅଞ୍ଜଳି ଏକାକୀ ୫ ସ୍ୱର୍ଣ୍ଣ ପଦକ ହାସଲକରି ପାରିଛନ୍ତି। ଟ୍ରାଇବାଲ ଗେମ୍ସରେ କିଟ୍ ଓ କିସ୍‌ର ସୁଇମରମାନେ ମୋଟ ୭ ପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ କେଉଁଭଳି ପ୍ରଶିକ୍ଷଣ ଦିଆଯାଉଛି ତାହା ଏଥିରୁ ଅନୁମେୟ" ବୋଲି କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ଏଠାକାର ସୁଇମିଂ ଏକାଡେମୀ କୋଚିଂ ଟିମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଆରମ୍ଭ କରି ଦେଶ ଓ ବିଦେଶର ଅନ୍ୟ ନାମୀଦାମୀ କୋଚ୍ ରହିଛନ୍ତି ବୋଲି ଗଗନେନ୍ଦୁ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ତୃଣମୂଳ ସ୍ତରରୁ ଆରମ୍ଭ କରି ପ୍ରତିଦ୍ୱନ୍ଦ୍ୱିତା ପର୍ଯ୍ୟନ୍ତ ସୁଇମିଂର ବିକାଶ ଲାଗି ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ୧୨ ବର୍ଷପାଇଁ ସହଭାଗୀତା ଚୁକ୍ତି ହୋଇଥିଲା। ଏହି ଅବସରରେ ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ (ଜିଏଏଫ୍) ମୁଖ୍ୟ ନେହା ସାଲଦାନହା, ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ସହଭାଗୀତା ଚୁକ୍ତି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ମୁଖ୍ୟ ନେହା ସାଲଦାନହା, ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ ଏବଂ ଅନ୍ୟମାନେ।

# ନିକି ପ୍ରଧାନଙ୍କ ମାଇଲଖୁଣ୍ଟ



ଭାରତୀୟ ମହିଳା ହକିର ଜଣେ ପରିଚିତ ଚେହେରା ହେଲେ ନିକି ପ୍ରଧାନ। ଝାଡ଼ଖଣ୍ଡର ପ୍ରଥମ ମହିଳା ହକି ଖେଳାଳିଭାବେ ଭାରତ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଥିବା ନିକି ନିକଟରେ କ୍ୟାରିୟରର ୨୦୦ତମ ମ୍ୟାଚ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି...


ନିକି ପ୍ରଧାନ

ହାଇଦ୍ରାବାଦରେ ମାର୍ଚ୍ଚ ୧୧ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ବିଶ୍ୱକପ କ୍ୱାଲିଫାୟର୍ସର ୱେଲ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଛନ୍ତି ଭାରତର ମହିଳା ହକି ତାରକା ନିକି ପ୍ରଧାନ। ଭାରତର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ଭାବେ ବିବେଚିତ ହେଉଥିବାରୁ ସେ ଏପରି ଏକ ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସକ୍ଷମ ହୋଇଛନ୍ତି। ଫଳରେ ଜିଏମ୍‌ସି ବାଲାଯୋଗୀ ହକି ଗ୍ରାଉଣ୍ଡ (କାଜିବାଓଲି ହକି କମ୍ପ୍ଲେକ୍ସ) ତାଙ୍କ ଲାଗି ସ୍ମରଣୀୟ ହୋଇଛି। ତାଙ୍କର ଏହି ମାଇଲଖୁଣ୍ଟ ମ୍ୟାଚରେ ଭାରତ ୪–୧ ଗୋଲରେ ୱେଲ୍ସକୁ ପରାସ୍ତ କରିଥିଲା। ନଭନୀତ କୌର ୩ଟି ଗୋଲ ଦେଇ ହ୍ୟାଟ୍ରିକ୍ କରିଥିବା ବେଳେ ସାକ୍ଷୀ ରାଣା ଅନ୍ୟତମ ଗୋଲଟି ସ୍କୋର କରିଥିଲେ।

ବିହାରର ରାଞ୍ଚିସ୍ଥିତ ହେସେଲ (ଏବେ ଝାଡ଼ଖଣ୍ଡର ଖୁଣ୍ଟି)ରେ ୧୯୯୩ ଡିସେମ୍ବର ୮ରେ ଜନ୍ମଗ୍ରହଣ କରିଥିବା ନିକି ୨୦୧୬ରୁ ଭାରତୀୟ ଦଳ ପକ୍ଷରୁ ଖେଳି ଆସୁଛନ୍ତି। ଏହି ବର୍ଷ ଭାରତର ଦକ୍ଷିଣ ଆଫ୍ରିକା ଟୁର୍‌ଥିଲା ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ। ସେବେଠାରୁ ସେ ଭାରତୀୟ ରକ୍ଷଣଭାଗର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଛନ୍ତି। ସମ୍ପ୍ରତି ସେ ଝାଡ଼ଖଣ୍ଡରୁ ପ୍ରତିନିଧିତ୍ୱ କରୁଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ମହିଳା ଖେଳାଳି। ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳି ସେ ଏହି କୃତିତ୍ୱର ଅଧିକାରୀ ହୋଇଥିଲେ। ଏହା ପରେ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ଦଳର ସଦସ୍ୟା ଥିଲେ।

୩୨ ବର୍ଷୀୟା ନିକି ଭାରତୀୟ ଦଳର ଅନେକ ସ୍ମରଣୀୟ ସଫଳତାର ଅଂଶୀଦାର ରହିଛନ୍ତି। ୨୦୧୭ ମହିଳା ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୨୫ ମହିଳା ଏସିଆ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହା ବ୍ୟତୀତ ସେ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୮ ମହିଳା ହକି ବିଶ୍ୱକପ ଆଦି ଗ୍ଲୋବାଲ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଜାକର୍ତ୍ତାର ପାଲେମବାଙ୍ଗରେ ଅନୁଷ୍ଠିତ ୨୦୧୮ ଏସିଆନ ଗେମ୍ସରେ ଐତିହାସିକ ରୌପ୍ୟ ଏବଂ ୨୦୧୯ରେ ହିରୋଶିମାରେ ଆୟୋଜିତ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ଆମେରିକାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଭାରତର ସଫଳ ଅଭିଯାନରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଭାରତ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନରେ ତାଙ୍କ ଭୂମିକା ଅନବଦ୍ୟ ରହିଥିଲା। ୨୦୨୨ରେ ସ୍ପେନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳରେ ମଧ୍ୟ ସେ ସାମିଲ ଥିଲେ।

## ଅଯୋଗ୍ୟପଣ

ଫିଫା ୱାର୍ଲଡ କପ ଲାଗି ଚାଲିଥିବା
ଯୋଗ୍ୟତା ପର୍ଯ୍ୟାୟ ଶେଷ
ମଣ୍ଟେରିଠି ବଲିଭିଆକୁ ହରାଇ
ଅଠଚାଳିଶ ତମ ଦେଶ
ଇରାକ ମୁହଁରେ ହସ
ୱାର୍ଲଡ କପରୁ ବାଦ ପଡି ତିନିଥର
ଇଟାଲୀ ଖୋଜଇ ଦୋଷ।

ମେକ୍ସିକୋ, କାନାଡ଼ା ସହ ଆୟୋଜକ
ରହିଅଛି ଆମେରିକା
ଆସନ୍ତା ଜୁନ ଏଗାରରେ ହେବ
ଫିଫା ବିଶ୍ୱ କପ ପକ୍କା
ଇଣ୍ଡିଆ ନାଁ ନାହିଁ ଦେଖା
କ୍ରିକେଟ ପାଗଳ ଦେଶେ ଫୁଟବଲ
ସ୍ୱାସ୍ଥ୍ୟ ଢିଲା ଅଛି ଲେଖା।




ଚେକ୍ ରିପବ୍ଲିକ, ସ୍ୱିଡେନ, ସ୍ପେନ
ଉରୁଗୁଏ, ସ୍କଟ ଲାଣ୍ଡ
ଇକ୍ୱେଡର, କଙ୍ଗୋ, ଆଇଭରି କୋଷ୍ଟ
ବଡ଼ ସହ ଛୋଟ ମୁଣ୍ଡ
ଅଯୋଗ୍ୟ ପଣରେ ଷଣ୍ଢ
ଟିମ ଇଣ୍ଡିଆ କନ୍ଥରାରେ ଶୁଏ
ଦର୍ଶକ ପାଆନ୍ତି ଦଣ୍ଡ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ Bhubaneswar, Friday, April 3/ 2026

# କ୍ଲାସେନଙ୍କ ବିସ୍ଫୋରକ ବ୍ୟାଟିଂ



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ହେନରିଚ୍ କ୍ଲାସେନ।

କୋଲକାତା,୨।୪

ଚଳିତ ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପରସ୍ପରକୁ ଭେଟିଛନ୍ତି। ହେନରିଚ୍ କ୍ଲାସେନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ପ୍ରତିପକ୍ଷ କୋଲକାତା ସମ୍ମୁଖରେ ୨୨୭ ରନର ବିଶାଳ ଟାର୍ଗେଟ ଛିଡ଼ା କରିଛି। ଏହା ଅଜିଙ୍କ୍ୟ ରାହାନେଙ୍କର ୨୦୦ତମ ଆଇପିଏଲ୍ ହୋଇଥିବା ବେଳେ ଏହି ମ୍ୟାଚ୍ ଜରିଆରେ ଶିଭାଙ୍ଗ କୁମାର ପଦାର୍ପଣ କରିଛନ୍ତି।

ସନରାଇଜର୍ସକୁ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମାଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୫.୪ ଓଭରରେ ଦଳୀୟ ସ୍କୋରକୁ ୮୨ ରନରେ ପହଞ୍ଚାଇଥିଲେ। ହେଡ୍ ୨୧ ବଲରେ ୪୬ (୬ ଚୌକା ଓ ୩ ଛକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଅଧିନାୟକ ଇଶାନ କିଶନ ଅନ୍ୟତମ ଓପନର ଅଭିଷେକଙ୍କ ସହ ମିଶି ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ହେଲେ ନବମ ଓଭରରେ ବ୍ଲେସିଂ ମୁଜରାବାନୀ ଦୁଇ ସେଟ୍ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଅଭିଷେକ ୨୧ ବଲରେ ୪୮ (୪ ଲେଖାଏ ଚୌକା ଓ ଛକା) ଓ କିଶନ ୯ ବଲରେ ୧୪ (୩ ଚୌକା) ରନ କରି ପାଭିଲିଅନ ଫେରିଥିଲେ। ଅନିକେତ ବର୍ମା (୧) ଫେଲ ମାରିଥିଲେ। ଏହାପରେ ହେନରିଚ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଦୁହେଁ ପଞ୍ଚମ ଉଇକେଟରେ ୫୩ ବଲରେ ୮୨ ରନ ଯୋଡ଼ିଥିଲେ। ଏହାପରେ ଦଳ ଅନ୍ତିମ ଦୁଇ ଓଭରରେ ୪ ଉଇକେଟ ହରାଇଥିଲା। ଫଳରେ ସନରାଇଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ କରିଥିଲା। ଏହା ସନରାଇଜର୍ସ ଦଳର ତୃତୀୟ ସର୍ବାଧିକ ଦଳଗତ ସ୍କୋର। କ୍ଲାସେନ ୩୫ ବଲରେ ୫୨ (୪ ଚୌକା ଓ ୧ ଛକା) ଓ ନୀତୀଶ ୨୪ ବଲରେ ୩୯ (୪ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ପଦାର୍ପଣକାରୀ ଶିଭାଙ୍ଗ କୁମାର ୪ ରନ କରି ଆଉଟ୍ ହୋଇଥିବା ବେଳେ ହର୍ଷ ଦୁବେ ୩ ବଲରେ ୯ (୨ ଚୌକା) ରନ କରି ଅପରାଜିତ ରହିଥିଲେ। କୋଲକାତା ପାଇଁ ମୁଜରାବାନୀ ୪ ଓ ବୈଭବ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୨୬/୮ (ଅଭିଷେକ ଶର୍ମା-୪୮, ଟ୍ରାଭିସ ହେଡ-୪୬, ହେନରିଚ୍ କ୍ଲାସେନ-୫୨, ନୀତୀଶ କୁମାର ରେଡ୍ଡୀ-୩୯, ବ୍ଲେସିଂ ମୁଜରାବାନୀ-୪/୪୧, ବୈଭବ ଆରୋରା-୨/୪୭)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ସିଏସ୍‌କେ ବନାମ ପଞ୍ଜାବ କିଙ୍ଗ୍ସ

ସ୍ଥାନ: ଚେନ୍ନାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ସେମିଫାଇନାଲରେ ରେଡ୍ ଷ୍ଟାର

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

**ରାମକୃଷ୍ଣ ମହାପାତ୍ର ସ୍ମାରକୀ**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ରେଡ୍ ଷ୍ଟାର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରେଡ ଷ୍ଟାର ଦଳ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୮୩ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ପି. ନାୟକ ସର୍ବାଧିକ ୫୪ ଓ ସାଇ ବିଶ୍ୱେସ ୪୩ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସୋହମ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ମଧ ୯ ଉଇକେଟ ହରାଇ ୧୫୫ ରନ ମଧ୍ୟରେ ସୀମିତ ରହିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ଘୋଷାଲ ଅପରାଜିତ ୫୭ ଓ ଆଭାନ୍ ମିଶ୍ର ୩୩ ରନ ସଂଗ୍ରହ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏସ.କେ. ସାଲିକ ମହମ୍ମଦ ୬ ଓଭରରେ ୨୬ ରନ ବ୍ୟୟ କରି ବହୁମୂଲ୍ୟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କର ଉଚ୍ଚକୋଟୀର ବୋଲିଂକୁ ମୁଖ୍ୟ ଅତିଥି ବିଧାୟକ ତଥା ଓଡ଼ିଆ ସିନେମା ଜଗତର ପ୍ରତିଷ୍ଠିତ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଚ୍ଚ ପ୍ରଶଂସା କରିଥିଲେ। ଅମ୍ପାୟର ଅଜୟ କୁମାର ନାୟକ ଏବଂ ଶାଶ୍ୱତୀ ଶତପଥୀ (ପ୍ରଥମ ଓଡ଼ିଆ ମହିଳା କ୍ରିକେଟ୍ ଅମ୍ପାୟର) ମ୍ୟାଚ ପରିଚାଳନା କରିଥିଲେ। ତପନ କୁମାର ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିଥଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ଭାଗୀରଥି ଜେନା, ପ୍ରସନ୍ନ ନାୟକ, ସୂର୍ଯ୍ୟ ତ୍ରିପାଠୀ, କାମାକ୍ଷା ତ୍ରିପାଠୀ ଓ ସହସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।




ଅତିଥି ପ୍ଲେୟର୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

## ଗୁଜରାଟକୁ ୨୦-୦ରେ ହରାଇଲା ତେଲଙ୍ଗାନା

ରାଜଗିରି, ୨।୪ (ପି.ଟି.)

ସ୍ଥାନୀୟ ରାଜଗିରି ଷ୍ଟାଡିୟମରେ ଗୁରୁବାର ୧୬ତମ ଜାତୀୟ ସବ୍‌ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ମିଜୋରାମ ଓ ଦିଲ୍ଲୀ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଡିଭିଜନ 'ବି'ର ପୁଲ୍ 'ଏ'ରେ ତେଲେଙ୍ଗାନା ଅମିତ ଦୟାଲଙ୍କ ୧୦ ଗୋଲ୍ ( ୫ମ, ୨୧ତମ, ୨୨ତମ, ୩୭ତମ, ୪୧ତମ, ୪୭ତମ, ୫୦ତମ, ୫୨ତମ, ୫୫ତମ ଓ ୫୬ତମ) ଗୋଲ ବଳରେ ଗୁଜରାଟକୁ ୨୦-୦ ଗୋଲ୍‌ରେ ପରାସ୍ତ କରିଛି। ଦଳ ପକ୍ଷରୁ ହାଦ୍ରିଆନ ଲରେନ୍ସ (୨ୟ ଓ ୨୦ତମ), ହର୍ଷ କୁମାର ଗୌତମି (୪ର୍ଥ ଓ ୭ମ), ଅଖିଲ ଗୋକୁଲା (୨୪ତମ ଓ ୩୪ତମ) ଦୁଇଟି ଲେଖାଏଁ ଏବଂ ଜ୍ଞାନେଶ୍ୱର ପିଟାଲା (୧୨ତମ), ପେଣ୍ଡର ଧନରାଜ (୨୬ତମ), ଏସ୍‌ଲାଭାତ ଯୁବରାଜ (୩୫ତମ) ଏବଂ ଅଧିନାୟକ ୟାସିଥ ଜାଲା ସୂର୍ଯ୍ୟ (୪୪ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚରେ ଦିଲ୍ଲୀ ବେଙ୍ଗଲ ବିପକ୍ଷରେ ୯-୧ ଗୋଲ୍‌ରେ ବିଜୟ ଲାଭ କରିଛି। ଡିଭିଜନ 'ବି' ପୁଲ୍ 'ବି'ରେ କର୍ଣ୍ଣାଟକ- ଅରୁଣାଚଳ ମ୍ୟାଚ ୨-୨ ଗୋଲ୍‌ରେ ଡ୍ର' ରହିଛି। ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚରେ ଛତିଶଗଡ଼ ୭-୨ ଗୋଲ୍‌ରେ ହିମାଚଳକୁ ହରାଇ ଦେଇଛି। ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚରେ ଆନ୍ଧ୍ର ପ୍ରଦେଶ ଡିଭିଜନ 'ସି'ର ପୁଲ୍ 'ଏ'ର ଏକ ମ୍ୟାଚରେ ଆନ୍ଧ୍ର ପ୍ରଦେଶ ୩-୧ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି।

## ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଆରମ୍ଭ

କଟକ,୨।୪(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଠାରୁ ଆରମ୍ଭ ହୋଇଛି। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟ ପ୍ରଥମ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳାଯାଉଛି। ସନସାଇନ ଗ୍ରାଉଣ୍ଡରେ କିଟ୍ ୮୯ରନରେ ପୁରୀକୁ, ଡ୍ରିମସ ଗ୍ରାଉଣ୍ଡରେ ଢେଙ୍କାନାଳ ୯୪ ରନରେ କଟକ-ବିକ୍ସୁ, ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖୋର୍ଦ୍ଧା ୫ ଉଇକେଟରେ ଗଜପତିକୁ, ଅଡଶପୁର ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୯୭ରନରେ କନ୍ଧମାଳକୁ, ନିମପୁର ଗ୍ରାଉଣ୍ଡରେ ରାଉରକେଲା ୮୭ରନରେ ଦେବଗଡକୁ ଏବଂ ରେଲୱେ ଗ୍ରାଉଣ୍ଡରେ ସମ୍ବଲପୁର ୧୫୩ରନରେ ନୂଆପଡାକୁ ହରାଇଛି।

## ଗୋଆ, ବେଙ୍ଗଲ, ଚଣ୍ଡିଗଡ଼, ଉତ୍ତରାଖଣ୍ଡର ବିଜୟ

ରାଞ୍ଚି, ୨।୪ (ପି.ଟି.)

ଜାତୀୟ ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ଗୋଆ, ବେଙ୍ଗଲ, ଚଣ୍ଡିଗଡ଼ ଓ ଉତ୍ତରାଖଣ୍ଡ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଏଠାରେ ଗୁରୁବାର ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଡିଭିଜନ 'ସି'ର ପୁଲ୍ 'ଏ'ର ଏକ ମ୍ୟାଚରେ ଗୋଆ ୬-୩ ଗୋଲ୍‌ରେ ତେଲେଙ୍ଗାନାକୁ ପରାସ୍ତ କରିଛି। ଡିଭିଜନ 'ବି' ପୁଲ୍ 'ଏ'ର ଏକ ମ୍ୟାଚରେ ବେଙ୍ଗଲ ଦାଦ୍ରା ନଗର ହାବେଳି ଏବଂ ଦାମନ ଓ ଦିୟୁକୁ ୧-୦ ଗୋଲ୍‌ରେ ପରାଜିତ କରିଛି। ସେହିପରି ଡିଭିଜନ 'ବି'ର ପୁଲ୍ 'ବି'ରେ ଗୁଜରାଟ ବିପକ୍ଷରେ ଚଣ୍ଡିଗଡ଼ ୧୨-୧ ଗୋଲ୍‌ରେ ବିପୁଳ ବିଜୟ ଲାଭ କରିଛି। ଡିଭିଜନ 'ବି' ପୁଲ୍ 'ବି'ର ଅନ୍ୟ ଏକ ମ୍ୟାଚରେ ଉତ୍ତରାଖଣ୍ଡ ୬-୧ ଗୋଲ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଛି। ଗୋଆ ତରଫରୁ ଅଧିନାୟିକ ଡେଲିନା ମେଣ୍ଡିସ (୪୦ତମ ଓ ୪୧ତମ ମିନିଟ) ଓ ବର୍ଟିଲା କେରକେଟା (୪୮ତମ ଓ ୫୨ତମ) ଦୁଇଟି ଲେଖାଏଁ ଗୋଲ୍ ସ୍କୋର କରିଥବା ବେଳେ ସୀମା ତିର୍କୀ (୩ୟ) ଓ ବିଦ୍ୟା କୁମାରୀ (୧୬ତମ) ମଧ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ତେଲେଙ୍ଗାନା ତରଫରୁ ଆନନ୍ଦୀ ମହାନନ୍ଦ (୩୦ତମ, ୩୬ତମ) ଏବଂ ନବ୍ୟଶ୍ରୀ ଆକୁଲା (୧୫ତମ) ପ୍ରମୁଖ ଗୋଲ୍ ସ୍କୋର ଥିଲେ। ବେଙ୍ଗଲ ତରଫରୁ ଅଧିନାୟିକା ପୂଜା କୁମାରୀ ଶ' (୨୧ତମ) ବିଜୟସୂଚକ ଗୋଲ୍‌ଟିକୁ ଦ୍ୱିତୀୟ କ୍ୱାର୍ଟରରେ ସ୍କୋର କରିଥିଲେ।

## ଏପ୍ରିଲ ୫ରୁ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

ରାଜ୍ୟ ବାହୁକୁସ୍ତି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଅଲ ଓଡ଼ିଶା ୪୬ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଚଳିତ ମାସ ୫ ତାରିଖରେ ଅନୁଷ୍ଠିତ ହେବ। ବିଭିନ୍ନ ବୟସ ଯଥା ଜୁନିୟର, ସିନିୟର, ମାଷ୍ଟର ଓ ଦିବ୍ୟାଙ୍ଗ ଏବଂ ବିଭିନ୍ନ ଓଜନ ବର୍ଗରେ ଏହି ପ୍ରତିଯୋଗିତା ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ବାମହାତୀ ପ୍ରତିଯୋଗୀଙ୍କ ପାଇଁ ବାମ ହାତରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀମାନେ ୫ ତାରିଖ ସକାଳ ୬ରୁ ୯ଟା ମଧ୍ୟରେ ଉତ୍କଳ କରାଟେ ସ୍କୁଲଠାରେ ନାମ ପଞ୍ଜୀକରଣ କରିପାରିବେ। ଏହି ରାଜ୍ୟ ପ୍ରତିଯୋଗିତାରୁ ଯେଉଁମାନେ ପ୍ରଥମ ସ୍ଥାନ ହାସଲ କରିବେ ସେମାନେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇପାରିବେ।

# ଓଡ଼ିଶା ତୀରନ୍ଦାଜଙ୍କୁ ୪ ପଦକ



କୋଚ୍‌ଙ୍କ ସହ ଓଡ଼ିଶାର ପଦକ ବିଜେତା ତୀରନ୍ଦାଜ।

କଟକ,୨।୪(କୁମାରଶ୍ରୀ)

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

ରାୟପୁର ଠାରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଓଡ଼ିଶା ତୀରନ୍ଦାଜକୁ ଦୃଷ୍ଟାନ୍ତମୂଳକ ସଫଳତା ମିଳିଛି। ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀମାନେ ମୋଟ୍ ୪ଟି ପଦକ ଜିତିଥିବା ବେଳେ ଏଥିରେ ୨ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ରହିଛି। ସିଙ୍ଗଲ୍ସ କମ୍ପାଉଣ୍ଡ ରାଉଣ୍ଡରେ କେଶବ ବାନାରା ରୌପ୍ୟ ଓ ସାଗର ରାଇତା ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି କମ୍ପାଉଣ୍ଡ ପୁରୁଷ ଦଳଗତ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା। ଦଳରେ ଦିବ୍ୟରଞ୍ଜନ ମୁଣ୍ଡା, କେଶବ ଏବଂ ସାଗର ପ୍ରତିନିଧିତ୍ୱ କରୁଥିଲେ। ରିକର୍ଭ ରାଉଣ୍ଡ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଅର୍ଜୁନ ଖାରା ଏବଂ ମମିତା ଓରାମ ରାଜ୍ୟ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଶୁଭେଚ୍ଛା ଜଣାଇଛନ୍ତି।

## ମେସିଙ୍କ ଆର୍ଜେଣ୍ଟିନା ଦଳ କେରଳକୁ ଠକିଛି

**କୋଚି,୨।୪:** ଆର୍ଜେଣ୍ଟିନା ଫୁଟବଲ ଦଳ ଟଙ୍କା ନେବା ପରେ ବି ମ୍ୟାଚ୍ ଖେଳିବାକୁ ନ ଆସି କେରଳକୁ ଠକିଛି। ରାଜ୍ୟର କ୍ରୀଡ଼ାମନ୍ତ୍ରୀ ଭି ଅବଦୁରହିମାନ ଗୁରୁବାର ଏଭଳି ଅଭିଯୋଗ କରିଛନ୍ତି।

ଲାୟୋନେଲ ମେସି ଓ ଆର୍ଜେଣ୍ଟିନା ଦଳ କେରଳକୁ ଆସି ଏକ ମ୍ୟାଚ୍ ଖେଳନ୍ତୁ ବୋଲି ଆମେ ଚାହୁଁଥିଲୁ। ଏଥିଲାଗି ମୁଁ ଅନେକ ଆଲୋଚନା କରିଛି। ଅନ୍ତର୍ଜାତୀୟ ଫୁଟବଲ ଦଳକୁ ୨୫୦ କୋଟି ଟଙ୍କା ପ୍ରଦାନ କରିବା ପାଇଁ ସ୍ପନସର୍ସ ଖୋଜିବା ସହଜ କାମ ନୁହେଁ। କିନ୍ତୁ ଟଙ୍କା ନେବା ପରେ ଆର୍ଜେଣ୍ଟିନା ଫୁଟବଲ ଦଳ ଆମକୁ ଠକିଛି। ପ୍ରତିଶ୍ରୁତି ଦେବା ପରେ ନ ଆସି ସେମାନେ ଆମ ସହ ବିଶ୍ୱାସ ଘାତକତା କରିଛନ୍ତି। ଆମେ ସେମାନଙ୍କଠାରୁ ଏଭଳି ବିଶ୍ୱାସ ଘାତକତା ଆଶା କରି ନ ଥିଲୁ ବୋଲି ମନ୍ତ୍ରୀ ଅବଦୁରହିମାନ ମାଲାପୁରମରେ ଏକ ଟିଭି ଚ୍ୟାନେଲରେ କହିଛନ୍ତି। ଏଥିସହିତ ସେ ପ୍ରକାଶ କରିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଆର୍ଜେଣ୍ଟିନା ଦଳ ବିରୋଧରେ ଏକ ମକଦ୍ଦମା ରୁଜୁ କରାଯିବ। ସେମାନଙ୍କୁ ଆମକୁ କ୍ଷତିପୂରଣ ଦେବାକୁ ପଡ଼ିବ। ଏହା କେରଳରେ ଥିବା ଫୁଟବଲପ୍ରେମୀଙ୍କୁ ଦୁଃଖିତ କରିଛି।

## ଭାନ୍ ଡର୍ ଡୁସେନଙ୍କ ଅବସର

କେପ ଟାଉନ,୨।୪

ଦକ୍ଷିଣ ଆଫ୍ରିକାର ଟପ୍ ଅର୍ଡର ବ୍ୟାଟର ରାସି ଭାନ ଡର ଡୁସେନ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଘରୋଇ କ୍ରିକେଟ ଓ ଫ୍ରାଞ୍ଚାଇଜ କ୍ରିକେଟରେ ଖେଳିବା ଜାରି ରଖିବେ। ଗତ ୭ ମାସ ହେଲା ସେ ଜାତୀୟ ଦଳ ପାଇଁ ଖେଳି ନ ଥିବା ବେଳେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ପକ୍ଷରୁ ତାଙ୍କ ହାଇବ୍ରିଡ୍ ସେଣ୍ଟ୍ରାଲ କଣ୍ଟ୍ରାକ୍ଟକୁ ନବୀକରଣ କରା ନ ଯିବାରୁ ୩୭ ବର୍ଷୀୟ ବ୍ୟାଟର ଅବସର ନେଇଛନ୍ତି। ସେ ଦକ୍ଷିଣ ଆଫ୍ରିକୀୟ କ୍ରିକେଟରଙ୍କର ପରବର୍ତ୍ତୀ ପିଢ଼ିକୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରତିବଦ୍ଧ ବୋଲି ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।




ଭାନ ଡର ଡୁସେନ ଅନ୍ତର୍ଜାତୀୟ ସ୍ତରରେ ୨୦୧୮ ଅକ୍ଟୋବରରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଦ. ଆଫ୍ରିକା ପାଇଁ ୧୮ ଟେଷ୍ଟ, ୭୧ ଦିନିକିଆ ଓ ୫୭ ଟି୨୦ ଖେଳି ଯଥାକ୍ରମେ ୯୦୫, ୨୬୫୭ ଓ ୧୪୦୬ ରନ କରିଥିଲେ। ଦିନିକିଆରେ ଦ. ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ତାଙ୍କ ଆଭରେଜ ଦ୍ୱିତୀୟ ସର୍ବାଧିକ। କେବଳ ଏବି ଡି' ଭିଲିୟର୍ସଙ୍କ ଆଭରେଜ ତାଙ୍କଠାରୁ ଭଲ ଥିଲା। ସେ ଦିନିକିଆରେ ୬ ଶତକ ଓ ୧୭ ଅର୍ଦ୍ଧଶତକ ହାସଲ କରିଥିଲେ। ୨୦୧୯ରେ ସେ ଖେଳିଥିବା ପ୍ରଥମ ୯ ମ୍ୟାଚ୍‌ରେ ତାଙ୍କର ୫ ଶତକ ଥିଲା। ସେ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ୨ ଶତକ କରିବା ସହ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ରନ କରିଥିଲେ।

# ରାଇଜିଂ ଷ୍ଟୁଡେଣ୍ଟ୍ସ-ବିଶ୍ୱଭାରତୀ ଫାଇନାଲ

କଟକ,୨।୪(କୁମାରଶ୍ରୀ)

**ଓସିଏ କ୍ଲବ ଲିଗ୍**

ରାଇଜିଂ ଷ୍ଟୁଡେଣ୍ଟ୍ସ ଏବଂ ବିଶ୍ୱଭାରତୀ କ୍ଲବ ମଧ୍ୟରେ ଓସିଏ କ୍ଲବ ଲିଗ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଉଭୟ ଦଳ ଟାଇଟଲ୍ ନିମନ୍ତେ ଲଢ଼େଇ କରିବେ। ଏଥି ସହିତ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଲିଗ୍ ଉଦ୍‌ଯାପିତ ହେବ। ଓସିଏ ସହ ଅନୁବନ୍ଧିତ ସମସ୍ତ କ୍ଲବକୁ ନେଇ ୧୯ବର୍ଷ ପରେ ଏଭଳି ଲିଗ୍ ଆୟୋଜନ କରାଯାଇଛି।

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟସ ଏବଂ ୟୁନିୟନ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ରାଇଜିଂ ୮ ଉଇକେଟ ବିନିମୟରେ ୪୬୧ରନ ସଂଗ୍ରହ କରିଥିଲା। ଦୁଇ ତାରକା ବ୍ୟାଟର ଶୁଭ୍ରାଂଶୁ ସେନାପତି(୧୪୯ରନ) ଏବଂ ଗୋବିନ୍ଦ ପୋଦ୍ଦାର(୧୧୯ରନ) ଶତକ ହାସଲ କରିଥିଲେ। ୪୬୨ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ୟୁନିୟନ ସ୍ପୋର୍ଟିଂ ୩୧୬ରନରେ ଅଲଆଉଟ ହୋଇଥିଲା। କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୬୭ରନ କରିଥିଲେ। ଶତକୀୟ ପାଳି ଖେଳିବା ସହ ୩ ଉଇକେଟ ସଫଳତା ପାଇଥିବା ଗୋବିନ୍ଦ ପ୍ଲେୟାର ଅଫ ଦି ମ୍ୟାଚ ସାବ୍ୟସ୍ତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱଭାରତୀ କ୍ଲବ ୨ ଉଇକେଟରେ ଜୁଭେନାଇଲ କ୍ଲବକୁ ହରାଇଥିଲା। ରାମଚନ୍ଦ୍ର ବେହେରାଙ୍କ ୧୦୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ୍ ସମସ୍ତ ଉଇକେଟ ବିନିମୟରେ ୨୩୬ରନ କରିଥିଲା। ଅଭିଷେକ ଯାଦବ ୪ଟି ଏବଂ ଗୌରବ କୁମାରଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୪୬.୨ ଓଭରରେ ୮ ଉଇକେଟ ହରାଇ ବିଶ୍ୱଭାରତୀ ଦଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗୌରବ ମ୍ୟାଚ୍ ବିଜୟୀ ୫୧ରନର ଅପରାଜିତ ପାଳି ଖେଳି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।







ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଥମ ମ୍ୟାଚ୍‌ର ଗୋବିନ୍ଦ ପୋଦାର ଓ ଦ୍ୱିତୀୟ ମ୍ୟାଚ୍‌ର ଗୌରବ କୁମାର।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ